CMYK

- Vol.- 46, Issue No. 207
- Thursday, 29 October 2026
- ଗୁରୁବାର, ୨୯ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ହାସଲ



- ବାତ୍ୟା ପ୍ରଭାବ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ୧୭ ଜିଲ୍ଲା 'ଅର୍ଣ୍ଣବ'ପ୍ରଭାବିତ
- ୮ଟି ଜିଲ୍ଲାରେ ଅଧିକ ପ୍ରଭାବ
- ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ

ଭୁବନେଶ୍ୱର, ୨୮ ।୧୦: ବାତ୍ୟା 'ଅର୍ଣ୍ଣବ' ମୁକାବିଲା କ୍ଷେତ୍ରରେ ଓଡ଼ିଶା 'ଶୂନ୍ୟ ମୃତ୍ୟୁ' ଲକ୍ଷ୍ୟ ହାସଲ କରିଛି। ଏହି ବାତ୍ୟା ଯୋଗୁଁ ୧୭ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ୪୩,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟର ପ୍ରସ୍ତୁତି, ଜରୁରୀକାଳୀନ ମୁକାବିଲା ଏବଂ ବାତ୍ୟାର ପ୍ରଭାବ ସମ୍ପର୍କରେ ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଏହି ବୈଠକ ପରେ ରାଜ୍ୟ ସରକାର ଏହି ସୂଚନା ପ୍ରଦାନ କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ପୂର୍ବାନୁମାନ ଏବଂ ପାଣିପାଗ କେନ୍ଦ୍ରର ରିପୋର୍ଟ ଆଧାରରେ ରାଜ୍ୟ ସରକାର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ଅଗ୍ରୀମ ପ୍ରସ୍ତୁତି, ସମୟୋଚିତ ସ୍ଥାନାନ୍ତରଣ ଏବଂ ସମନ୍ୱିତ ଜରୁରୀକାଳୀନ କାର୍ଯ୍ୟକ୍ରମ ଯୋଗୁଁ ପ୍ରଶାସନ ଜୀବନହାନିକୁ ରୋକିବାରେ ସକ୍ଷମ ହୋଇଛି। ପ୍ରଭାବିତ ୧୭ଟି ଜିଲ୍ଲା ମଧ୍ୟରୁ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲ୍ଲାରେ ଅପେକ୍ଷାକୃତ ଅଧିକ ପ୍ରଭାବ ପଡ଼ିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସମନ୍ୱୟ ବୃଦ୍ଧି କରିବା ଏବଂ ପରିସ୍ଥିତି ଉପରେ ନଜର ରଖିବା ପାଇଁ ସାତ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାରେ ଉଦ୍ଧାର, ରିଲିଫ୍ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ କାର୍ଯ୍ୟକ୍ରମର ତଦାରଖ ଦାୟିତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ, ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ଆଠ ଜଣ ମନ୍ତ୍ରୀଙ୍କୁ ବିଭିନ୍ନ ଜିଲ୍ଲାରେ ନିୟୋଜିତ କରାଯାଇଥିଲା, ଯେପରି ସେମାନେ ମୁକାବିଲା କାର୍ଯ୍ୟର ତଦାରଖ କରିପାରିବେ ଏବଂ ସ୍ଥାନୀୟ ସ୍ଥିତିର ସମୀକ୍ଷା କରିପାରିବେ।

### ଓଡ଼ିଶାରେ ବାତ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ୮ ପ୍ରଭାବିତ ଜିଲ୍ଲାରେ ଖୋଲିଛି ୩୨୪ ଆଶ୍ରୟସ୍ଥଳ

ଭୁବନେଶ୍ୱର, ୨୮ ।୧୦: ସୃଷ୍ଟି ହୋଇଥିବା ବାତ୍ୟା "ଅର୍ଣ୍ଣବ"ର ଓଡ଼ିଶାରେ ପ୍ରଭାବ ସଂପର୍କିତ ସ୍ଥିତି, ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ସମୀକ୍ଷା କରିଛନ୍ତି। ଏ ସଂପର୍କରେ ଏସଆରସିଶ୍ରୀ ରାଜେଶ ପ୍ରଭାକର ପାଟିଲ, ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ଅବଗତ କରାଇଥିଲେ। ବୈଠକରେ ବାତ୍ୟା ପୂର୍ବ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବାତ୍ୟାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ସଂପର୍କରେ ଏସଆରସିଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ସମସ୍ତ ଜିଲ୍ଲା ନିୟନ୍ତ୍ରଣ କକ୍ଷ ୨୪ ଘଂଟା କାର୍ଯ୍ୟକ୍ଷମ ରହିଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରଭାବିତ ଅଂଚଳରେ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଟି ପ୍ରଭାବିତ ଜିଲ୍ଲାରେ ୩୨୪ଟି ସକ୍ରିୟ ଆଶ୍ରୟସ୍ଥଳରେ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ମୋଟ ୨,୦୬୭ଟି (୧୪୧ ସ୍ଥାୟୀ + ୧,୯୨୬ ଅସ୍ଥାୟୀ) ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଚିହ୍ନଟ ହୋଇଥିବା ୪,୧୩୯ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨,୨୪୫ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସମୁଦ୍ରରୁ ୧୧,୯୫୫ ଓ ଚିଲିକାରୁ ୭,୧୮୮ ଏହିଭଳି ମୋଟ ୧୯,୧୪୩ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି।

## ଆସନ୍ତା ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ: ଏସଆରସି

- ଗଜପତି ଜିଲ୍ଲା ଅଧିକ ପ୍ରଭାବିତ
- ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ପବନର ତାଣ୍ଡବ
- ଘୋଡ଼ା ନଦୀରେ ବନ୍ୟା ସ୍ଥିତି
- ବାହ୍ୟଜଗତରୁ ବିଚ୍ଛିନ୍ନ ୨ ଗାଁ



ଭୁବନେଶ୍ୱର, ୨୮ ।୧୦: ମଙ୍ଗଳବାର ମଧ୍ୟରାତ୍ରିରେ ବାତ୍ୟା ଅର୍ଣ୍ଣବର ଲ୍ୟାଣ୍ଡଫଲ ପ୍ରକ୍ରିୟା ଆନ୍ଧ୍ର ପ୍ରଦେଶରେ ଆରମ୍ଭ ହୋଇ ସକାଳ ପ୍ରାୟ ସାଢ଼େ ଆଠଟା ଯାଏଁ ଚାଲିଥିଲା । ପ୍ରାୟ ୬ ଘଣ୍ଟା ଏହି ପ୍ରକ୍ରିୟା ରହିଥିଲା । ରାତି ସୁଦ୍ଧା ଅର୍ଣ୍ଣବ ମାଲକାନଗିରି ଜିଲ୍ଲା ଅତିକ୍ରମ କରୁଥିବା ସୂଚନା ରହିଛି। ଏସଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ନୂଆପଡା ଦେଇ ବାତ୍ୟା ଛତିଶଗଡ଼ ଯିବା ପର୍ଯ୍ୟନ୍ତ ଆସନ୍ତା ୨୪ ଘଣ୍ଟା ଆମକୁ ସତର୍କ ରହିବାକୁ ପଡିବ । ବର୍ଷା ଯୋଗୁଁ ରାଜ୍ୟର ନଦୀ ସ୍ତର ଓ ହୀରାକୁଦ ଉପରେ ବିଶେଷ ଭାବରେ ପ୍ରଭାବ ପଡିବ ନାହିଁ । କିନ୍ତୁ ଛତିଶଗଡ଼ରେ ବର୍ଷା ଉପରେ ନଜର ରହିବ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଦକ୍ଷିଣ ଓଡିଶାର ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ହେଉଛି । ଆନ୍ଧ୍ରପ୍ରଦେଶ ପାଖାପାଖି ଅଞ୍ଚଳରେ ବର୍ଷା ହେଉଥିବାବେଳେ ଗଜପତି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ-ଗଜପତି ସୀମାନ୍ତରେ ଥିବା ତପ୍ତପାଣି ଘାଟିର ପାଲୁଖୋଲା ନିକଟରେ ଜାତୀୟ ରାଜପଥ-୩୨୬ ର ଏକ ଅଂଶ ଜଳମଗ୍ନ ହୋଇଯାଇଛି, ଯାହା ଫଳରେ ସେଠାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।ପାହାଡ଼ ଉପରୁ କାଦୁଅ ମିଶ୍ରିତ ପାଣି ତଳକୁ ବହି ଆସି ରାଜପଥକୁ ବୁଡ଼ାଇ ଦେଇଛି, ଯାହା ଫଳରେ ଘାଟିର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକ ଅଟକି ରହିଛି ।ଅନ୍ୟ ଏକ ସତର୍କ ସୂଚନାରେ, ଗଜପତି ପୋଲିସ ଲୁହାଗୁଡ଼ି-ମୋହନା ରାସ୍ତାରେ ଥିବା ଲେଡ଼ାବନ୍ଧା ପୋଲ ନିକଟରେ ଜଳସ୍ତର ବୃଦ୍ଧି ପାଇଥିବା ନେଇ ଯାତ୍ରୀମାନଙ୍କୁ ସତର୍କ କରାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲ ନିକଟରେ ବ୍ୟାରିକେଡ୍ ଲଗାଯାଇଛି ଏବଂ ଯାନବାହାନ ଚଳାଚଳକୁ ଚାନ୍ଦିପୁଟ ରାସ୍ତା ଦେଇ ଅନ୍ୟତ୍ର ମୁହାଁଇ ଦିଆଯାଇଛି ।ସେହିପରି ଦିଗପହଣ୍ଡି ଅନ୍ତର୍ଗତ ଘୋଡା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପାଣି ଯୋଗୁଁ ଖୋଲଡ଼ି,ଆମ୍ବଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି। ରାଜ୍ୟରେ ହାରାହାରି ୧୦୫ ମିମି ବର୍ଷା ହୋଇଛି ଓ ମହେନ୍ଦ୍ରଗଡ଼ରେ ୨୨୮ ମିମି ରେକର୍ଡ କରାଯାଇଛି। ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ପବନର ତାଣ୍ଡବ ଜାରି ରହିଛି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ସର୍ବତ୍ର ବର୍ଷା ଜାରି ରହିଛି। ଗଜପତି ଜିଲ୍ଲା ଅଧିକ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

## ଛତିଶଗଡ ମୁହାଁ ଅର୍ଣ୍ଣବ

- ଦୁର୍ବଳ ହୋଇଛି, ଦାଉ କମିନି
- ଆଉ ଏକ ଲଘୁଚାପ ନେଇ ବଢ଼ିଲା ଆଶଙ୍କା

ଭୁବନେଶ୍ୱର, ୨୮ ।୧୦: ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ କମି ନ ଥିବା ବେଳେ ବୁଧବାର ପୁଣି ଏକ ଲଘୁଚାପ ସୃଷ୍ଟି ହେବ। ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖରେ ଏହା ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ଏନେଇ ଏବେ ଦକ୍ଷିଣ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି ଏକ ଘୂର୍ଣ୍ଣିବଳୟ। ସମୁଦ୍ର ପତ୍ତନରୁ ଏହା ୫.୮ କିଲୋମିଟର ଯାଏଁ ବ୍ୟାପିଛି। ଅପରପକ୍ଷେ ଲ୍ୟାଣ୍ଡଫଲ୍ ପରେ ମଧ ବାତ୍ୟା ଅର୍ଣ୍ଣବର ପ୍ରଭାବ ଜାରି ରହିଛି। ରାତି ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ଛତିଶଗଡ଼ ମୁହାଁ ହେବା ନେଇ ଆକଳନ କରାଯାଇଛି। ଛତିଶଗଡ଼ ସୀମାକୁ ଲାଗିଥିବା ଜିଲ୍ଲାଗୁଡ଼ିକରେ ବର୍ଷା ସହ ୪୫ରୁ ୫୫ କିଲୋମିଟର ବେଗରେ ପବନ ବହିବା ଆଶଙ୍କା ରହିଛି।

### କେନ୍ଦ୍ରୀୟ କର୍ମଚାରୀଙ୍କୁ ଦୀପାବଳି ଭେଟି !

## ୩ ପ୍ରତିଶତ ବଢ଼ିଲା ଡିଏ

ନୂଆଦିଲ୍ଲୀ, ୨୮ ।୧୦ : କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ମିଳିବ ଦୀପାବଳି ଭେଟି। କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଏହା ଆଶ୍ୱସ୍ତିକର ଖବର । କେନ୍ଦ୍ର କ୍ୟାବିନେଟ ମହଙ୍ଗା ଭତ୍ତା (ଡିଏ) ୩ ପ୍ରତିଶତ ବୃଦ୍ଧିକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତି ମଧ୍ୟରେ ନିଆଯାଇଥିବା ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ମାସିକ ଦରମା ଏବଂ ପେନସନକୁ ସିଧାସଳଖ ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ଏହି ଆର୍ଥିକ ନିଷ୍ପତ୍ତିକୁ ଅନୁମୋଦନ କରିଛି, ଯେଉଁଥିରେ ମହଙ୍ଗା ଭତ୍ତା ଏବଂ ରିଲିଫ୍ ପାଇଁ ମୋଟ ୧୦,୦୧୬ କୋଟି ଆବଣ୍ଟନ କରାଯାଇଛି। ମହଙ୍ଗା ଭତ୍ତା ଏବଂ ରିଲିଫ୍‌କୁ ୩ ପ୍ରତିଶତ ବୃଦ୍ଧି କରୁଥିବା କ୍ୟାବିନେଟ ନିଷ୍ପତ୍ତି କର୍ମଚାରୀଙ୍କ କ୍ରୟ ଶକ୍ତି ବଜାୟ ରଖିବାରେ ସାହାଯ୍ୟ କରିବ। ସରକାର ଜୀବନଯାପନର ବୃଦ୍ଧିର ପ୍ରଭାବକୁ ପୂରଣ କରିବା ପାଇଁ ସମୟ ସମୟରେ ଏହି ଭତ୍ତାଗୁଡ଼ିକୁ ସଂଶୋଧନ କରନ୍ତି ।କେନ୍ଦ୍ରୀୟ ସେବାରେ କାର୍ଯ୍ୟରତ କର୍ମଚାରୀଙ୍କ ମାସିକ ଦରମା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବୃଦ୍ଧି ପାଇବ। ମୁଦ୍ରାସ୍ଫୀତି ଚାପ ମଧ୍ୟରେ ଏହି ବୃଦ୍ଧି କର୍ମଚାରୀ ଏବଂ ପେନସନଭୋଗୀଙ୍କ ପରିବାର ବଜେଟକୁ ମଜଭୁତ କରିବ। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦିତ ଏହି ପ୍ରସ୍ତାବ ସରକାରୀ କୋଷାଗାର ଉପରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରଭାବ ପକାଇବ।



### ଜେନେରେଟର ଧୂଆଁରୁ ଶ୍ୱାସରୁଦ୍ଧ !

## ୨ ଜୀବନ ଗଲା, ୩ ଗୁରୁତର

ବାଂଶପାଳ, ୨୮ ।୧୦: ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ସୁଡ଼ଙ୍ଗ ଗାଁରେ ଏଭଳି ଅଘଟଣ ଘଟିଛି । ଗୁରୁତରଙ୍କୁ ପ୍ରଥମେ କେନ୍ଦୁଝର ଜିଲ୍ଲା ବାଂଶପାଳ ଡ଼ାକ୍ତରଖାନା ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଗାଁରେ ଲକ୍ଷ୍ମୀପୂଜା ଚାଲିଥିଲା । ବିଦ୍ୟୁତ୍ ଲାଇନ୍ ଚାଲିଯିବା ପରେ ମଙ୍ଗଳବାର ରାତିରେ ୫ଜଣ ପିଲା ଗୋଟିଏ ଘରେ ଜେନେରେଟର୍ ଲଗାଇ କବାଟ, ଝରକା ବନ୍ଦ କରି ଶୋଇ ପଡିଥିଲେ । ବୁଧବାର ସକାଳୁ ୫ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଲୋକେ ବାଂଶପାଳ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ମୃତ ଘୋଷଣା କରିଛନ୍ତି ଡ଼ାକ୍ତର । ଅନ୍ୟ ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ନୟାକୋଟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଜେନେରେଟର ଧୂଆଁରୁ ଏହି ଅଘଟଣ ଏଠାରେ ଘଟିଥିବା କୁହାଯାଇଛି । ଏନେଇ ଶୋକର ବାତାବରଣ ସୃଷ୍ଟି ହୋଇଛି ।ମୃତକ ଦ୍ୱୟ ହେଉଛନ୍ତି, ରାଜେନ୍ଦ୍ର ସାଆନ୍ତ ଓ ନିତୁ ସାଆନ୍ତ। ଗୁରୁତରମାନେ ହେଉଛନ୍ତି ଜଗନ୍ନାଥ ଗିରି, ପ୍ରଶାନ୍ତ ଦେହୁରୀ ଓ ନିରଦାଶ ଦେହୁରୀ। ସମସ୍ତେ ସୁଡଙ୍ଗ ଗାଁର ବାସିନ୍ଦା।



## ସ୍ପେନ୍‌ରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୬୮ ମୃତ

### ଅପରେଟରଙ୍କ ତ୍ରୁଟି !

ମାଦ୍ରିଦ, ୨୮ ।୧୦: ସ୍ପେନ୍‌ରେ ବୁଧବାର ସକାଳେ ଦୁଇ ହାଇସ୍ପିଡ୍ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟି ଅତିକମ୍‌ରେ ୬୮ ଜଣଙ୍କ ମୃତ୍ୟୁ ଘଟିଛି ଓ ୭୦ ଜଣ ଆହତ ହୋଇଛନ୍ତି। ତେବେ ଏହି ଦୁର୍ଘଟଣା ପାଇଁ ମାନବୀୟ ତ୍ରୁଟି ମୁଖ୍ୟତଃ ଦାୟୀ ବୋଲି ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି । ମୁଖ୍ୟ ସିଗ୍ନାଲିଂ ବ୍ୟବସ୍ଥା ଅଚଳ ହେବା ସମୟରେ ରେଳ ନେଟ୍‌ୱର୍କ ପରିଚାଳକ ଠିକ୍ ଭାବେ ନିଜ ଦାୟିତ୍ୱ ନ ତୁଲାଇବାରୁ ଏଭଳି ଅଘଟଣ ଘଟିଲା ବୋଲି ଆଶଙ୍କା କରାଯାଇଛି ।ଏହି ରେଳଗୁଡିକର ସୁରକ୍ଷା ବ୍ୟବସ୍ଥା ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରେ। ଏଥିରେ ତ୍ରୁଟି ଦେଖାଦେଲେ ଏହାକୁ ମାନୁଆଲ୍ ମୋଡ୍‌କୁ ପରିବର୍ତ୍ତନ କରାଯାଏ। ସ୍ୱୟଂଚାଳିତ ସୁରକ୍ଷା ବ୍ୟବସ୍ଥାରେ ହଠାତ୍ ବୈଷୟିକ ତ୍ରୁଟି ଦେଖାଦେବାରୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଟ୍ରେନ୍‌ଗୁଡ଼ିକ ରେଳଧାରଣା ଉପରେ ଅଟକି ଯାଇଥିଲା। ଟ୍ରେନ୍ ଚଳାଚଳ ପୁନଃ ଆରମ୍ଭ କରିବା ସମୟରେ ଅପରେଟରଙ୍କ ଗୁରୁତର ତ୍ରୁଟି ଯୋଗୁଁ ଦୁଇଟି ଟ୍ରେନ୍ ଗୋଟିଏ ରେଳଧାରଣାକୁ ଆସିଯାଇଥିଲା। ସରକାରଙ୍କ ମୁଖପାତ୍ର ଏଷ୍ଟର୍ ପାଡିଲାଙ୍କ ଅନୁଯାୟୀ, ଗୋଟିଏ ଟ୍ରେନ୍ କାହିଁକି ରେଳଧାରଣା ଉପରେ ଅଟକି ରହିଥିଲା, ତାହା ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ଦୁର୍ଘଟଣାଗ୍ରସ୍ତ ରେଳପଥରେ ୧୯୮୦ ଦଶକରୁ ପ୍ରଚଳିତ ପୁରୁଣା ସିଗ୍ନାଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏବେ ଏହି ରେଳପଥର ଆଧୁନିକୀକରଣ କାର୍ଯ୍ୟ ଚାଲିଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହାକୁ ଏକ ଗୁରୁତର ରେଳ ଦୁର୍ଘଟଣା ବୋଲି କହିବା ସହ ପୀଡ଼ିତ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ୟୁରୋପର ସର୍ବବୃହତ୍ ହାଇସ୍ପିଡ୍ ରେଳ ନେଟ୍‌ୱର୍କ ମଧ୍ୟରୁ ଅନ୍ୟତମ ନେଟ୍‌ୱର୍କ ଥିବା ସ୍ପେନ୍‌ରେ ଏହି ଦୁର୍ଘଟଣା ପୁଣିଥରେ ରେଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଭାରତୀୟ ଦୂତାବାସ ସହିତ ଜରୁରୀକାଳୀନ ହେଲ୍‌ପ ଲାଇନରେ ଆହତ ଭାରତୀୟମାନେ ସଂପର୍କ ରକ୍ଷା କରିବାକୁ କୁହାଯାଇଛି । ଗତ ଜାନୁୟାରୀ ମାସରେ ଦକ୍ଷିଣ ସ୍ପେନ୍‌ରେ ଏକ ଟ୍ରେନ୍ ରେଳଧାରଣାରୁ ଖସି ଅନ୍ୟ ଏକ ଟ୍ରେନ୍ ସହ ଧକ୍କା ହେବାରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା।



## ନଭେମ୍ବର ୧୮ରୁ ବିଧାନସଭା ଅଧିବେଶନ

### ଅନେକ ପ୍ରସଙ୍ଗ ଉଠାଇପାରନ୍ତି ବିରୋଧୀ

ଭୁବନେଶ୍ୱର, ୨୮ ।୧୦: ଆସନ୍ତା ନଭେମ୍ବର ୧୮ ତାରିଖରୁ ବିଧାନସଭାର ୧୭ ତମ ଅଧିବେଶନ ଆରମ୍ଭ ହେବ। ନଭେମ୍ବର ୧୮ରୁ ୩୧ ଡିସେମ୍ବର ଯାଏଁ ଶୀତକାଳୀନ ବିଧାନସଭା ଚାଲିବ। ଏହି ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ। ଶୀତକାଳୀନ ଅଧିବେଶନ ସରଗରମ ରହିବାର ସମ୍ଭାବନା ରହିଛି, କାରଣ ବିରୋଧୀ ଦଳର ସଦସ୍ୟମାନେ ଆଇନଶୃଙ୍ଖଳା ପରିସ୍ଥିତି, ବନ୍ୟା ପରିଚାଳନାରେ ଅବ୍ୟବସ୍ଥା, ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ୍ ଏବଂ କୋଟିଆ ପ୍ରସଙ୍ଗ ସମେତ ଅନେକ ପ୍ରସଙ୍ଗ ଉଠାଇବେ ବୋଲି କଳ୍ପନାଜଳ୍ପନା କରାଯାଉଛି।

## ରାଷ୍ଟ୍ରପତିଙ୍କ ନିକଟରେ 'କୋଟିଆ' ବିବାଦ

### ଗୃହ ମନ୍ତ୍ରାଳୟକୁ ରିପୋର୍ଟ ତଲବ




ନୂଆଦିଲ୍ଲୀ, ୨୮ ।୧୦ କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାକୁ ନେଇ ବିବାଦ ବଢିବାରେ ଲାଗିଛି। ଏହାରି ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ପହଞ୍ଚିଛି ଏହି ବିବାଦ। ଏଥିରେ ହସ୍ତକ୍ଷେପ କରିଛି ରାଷ୍ଟ୍ରପତିଙ୍କ ସଚିବାଳୟ। ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଆବେଦନକୁ ଗ୍ରହଣ କରି କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ରିପୋର୍ଟ ମାଗିଛନ୍ତି ସେକ୍ରେଟାରି କୁଳଚନ୍ଦ୍ର କୁମାର। କୋଟିଆ ଅଞ୍ଚଳର ଭିତ୍ତିଭୂମି ସମସ୍ୟା ଓ ସୀମା ବିବାଦ ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ଆନ୍ଧ୍ରପ୍ରଦେଶରେ ମଣ୍ଡଳ ପରିଷଦ ଟେରିଟୋରିଆଲ୍ କନଷ୍ଟିଚୁଏନ୍ସି ଏବଂ ଜିଲ୍ଲା ପରିଷଦ ଟେରିଟୋରିଆଲ୍ କନଷ୍ଟିଚୁଏନ୍ସି ନିର୍ବାଚନ ତାରିଖ ବଦଳିଛି। ନଭେମ୍ବର ୩ରେ ହେବାକୁ ଥିବା ମତଦାନ ନଭେମ୍ବର ୫ରେ ହେବ।

# ଅର୍ଣ୍ଣବରେ ଛାରଖାର ଆନ୍ଧ୍ରର ବହୁ ଅଞ୍ଚଳ

- ୟାନମ ଉପକୂଳ ଅତିକ୍ରମ କରିଛି ବାତ୍ୟା
- ଆନ୍ଧ୍ରରେ ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ
- ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା
- କ୍ଷୟକ୍ଷତିର ଆକଳନ ଲାଗି କେନ୍ଦ୍ରୀୟ ଦଳ ପଠାଇବାକୁ ନାଇଡୁଙ୍କ ଅନୁରୋଧ
- ୫୭ ହଜାର ଲୋକ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତରିତ



ଭୁବନେଶ୍ୱର, ୨୮ ।୧୦: ଆନ୍ଧ୍ରରେ ତାଣ୍ଡବ ରଚିଛି ବାତ୍ୟା ଅର୍ଣ୍ଣବ। ସ୍ଥଳଭାଗ ଅତିକ୍ରମ କଲା ଅତିଭୀଷଣ ବାତ୍ୟା ଅର୍ଣ୍ଣବ। ଦୀର୍ଘ ୬ ଘଣ୍ଟା ୩୦ ମିନିଟର ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କରିଛି। ରାତି ୨ଟାରୁ ସକାଳ ୮ଟା ଯାଏଁ ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କରିଛି। ଉପକୂଳ ଅତିକ୍ରମ ସହ ଦୁର୍ବଳ ହୋଇ ଏକ ଭୀଷଣ ବାତ୍ୟାରେ ପରିଣତ ହୋଇଛି ।ଫଳରେ କାକିନାଡ଼ାରେ ବ୍ୟାପକ ଭାବରେ ଛାରଖାର କରିଦେଇଛି। ମୂଳରୁ ଓପାଡ଼ି ଫୋପାଡ଼ି ଦେଇଛି ବହୁ ବିରାଟ ବିରାଟ ଗଛ। ବିଦ୍ୟୁତ ଖୁଣ୍ଟମାନ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାର ତାଣ୍ଡବରେ ଅନେକ ସ୍ଥାନ ଛାରଖାର ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପାଣିପାଗ ବିଭାଗ କହିଛି ଯେ ବୁଧବାର ସକାଳେ ନରସାପୁରର ପ୍ରାୟ ୨୦ କିଲୋମିଟର ପୂର୍ବ-ଉତ୍ତର-ପୂର୍ବରେ ଆନ୍ଧ୍ରପ୍ରଦେଶ ଏବଂ ୟାନମ ଉପକୂଳ ଅତିକ୍ରମ କରିଥିଲା ଘୂର୍ଣ୍ଣିବଳୟ ଅର୍ଣ୍ଣବ। ବାତ୍ୟା ସମୟରେ ଗଛ ପଡ଼ିବା ଏବଂ ବିଦ୍ୟୁତ୍ ଆଘାତ ଲାଗିବା କାରଣରୁ ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବିଶାଖାପାଟଣା, ଅନକାପଲ୍ଲେ, କାକିନାଡ଼ା, କୋନାସୀମା ଏବଂ ପଶ୍ଚିମ ଗୋଦାବରୀ ଜିଲ୍ଲାରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କ ମୃତ୍ୟୁ ଖବର ମିଳିଛି। 'ଅର୍ଣ୍ଣବ' ବାତ୍ୟା ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବରିଷ୍ଠ ଅଧିକାରୀଙ୍କ ସହ ମିଶି ସ୍ଥିତିର ସମୀକ୍ଷା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ସେ ସୂଚନା ଦେଇଛନ୍ତି ଯେ, ୧୦ଟି ସ୍ଥାନରେ ଗଛ ପଡ଼ିବା ଭଳି ଛୋଟମୋଟ ବିଘ୍ନ ଦେଖାଦେଇଥିଲା, ଯାହାକୁ ତୁରନ୍ତ ସମାଧାନ କରାଯାଇଛି। ଟ୍ରେନ୍ ଚଳାଚଳକୁ ସୁରକ୍ଷିତ ଏବଂ ନିର୍ବିଘ୍ନ ରଖିବା ପାଇଁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସେ କହିଛନ୍ତି। ବାତ୍ୟାଜନିତ ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଅନୁଯାୟୀ, ପ୍ରାୟ ୫୭,୦୦୦ ଲୋକଙ୍କୁ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। କ୍ଷୟକ୍ଷତିର ଆକଳନ କରିବା ପାଇଁ ଏକ କେନ୍ଦ୍ରୀୟ ଦଳ ପଠାଇବାକୁ ଅନୁରୋଧ କରି ଶ୍ରୀ ନାଇଡୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରାୟ ୭୦,୯୦୦ ହେକ୍ଟର ଜମିରେ ଥିବା ଧାନ ଫସଲ ଏବଂ ୧୦,୪୫୦ ହେକ୍ଟର ଜମିରେ ଥିବା ଉଦ୍ୟାନ କୃଷି ଫସଲ ପାଣିରେ ବୁଡ଼ି ଯାଇଛି କିମ୍ବା ନଷ୍ଟ ହୋଇଯାଇଛି। ଏହାଛଡ଼ା ପ୍ରାୟ ୧୮୦ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।ଉତ୍ତର ଏବଂ କେନ୍ଦ୍ରୀୟ ଆନ୍ଧ୍ରପ୍ରଦେଶରେ ୨୫ ଲକ୍ଷରୁ ଅଧିକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ବିଶାଖାପାଟଣା ବିମାନବନ୍ଦରରେ ମୋଟ ୩୮ଟି ବିମାନ ଉଡ଼ାଣ ବାତିଲ କରାଯାଇଥିବା ବେଳେ ବିଜୟୱାଡ଼ାରେ ୧୭ଟି ବିମାନ ସେବା ବାତିଲ ହୋଇଛି।

CMYK

## ଦୀପାବଳିରେ କାହିଁକି ମା କାଳୀଙ୍କୁ ପୂଜା କରାଯାଏ

**ଓଁ କ୍ରିଂ କାଳିକାୟେ ନମଃ**





ଦୀପାବଳି (ଦିୱାଲି) କିମ୍ବା ଆଲୋକର ଉତ୍ସବ ଭାରତର ଏକ ଆକର୍ଷଣୀୟ ଉତ୍ସବ । ଏହି ଉତ୍ସବ ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ । କେରଳରେ ଏହି ଉତ୍ସବ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବହୁ ଆଡମ୍ବରରେ ପାଳିତ ହୋଇଥାଏ । ଦୀପାବଳି ଉତ୍ସବରେ ଲୋକେ ନୂଆ ପୋଷାକ ପିନ୍ଧିଥାନ୍ତି, ଘର ଓ ରାସ୍ତାଘାଟକୁ ଆଲୋକିତ କରି ମାଟି ଦୀପ ଜଳାଇଥାନ୍ତି ଏବଂ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି । ଏହା ପ୍ରଭୁ କୃଷ୍ଣଙ୍କ ଦ୍ୱାରା ନାରକାସୁର ବଧର ସ୍ମୃତିରେ ପାଳିତ ହୋଇଥାଏ । ଆଲୋକର ପର୍ବ ଦୀପାବଳିକୁ ଆମ ଦେଶରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଖାଲି ଦୀପାବଳି ନୁହେଁ ଏହି ଦିନରେ ବି ମା' କାଳୀଙ୍କର ହୁଏ ପୂଜାର୍ଚ୍ଚନା। ସାରା ଦେଶରେ ବହୁ ଆଡମ୍ବରରେ ପାଳନ କରାଯାଏ କାଳୀପୂଜା । ଶାସ୍ତ୍ର ଅନୁସାରେ ଯେଉଁ ସମୟରେ ସ୍ୱର୍ଗରେ ଅସୁରମାନଙ୍କର ଉତ୍ପାତ ବଢିବାରେ ଲାଗିଥିଲା ସେହି ସମୟରେ ଦେବୀ ଦୁର୍ଗା ଆବିର୍ଭାବ ହୋଇଥିଲେ । ଏହାପରେ ସମସ୍ତ ଦେବାଦେବୀଙ୍କ ଶକ୍ତିକୁ ନେଇ ଦେବୀ ଅସୁରମାନଙ୍କ ସହ ଲଢିଲେ । ଶେଷରେ ମହିଶାସୁରକୁ ବଧ କରିବା ପରେ ଦୁର୍ଗା ଥକି ପଡିଥିଲେ । ତେଣୁ ମା'ଙ୍କର କେଶ ଅଡୁଆ ହୋଇ ପଡିଥିଲା । ଶାସ୍ତ୍ର ଅନୁସାରେ ଦୁର୍ଗାଙ୍କ କେଶରୁ ହିଁ କାଳୀଙ୍କର ଆବିର୍ଭାବ ହୋଇଥିଲା । ପରେ କାଳୀ ଭୟଙ୍କର ଭାବରେ କ୍ରୋଧାନ୍ୱିତ ହୋଇଥିଲେ । ତାଙ୍କୁ ଶାନ୍ତ କରିବା ପାଇଁ କାହାରି ପାଖରେ କୌଣସି ବିଦ୍ୟା ନ ଥିଲା। ଗୋଟିଏ ପରେ ଗୋଟିଏ ଅସୁରର ମୁଣ୍ଡ କାଟିବା ସହ ତାଙ୍କ ମାଳକୁ ବେକରେ ପିନ୍ଧିଥିଲେ ମା' । ଏପରି କରାଳ ରୂପ ଦେଖି ସ୍ୱୟଂ ଭଗବାନ ଶିବ ମଧ୍ୟ କିଛି ସମୟ ପାଇଁ ସ୍ତମ୍ଭୀଭୂତ ହୋଇଥିଲେ । ଶେଷରେ ମା'ଙ୍କୁ ଶାନ୍ତ କରିବା ପାଇଁ ଅନ୍ଧାରରେ ଶିବ ଏକ ସ୍ଥାନରେ ଶୋଇ ରହିଥିଲେ । ପରେ ମା' ଉଗ୍ରମୁଖୀ ହୋଇ ଯିବା ବେଳେ ଅନ୍ଧାର ହୋଇଥିବା କାରଣରୁ ସ୍ୱାମୀଙ୍କ ଉପରେ ଚଢିଯାଇଥିଲେ । ପରେ ଯେତେବେଳେ ଦେଖିଲେ ନିଜ ସ୍ୱାମୀର ଛାତି ଉପରେ ଗୋଡ ରଖିଛନ୍ତି ତାହା ପରେ ଜିଭ କାମୁଡି ଦେବା ସହ ଶାନ୍ତ ହୋଇପଡିଥିଲେ । ସେହି ସମୟରେ ମା'ଙ୍କୁ ଅନେକ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସେହି ଦିନଠାରୁ ହିଁ ମା'ଙ୍କର ପୂଜାର୍ଚ୍ଚନା କାର୍ତ୍ତିକ ମାସ ଆମାବାସ୍ୟାରେ କରାଯିବାର ବିଧି ରହିଛି। ତେବେ ଅନେକ ଲୋକ ଭାବନ୍ତି ଯେ, ଦୀପାବଳିରେ କାହିଁକି କାଳୀଙ୍କୁ ପୂଜା କରାଯାଏ। କାରଣ ସେହି ଦିନ ରାବଣକୁ ବଧ କରି ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ତେବେ ରାମଙ୍କୁ ସ୍ୱାଗତ କରିବା ସ୍ଥାନୀୟ ଲୋକମାନେ ନିଜ ନିଜ ଦ୍ୱାର ସମ୍ମୁଖରେ ଦୀପଦାନ କରିଥିଲେ । ସେହି ଦିନ କାଳୀ ମଧ୍ୟ ଶାନ୍ତ ହୋଇଥିଲେ । ତେଣୁ ଏପରି ପୂଜା କରିବାର ବିଧି ରହିଥିବା ଜଣାଯାଏ । ବର୍ତ୍ତମାନ ସମୟରେ ଭାରତରେ ଅନେକ ସ୍ଥାନରେ କାଳୀପୂଜା ବଡ ଧୁମଧାମରେ ପାଳନ କରାଯାଉଛି ।

**ଶାସ୍ତ୍ର ଅନୁସାରେ ଦୁର୍ଗାଙ୍କ କେଶରୁ ହିଁ କାଳୀଙ୍କର ଆବିର୍ଭାବ ହୋଇଥିଲା । ପରେ କାଳୀ ଭୟଙ୍କର ଭାବରେ କ୍ରୋଧାନ୍ୱିତ ହୋଇଥିଲେ । ତାଙ୍କୁ ଶାନ୍ତ କରିବା ପାଇଁ କାହାରି ପାଖରେ କୌଣସି ବିଦ୍ୟା ନ ଥିଲା। ଗୋଟିଏ ପରେ ଗୋଟିଏ ଅସୁରର ମୁଣ୍ଡ କାଟିବା ସହ ତାଙ୍କ ମାଳକୁ ବେକରେ ପିନ୍ଧିଥିଲେ ମା' ।**

## ପାଖେଇ ଆସୁଛି ଦୀପାବଳି

ପାଖେଇ ଆସୁଛି ଦୀପାବଳି । ଏହାକୁ ଏକ ମହାନ ପର୍ବ ଭାବରେ ବିବେଚନା କରାଯାଏ । ପ୍ରତିବର୍ଷ କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ଦୀପାବଳି ପାଳନ କରାଯାଏ । ସାରା ଦେଶରେ ଦୀପାବଳି ବହୁତ ଉତ୍ସାହର ସହିତ ପାଳନ କରାଯାଏ । ଦୀପାବଳିରେ ଦେବୀ ଲକ୍ଷ୍ମୀ ଏବଂ ଭଗବାନ ଗଣେଶଙ୍କୁ ପୂଜା କରାଯାଏ । ଦୀପାବଳିର କିଛି ଦିନ ପୂର୍ବରୁ ଲୋକମାନେ ସେମାନଙ୍କ ଘର ସଫା କରିବା ଆରମ୍ଭ କରନ୍ତି । ବିଶ୍ୱାସ ଅନୁସାରେ, ଦେବୀ ଲକ୍ଷ୍ମୀ କେବଳ ସଫା ସ୍ଥାନରେ ବାସ କରନ୍ତି । ତେଣୁ, ଦୀପାବଳି ପୂର୍ବରୁ ଘର ସଫା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାର୍ମିକ ବିଶ୍ୱାସ ଅନୁଯାୟୀ ଦୀପାବଳି ସମୟରେ କିଛି ଜିନିଷ ଦେଖିବା ଶୁଭ ବୋଲି ବିବେଚନା କରାଯାଏ । ଏହି ଜିନିଷଗୁଡିକର ଦର୍ଶନ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ଏବଂ ଆର୍ଥିକ ଲାଭକୁ ସୂଚିତ କରେ

**ଲାଲ କପଡା:** ଲାଲ କପଡାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ଘର ସଫା କରିବା ସମୟରେ ଲାଲ କପଡା ପାଇବାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ଘର ସଫା କରିବା ସମୟରେ ଲାଲ କପଡା ପାଇବା ପରିବାର ସଦସ୍ୟଙ୍କ ପାଇଁ ଭଲ ସମୟକୁ ସୂଚିତ କରେ ।

**ମୟୂର ପୁଚ୍ଛ:** ଦୀପାବଳିରେ ଘର ସଫା କରିବା ସମୟରେ ମୟୂର ପୁଚ୍ଛ ମିଳିବା ଶୁଭ ବୋଲି ବିବେଚନା କରାଯାଏ । ଏହାର ସଙ୍କେତ ଯେ ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁ ଘର ଏବଂ ଏହାର ସଦସ୍ୟମାନଙ୍କ ଉପରେ ସେମାନଙ୍କର ଆଶୀର୍ବାଦ ପ୍ରଦାନ କରିଥାନ୍ତି । ଏହା ମଧ୍ୟ ସୂଚାଇ ଦିଏ ଯେ ଆର୍ଥିକ ସମସ୍ୟା ଶୀଘ୍ର ସମାଧାନ ହେବ ।

**ଟଙ୍କା ପ୍ରାପ୍ତି:** ଦୀପାବଳିରେ ଘର ସଫା କରିବା ସମୟରେ ଯଦି ଆପଣ କୌଣସି ସ୍ଥାନରେ ଟଙ୍କା ପାଆନ୍ତି, ତେବେ ଏହା ଏକ ଶୁଭ ଲକ୍ଷଣ । ପୁରୁଣା ପୋଷାକ ପକେଟରେ କିମ୍ବା ପୁରୁଣା ପର୍ସରେ ଟଙ୍କା ପାଇବାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ଏହା ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦକୁ ସୂଚିତ କରେ ।

## ମା' ସମଲାଇ



ମା'ସମଲାଇ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ। ସମଲେଶ୍ୱରୀଙ୍କ ଦକ୍ଷିଣରେ ଭୁବନେଶ୍ୱରୀ ଓ ଘଣ୍ଟାଶନି ପୂଜା ପାଉଛନ୍ତି। ମନ୍ଦିର ଗାତ୍ରରେ ଦଶମହାବିଦ୍ୟାଙ୍କ ସହିତ ମାତା ଖମ୍ବେଶ୍ୱରୀ ଅଛନ୍ତି। ମାତାଙ୍କ ମନ୍ଦିର ପରିସରରେ ଭୈରବ ମନ୍ଦିର, ମଉଳିଦେବୀ ମନ୍ଦିର ଓ ଅଖଣ୍ଡ ହନୁମାନ ମନ୍ଦିର ରହିଛି। ମନ୍ଦିର ପରିସରର ମଧ୍ୟ ଭାଗରେ ଏକ ବିରାଟ ସିଂହ ମୂର୍ତ୍ତି ରହିଛି। ଏହା ଅଷ୍ଟଧାତୁରେ ନିର୍ମିତ ହୋଇଛି। ସମଗ୍ର ଏସିଆ ଭୂଖଣ୍ଡରେ ଏତେ ବଡ଼ ସିଂହମୂର୍ତ୍ତି ଅନ୍ୟ କେଉଁଠି ନାହିଁ। ମାତାଙ୍କର ମଙ୍ଗଳ ଆଳତି ହୋଇଥାଏ ଭୋର ୫ଟା ସମୟରେ ତା'ପର ମାତାଙ୍କର ପୂଜାର୍ଚ୍ଚନା ଲାଗି ରହେ। ମଧ୍ୟାହ୍ନ ବାରଟା ବେଳକୁ ମାତାଙ୍କ ପାଖରେ ଅନ୍ନ ଭୋଗ କରାଯାଇ ୧୨.୩୦ରେ ପହଡ଼ ପଡ଼ିଥାଏ। ମାତାଙ୍କ ପୀଠରେ ନୂଆଖାଇ ହେଉଛି ଶ୍ରେଷ୍ଠ ପର୍ବ। ଏହି ଦିନ ସମଲେଶ୍ୱରୀଙ୍କୁ ନୂଆ ଧାନର ଚାଉଳରେ ଅନ୍ନ ଭୋଗ ଅର୍ପଣ କରାଯାଏ।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀ। ମା'ସମଲେଇ ବା ସମଲେଶ୍ୱରୀ ଓଡ଼ିଶାର ସେହି ଦେବୀ ଯିଏ କେବଳ ପଶ୍ଚିମ ଓଡ଼ିଶା ନୁହେଁ; ଛତିଶଗଡ଼, ଝାଡ଼ଖଣ୍ଡ ଭଳି ଏକ ବିଶାଳ ଭୂଖଣ୍ଡର ଲୋକମାନଙ୍କ ଆସ୍ଥାର କେନ୍ଦ୍ର। ଓଡ଼ିଶାର ଜୀବନରେଖା ମହାନଦୀ କୂଳରେ ଶେମେଲ (ଶିମୁଳି) ଗଛ ତଳେ ମା' ସମଲେଇ ଦେବୀଙ୍କ ଆସ୍ଥାନ ରହିଥିବାରୁ ତାଙ୍କ ନାମ ସମଲେଇ ଏବଂ ପରବର୍ତ୍ତୀ ସମୟରେ ସମଲେଶ୍ୱରୀ ହୋଇଛି। ମା'ଙ୍କ ନାମରେ ଗଢ଼ି ଉଠିଛି ପ୍ରାଚୀନ ସଂସ୍କୃତିର ସହର ସମ୍ବଲପୁର। ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଷୋଡ଼ଶ ପୂଜା ଅବସରରେ ସମଲେଶ୍ୱରୀଙ୍କୁ ୧୬ ଜ୍ୟୋତିରୂପରେ ପୂଜା କରାଯାଇଥାଏ। ଦୁର୍ଗା, ନାରାୟଣୀ, ଇଶାନି, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପରେ ମା'ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତିଦିନ ଅଲଗା ପ୍ରକାର ଭୋଗ ଲାଗି ହୋଇଥାଏ। ପୂଜକଙ୍କୁ ସ୍ୱତନ୍ତ୍ର ନୀତି ପାଳନ କରିବାକୁ ପଡ଼ିଥାଏ। ମୂଳାଷ୍ଟମୀରୁ ମହାଳୟା ପର୍ଯ୍ୟନ୍ତ କେବଳ ଗୋଟିଏ ଓଳି ଅନ୍ନ ଗ୍ରହଣ ଏବଂ ସନ୍ଧ୍ୟା ଆଳତି ପରେ ଦେବୀଙ୍କୁ ଲାଗି ହେଉଥିବା ଭୋଗ ଖାଇବା ବିଧି ରହିଛି। ଚା'ପାଣି ଠାରୁ ଆରମ୍ଭ କରି ବାହାରର କୌଣସି ଜିନିଷ ଖାଇବା ପୂଜକଙ୍କ ପାଇଁ ବାରଣ ରହିଛି। ଶଯ୍ୟାରେ ଶୋଇବା ମନା ଥିବାରୁ ତଳେ ଶୋଇବାକୁ ପଡ଼ିଥାଏ।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ଼ର ତଥ୍ୟ ମୁତାବକ ସର୍ବଦା ସିନ୍ଦୂର ବର୍ଣ୍ଣ ଧାରଣ କରୁଥିବା ମା'ସମଲେଶ୍ୱରୀ ମହାଳୟା ଅବସରରେ ଭକ୍ତମାନଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଇଥାନ୍ତି। ଏହାକୁ ଗଙ୍ଗାଦର୍ଶନ ବେଶ ବି କୁହାଯାଏ। ପୀଠେ ମହାସପ୍ତମୀ ପୂଜା ସହିତ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ ଆରମ୍ଭ ହୁଏ ଓ ମହାଷ୍ଟମୀ ପୂଜା ଅବସରରେ ଭାଇ ଜିଉଁତିଆ ପାଳନ ସହିତ ସମଲେଶ୍ୱରୀଙ୍କର 'ଖଣ୍ଡାଧୁଆ' ବିଧି ସଂପାଦନ ହୋଇଥାଏ। ନବରାତ୍ରୀ ପୂଜା ପାଇଁ ମା'ଙ୍କ ସ୍ୱତନ୍ତ୍ର ପୂଜା ନୀତି ଦେଖିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମା'ଙ୍କ ଭକ୍ତମାନଙ୍କ ଆଗମନ ହୋଇଥାଏ। ସେହି ଦିନ ରାତିରେ ସହରର ଆଖଡ଼ା ଦଳଗୁଡ଼ିକ ମନ୍ଦିରକୁ ଆସି ଆଖଡ଼ା ପ୍ରଦର୍ଶନ କରିଥାନ୍ତି। ମହାନବମୀ ଦିନ ମା'ସମଲେଶ୍ୱରୀଙ୍କ ଆଖଡ଼ା ନଗର ପରିକ୍ରମା, 'ପୀଠେ ବିଶ୍ରାମ' ଓ ଦଶହରାରେ ରଣଜିତା ଉତ୍ସବ ଅନୁଷ୍ଠିତ ହୋଇଥାଏ। ସେହିପରି କୁମାର ପୂର୍ଣ୍ଣିମାରେ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବା ସହିତ ମନ୍ଦିରରେ ନୂତନ ଧ୍ୱଜା ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ନୀତି ଅନୁଷ୍ଠିତ ହୋଇଥାଏ।

ମାତାଙ୍କ ମନ୍ଦିରରେ ୧୧୨ଟି ସ୍ଥାନରେ ଏହି ଭୋଗ ଲଗାଯାଇଥାଏ। ଶାରଦୀୟ ପାର୍ବଣର ଚମକ ବି କିଛି କମ ନଥାଏ ଏଠାରେ। ଆଶ୍ୱିନ ମୂଳାଷ୍ଟମୀ ଠାରୁ ମାତା ସମଲେଶ୍ୱରୀଙ୍କର ଷୋହଳପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ। ମହାଳୟା ଅମାବାସ୍ୟାରେ ଦେବୀ ଧବଳମୁଖୀ ବେଶ ଧାରଣ କରିଥାନ୍ତି। ଏହାକୁ ଦେବୀଙ୍କର ଗଙ୍ଗା ଦର୍ଶନ ବେଶ ମଧ୍ୟ କୁହାଯାଏ। ଦେବୀ ଗଙ୍ଗାଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ମିଳିଥାଏ, ମାତା ସମଲେଶ୍ୱରୀଙ୍କୁ ଧବଳମୁଖୀ ବେଶରେ ଦର୍ଶନ କଲେ ସେତିକି ପୁଣ୍ୟ ମିଳିଥାଏ। ଆଶ୍ୱିନ ପ୍ରତିପଦ ଠାରୁ ମାତାଙ୍କର ନବରାତ୍ରୀ ପୂଜା ଆରମ୍ଭ ହୋଇଥାଏ। ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ସମଲେଶ୍ୱରୀ ବର୍ଷସାରା ସିନ୍ଦୂର ମଣ୍ଡିତା ହୋଇଥିବା ବେଳେ ପବିତ୍ର ମହାଳୟାରେ ଦିଶନ୍ତି ଶାନ୍ତ, ଶୀତଳ ଏବଂ ଧୋବ ଫରଫର। ମାଆଙ୍କର ଏହି ନିଆରା ବାର୍ଷିକ ରୂପକୁ 'ଧବଳମୁଖୀ ବେଶ' ବା 'ଗଙ୍ଗା ଦର୍ଶନ' କୁହାଯାଏ। ମାଆ ମହାକାଳୀ, ମହାଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ସମ୍ମିଶ୍ରଣରେ ମାତା ସମଲେଶ୍ୱରୀଙ୍କୁ ଧବଳମୁଖୀ ବେଶ କରାଯାଏ। ପୁଅଜୀଉଁତିଆ ପାର୍ବଣ ଠାରୁ ମାଆଙ୍କର ଷୋହଳ ପୂଜା ଆରମ୍ଭ ହୁଏ। ମହାଳୟା ପୂର୍ବ ଦିନ ମାଆ ସତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସେହି ଦିନ ମଧ୍ୟ ରାତ୍ରରେ ପୂଜକମାନେ ମାଆ ସମଲେଶ୍ୱରୀଙ୍କୁ ଧବଳମୁଖୀ ବେଶରେ ସଜାନ୍ତି। ସକାଳେ ଅର୍ଥାତ୍ ମହାଳୟା ଦିନ ଭକ୍ତମାନେ ମା'ଙ୍କର ସେହି ଅପୂର୍ବ ବେଶରେ ରଖଯାଏ। ଏହି ରୂପର ଦର୍ଶନ କଲେ ବହୁ ପୁଣ୍ୟ ଲାଭ ହେଉଥିବା ବିଶ୍ୱାସ କରାଯାଏ। କେବଳ ସମ୍ବଲପୁର ନୁହେଁ ବରଗଡ଼ ଏବଂ ବଲାଙ୍ଗୀରରେ ମଧ୍ୟ ମାତା ସମଲେଶ୍ୱରୀଙ୍କୁ ଧବଳମୁଖୀ ବେଶ କରାଯାଏ। ସେହି ବିଶେଷ ରୂପ ଦେଖିବା ପାଇଁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ।

**ଅଲେଖ ଚନ୍ଦ୍ର ସାମଲ**

*ମୋ-୯୪୩୭୨୫୭୧୨୩*

## ୱାର୍ଲ୍ଡ଼ ଷ୍ଟ୍ରୋକ୍ ଡେ'



### ଷ୍ଟ୍ରୋକ୍ ଆପଣଙ୍କ ହାତରେ, ସଚେତନତା ହିଁ ଜୀବନ ରକ୍ଷାର ଚାବିକାଠି

ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖକୁ ବିଶ୍ୱବ୍ୟାପୀ 'ୱାର୍ଲ୍ଡ଼ ଷ୍ଟ୍ରୋକ୍ ଡେ' ଭାବେ ପାଳନ କରାଯାଏ । ମସ୍ତିଷ୍କାଘାତ ବା ଷ୍ଟ୍ରୋକ୍ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ବିଶିଷ୍ଟ ନ୍ୟୁରୋସାଇଣ୍ଟିଷ୍ଟ ଡ. ଭ୍ଲାଦିମିର ହାସିନ୍କିଙ୍କ ପ୍ରସ୍ତାବ କ୍ରମେ ୨୦୦ ମସିହାରୁ 'ୱାର୍ଲ୍ଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍' ଆନୁକୂଲ୍ୟରେ ଏହା ପାଳିତ ହୋଇଆସୁଛି । ପ୍ରସିଦ୍ଧ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍'ର ତଥ୍ୟ ଅନୁଯାୟୀ, ବିଶ୍ୱରେ ପ୍ରତିବର୍ଷ ପ୍ରାୟ ଦେଢ଼ କୋଟି ମଣିଷ ଷ୍ଟ୍ରୋକ୍‌ର ସମ୍ମୁଖୀନ ହେଉଛନ୍ତି, ଯାହାର ମୂଳ କାରଣ ହେଉଛି ଅନଭ୍ୟସ୍ତ ଜୀବନଶୈଳୀ ଓ ଅନିୟମିତ ଖାଦ୍ୟପେୟ ।

ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ଡାକ୍ତର ପ୍ରଫୁଲ୍ଲ କୁମାର ଦାସଙ୍କ କହିବା ଅନୁଯାୟୀ, ଷ୍ଟ୍ରୋକ୍ କୌଣସି ଅତି ମାରାତ୍ମକ ରୋଗ ନୁହେଁ ଏବଂ ଏହାର ପ୍ରତିରୋଧ ସମ୍ପୂର୍ଣ୍ଣ ଭାବେ ମଣିଷ ନିଜ ହାତରେ ରହିଛି । ଦୈନନ୍ଦିନ ଜୀବନରେ କିଛି ସାରଗର୍ଭକ ସ୍ୱାସ୍ଥ୍ୟ ଉପାୟ ଆପଣାଇ ଏହି ବିପଦରୁ ରକ୍ଷା ମିଳିପାରିବ:

➘ **ନିୟମିତ ଜୀବନଚର୍ଯ୍ୟା:** ସକାଳୁ ପ୍ରାତଃ ଭ୍ରମଣ ସହ ଯୋଗ, ପ୍ରାଣାୟାମ ଓ ଶାରୀରିକ ବ୍ୟାୟାମକୁ ନିଜ ଦୈନନ୍ଦିନ ରୁଟିନ୍‌ରେ ସାମିଲ କରନ୍ତୁ, ଯାହା ଶରୀର ପାଇଁ ମହୌଷଧି ସଦୃଶ କାମ କରେ ।

➘ **ସୁଷମ ଖାଦ୍ୟପେୟ:** ସକାଳ ଜଳଖିଆ କେବେ ମଧ୍ୟ ବାଦ୍ ଦିଅନ୍ତୁ ନାହିଁ । ଖାଦ୍ୟରେ ତଟକା ପନିପରିବା ଓ ସାତ୍ତ୍ୱିକ ଆହାରକୁ ପ୍ରାଥମିକତା ଦିଅନ୍ତୁ । ବଜାରର ଚର୍ବିଯୁକ୍ତ ଫାଷ୍ଟଫୁଡ୍ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ ।

➘ **ଶୃଙ୍ଖଳିତ ଶୟନ:** ରାତ୍ରି ଭୋଜନ ନଅଟା ମଧ୍ୟରେ ଶେଷ କରି କିଛି ସମୟ ପାଦଚାଲିବା ସହ ଦୈନିକ ୭ରୁ ୮ ଘଣ୍ଟା ଶାନ୍ତିପୂର୍ଣ୍ଣ ନିଦ୍ରା ଯାଆନ୍ତୁ ।

➘ **ମାନସିକ ଚାପରୁ ମୁକ୍ତି:** ଅନାବଶ୍ୟକ ଚିନ୍ତା ବା ଟେନସନ ରୁହନ୍ତୁ ନାହିଁ । ଘଣ୍ଟା ଘଣ୍ଟା ଧରି ସୋସିଆଲ ମିଡିଆରେ ବ୍ୟସ୍ତ ନରହି ନିଜ ପରିବାର ପାଇଁ ଗୁଣାତ୍ମକ ସମୟ ବାହାର କରନ୍ତୁ ।

➘ **ନିଶାଦ୍ରବ୍ୟ ବର୍ଜନ:** ଧୂମ୍ରପାନ ଏବଂ ସମସ୍ତ ପ୍ରକାରର ମାଦକ ଦ୍ରବ୍ୟ ସେବନଠାରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖନ୍ତୁ ।

ନିଜ ପାଇଁ ଏକ ସୁସ୍ଥ ସ୍ୱାସ୍ଥ୍ୟ ରୁଟିନ ପ୍ରସ୍ତୁତ କରି ଆମେ ନିଜେ ହିଁ ଷ୍ଟ୍ରୋକ୍ ଭଳି ସମସ୍ୟାକୁ ଦୂରରେ ରଖିପାରିବା ବୋଲି ଡାକ୍ତର ଦାସ ପରାମର୍ଶ ଦେଇଛନ୍ତି ।

*ଡାକ୍ତର ପ୍ରଫୁଲ୍ଲ କୁମାର ଦାସ*
*କନ୍‌ସଲ୍ଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଏସ୍.ସି.ବି. ମେଡିକାଲ କଲେଜ୍, କଟକ*

## 'ଦୁଃଖ ମେ ସୁମିରନ ସବ୍ କରେ ସୁଖମେ କରେ ନ କୋୟ'..



ସଂସାରରେ ଏମିତି କୌଣସି ମନୁଷ୍ୟ ନ ଥିବ ଯିଏ ପ୍ରାର୍ଥନା କରି ନଥିବ । ଧନୀ,ଗରିବ,ବଡ଼ ଆଉ ଛୋଟ ସମସ୍ତେ ପ୍ରାର୍ଥନା ଅବଶ୍ୟ କରିଥାନ୍ତି । କିନ୍ତୁ ଅଧିକାଂଶ ଲୋକ ଦୁଃଖର ସମୟରେ ହିଁ କରିଥାନ୍ତି । ସନ୍ଥ କବୀର କହିଛନ୍ତି,'ଦୁଃଖ ମେ ସୁମିରନ ସବ୍ କରେ ସୁଖମେ କରେ ନ କୋୟ । ଜୋ ସୁଖମେ ସୁମିରନ କରେ,ଦୁଃଖ କୋହେ କୋ ହାୟେ?' ଆମ ସମସ୍ତଙ୍କର ଅବସ୍ଥା ମଧ୍ୟ କିଛି ଏହିପରି । ଯେତେବେଳେ ଶରୀର ସୁସ୍ଥ ଥାଏ ସେତେବେଳେ ଡାକ୍ତରଙ୍କ ନମ୍ବର ପର୍ଯ୍ୟନ୍ତ ଆମର ମନେ ରହେ ନାହିଁ । ଆଉ ଯେତେବେଳେ ପକେଟ ଭରି ରହିଥାଏ ଆଉ ସେତେବେଳେ କାହାର ସାମନାରେ ନଇଁବାର ଧ୍ୟାନ ରହେ ନାହିଁ । ଦୁର୍ବଳତା ଯେତେବେଳେ ଦ୍ୱାର ପାଖରେ ଆସି ପହଞ୍ଚେ,ସେତେବେଳେ ଆମକୁ ମନେ ପଡେ ଯେ ଆମର ଉପରେ ମଧ୍ୟ କିଏ ଅଛି ! ବାସ୍ତବରେ ଦେଖାଗଲେ ଏମିତି ହୋଇଥାଏ,କାହିଁକି ଯେତେବେଳେ ଆମେ ଭିତରେ ଭରପୂର ହୋଇଥାନ୍ତି,ସେତେବେଳେ ଆମର କାହାର ସାହାଯ୍ୟର ଆବଶ୍ୟକତା ରହିନଥାଏ । କିନ୍ତୁ ଯେତେବେଳେ ଷ୍ଟକ୍ ଶେଷ ହୋଇଯାଏ ଆମେ ଗୋଟିଏ ଅସହାୟ ଛୁଆ ପରି ନିଜର ଦୁଇ ହାତ ଯୋଡିକରି ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଥାନ୍ତି । ଯେମିତି ଛୁଆ ଖେଳରେ ମଗ୍ନ ହୋଇଯାଏ ଆଉ ସେତେବେଳେ ତାକୁ ମା'ର ଧ୍ୟାନ ମଧ୍ୟ ଆସି ନ ଥାଏ । କିନ୍ତୁ ତାକୁ ଆଘାତ ଲାଗିଲେ ସେ ସର୍ବ ପ୍ରଥମେ ମା'କୁ ହିଁ ଡାକିଥାଏ । ମା' କେବେ ଏହି ହିସାବ ରଖେ ନାହିଁ ଯେ ଛୁଆ ତାକୁ କେତେ ସମୟ ପରେ ମନେ ପକେଇଲା । ଅନୁଭବର ଆଧାର ଉପରେ ବହୁତ ଥର ଦେଖା ଯାଇଛି ଯେ ସଚ୍ଚା ହୃଦୟରେ ଭଗବାନଙ୍କୁ ପ୍ରାର୍ଥନା କରାଗଲେ ଇପ୍‌ସିତ ମନୋରଥ କିମ୍ବା କାର୍ଯ୍ୟ ଅବଶ୍ୟ ପୂରା ହୋଇଥାଏ । ଏହାର ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଏହା ଯେ ପ୍ରାର୍ଥନା କରିବାବାଲା ଭିତରେ ଭିତରେ ଭାବିଥାଏ ଯେ ଅନ୍ତଃକରଣର ଶ୍ରେଷ୍ଠତମ ଭାଗ,ଶ୍ରଦ୍ଧା,ବିଶ୍ୱାସ,ପରମାତ୍ମାଙ୍କୁ ଅର୍ପିତ କରିକି ସଚ୍ଚା ହୃଦୟରେ ପ୍ରାର୍ଥନା କରିଲେ ଆଉ ସେ ମୋର ପ୍ରାର୍ଥନା ଅବଶ୍ୟ ଶୁଣିବେ । ଅତଏବ ତାଙ୍କୁ ସମଦର୍ଶୀ କୁହନ୍ତି । କିନ୍ତୁ ସେହି ସମଦର୍ଶୀଙ୍କୁ ମଧ୍ୟ ବିବଶ ହୋଇକରି ଥରେ କହିବାକୁ ପଡେ ଯେ'ସମଦର୍ଶୀ ମୋହି କହ ସବ୍ କୋଉ,ସବକେ ପ୍ରିୟ ଅନନ୍ୟ ଗତି ସୋଉ ।' ଗୀତାରେ ପ୍ରଭୁ ସ୍ୱୟଂ ଯେତେବେଳେ ଏହି ଗ୍ୟାରେଣ୍ଟି ଦେଇଥାନ୍ତି ଯେ ଯେଉଁ ମନୁଷ୍ୟ ଏକମାତ୍ର ମୋତେ ଲକ୍ଷ୍ୟ ମାନିକରି ଅନନ୍ୟ ଭାବରେ ମୋର ହିଁ ସ୍ମରଣ କରିଥାଏ,କର୍ତ୍ତବ୍ୟ-କର୍ମ ଦ୍ୱାରା ପୂଜା କରିଥାଏ,ଯିଏ ସଦୈବ ନିରନ୍ତର ମୋର ଭକ୍ତିରେ ଲୀନ ରହିକରି,ତାହାର ସବୁ ଆବଶ୍ୟକତା ଏବଂ ସୁରକ୍ଷାର ଉତ୍ତରଦାୟିତ୍ୱ ମୁଁ ସ୍ୱୟଂ ନିଭେଇ ଥାଏ ।

*ମନୋଜ କୁମାର ବେହେରା*
*ମୋ:୭୯୭୮୮୩୦୬୧୧*

## ଉପମୁଖ୍ୟମନ୍ତ୍ରୀଙ୍କ ମାଥାଲପୁଟ ମା' ଗୃହ ପରିଦର୍ଶନ

ଦାମନଯୋଡ଼ି,(ନିପ୍ର): ବୁଧବାର ମଧ୍ୟାହ୍ନରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମା ଗୃହ ପରିଦର୍ଶନ କରିଥିଲେ । ଶ୍ରୀ ସିଂହଦେଓ ମା ଗୃହରେ ଥିବା ୮ଜଣ ଅନ୍ତେବାସୀ ଗର୍ଭବତୀଙ୍କ ସହିତ ଆଲୋଚନା କରି ଭଲମନ୍ଦ ବୁଝିଥିଲେ । ବାତ୍ୟା ଅର୍ଣ୍ଣବ ସାବଧାନତା ପାଇଁ ବିଭିନ୍ନ ଗ୍ରାମାଞ୍ଚଳର ଗର୍ଭବତୀ ମହିଳାଙ୍କୁ ଆଗୁଆ ଏହି ମା' ଗୃହକୁ ଅଣା ଯାଇଥିଲା । ଏଥି ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗ ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ରୋଗୀ ଓ ମା ଗୃହ ଅନ୍ତେବାସୀଙ୍କ ସହ ସାକ୍ଷାତ କରି ଶ୍ରୀ ସିଂହଦେଓ ଖୁସି ବ୍ୟକ୍ତ କରିଥିଲେ । ଉପ ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କୋରାପୁଟ




ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ରଘୁରାମ ମାଛ,ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ଗୁରୁପ୍ରସାଦ ମହାନ୍ତ,ଏଡିପିଏଚଓ ଡ଼ାଃ ଶିବସାଇ ସ୍ୱରୂପ,ବିଡ଼ିଓ ଦେବାଶିଷ ଗୌଡ଼ ଓ ଅନ୍ୟ ଅଧିକାରୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାଃ ସୁମନ ଟପ୍ପୋ,ଡାକ୍ତର , ମାଥାଲପୁଟ ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର, ଆଶାକର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବୁଗୁଡ଼ା ବିଡିଓଙ୍କ ଆଶ୍ରୟସ୍ଥଳୀର କ୍ଷେତ୍ର ପରିଦର୍ଶନ ଓ ତଦାରଖ



ବୁଗୁଡ଼ା, (ନିପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବୁଗୁଡ଼ା ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବାତ୍ୟା ଅର୍ଣ୍ଣବର ମୁକାବିଲା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ବୃନ୍ଦ ଯୋଗଦେଇ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ପାଇଁ ସଂକଳ୍ପ ନେଇଥିଲେ। ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ପଞ୍ଚାୟତର ଆଦିବାସୀ ଅଞ୍ଚଳର ସମଲାଇ ଆଶ୍ରମ ସ୍କୁଲ ଏବଂ କରଚୁଲି ପଞ୍ଚାୟତର ପଥରବଣୀ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କେନ୍ଦ୍ରକୁ ୮୪ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ଗରମ ରନ୍ଧା ଖାଦ୍ୟ ପରିବେଷଣ କରାଯାଇଥିଲା। ସେହିପରି ଖୋଳଖାଳି ସ୍କୁଲରେ ଅନ୍ୟ ଏକ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀ ଖୋଲିବା ଦ୍ୱାରା ବୁଗୁଡ଼ା ବ୍ଲକରେ ତିନି ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀକୁ ୧୨୭ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ଗରମ ରନ୍ଧା ଖାଦ୍ୟ ପରିବେଷଣ କରାଯାଇଛି। ତେବେ ଦିନତମାମ ବର୍ଷା ଲାଗିରହିଥିଲେ ମଧ ବୁଗୁଡ଼ା ବିଡିଓ ଶ୍ରୀ ପାତ୍ର ଓ ଏବିଡିଓ ଧର୍ମରାଜ ପରିଡ଼ା ତିନି ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀର କ୍ଷେତ୍ର ପରିଦର୍ଶନ କରିବା ସହ ଦାୟିତ୍ୱ ତଦାରଖ କରିଥିଲେ।

## ଶିକ୍ଷକ ପ୍ରଶାନ୍ତ ମହାପାତ୍ରଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ ପ୍ରଦାନ




ନିରାକାରପୁର, (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ପଞ୍ଚାୟତ ନାଳସିଂହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଆଞ୍ଚଳିକ ସାଧନକେନ୍ଦ୍ର ଛଣଗିରିର ଶିକ୍ଷା ସଂଯୋଜକ ପ୍ରଶାନ୍ତ ମହାପାତ୍ରଙ୍କୁ ସମ୍ମାନ ସୂଚକ ଡ଼କ୍ଟରେଟ ଆୱାର୍ଡ ପ୍ରଦାନ କରାଯାଇଛି। କଳା ପରିଷଦ ଗଞ୍ଜାମ ପକ୍ଷରୁ କବିସୂର୍ଯ୍ୟ ରଙ୍ଗମଞ୍ଚରେ ଆଦର୍ଶ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ୱାର୍ଲଡ ଚାରିଟି ୱେଲଫେରା ଫାଉଣ୍ଡେସନ ତରଫରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନସୂଚକ ଡ଼କ୍ଟରେଟ ଆୱାର୍ଡ ପ୍ରଦାନ କରାଯାଇଛି । ଶ୍ରୀ ମହାପାତ୍ରଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଯାତ୍ରାରେ ଶିକ୍ଷା ଓ ସାହିତ୍ୟକୁ ପେସା ଓ ନିଶା ଭାବରେ ଗ୍ରହଣ କରି ସାଉଁଟିଛନ୍ତି ଅନେକ ସଫଳତା । ଏହି ସଫଳତା ପଛରେ ତାଙ୍କର ପିତା, ମାତା, ପତ୍ନୀ, ଶୁଭେଚ୍ଛୁ, ଛାତ୍ରଛାତ୍ରୀ, ସହକର୍ମୀ, ବନ୍ଧୁ ଓ ପରିବାର ବର୍ଗ ସମସ୍ତଙ୍କ ଆଶୀର୍ବାଦ ରହିଛି ବୋଲି ସେ ମତ ଦିଅନ୍ତି ।

## ମାଲକାନଗିରିରେ 'ଅର୍ଣ୍ଣବ': ମୁକାବିଲା ପ୍ରସ୍ତୁତି ଜୋରଦାର

# ୮୯୦୨ରୁ ଅଧିକ ଲୋକ ସ୍ଥାନାନ୍ତରିତ



### ୧୩ ହଜାରରୁ ଊର୍ଦ୍ଧ୍ୱଙ୍କୁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ

ମାଲକାନଗିରି, ୨୮।୧୦(ନିପ୍ର)ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜେ କ୍ଷେତ୍ରସ୍ତରକୁ ଯାଇ ମୁଣ୍ଡାଗୁଡ଼ା ଓ ନୂଆଗୁଡ଼ା ବାତ୍ୟା ଆଶ୍ରୟସ୍ଥଳୀ ସମେତ ମାଥିଲି ବ୍ଲକର ଉଦୟଗିରି ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କୁ ସିଧାସଳଖ ଭେଟି ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗର ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ବିଭିନ୍ନ ବିପଦସଙ୍କୁଳ ଖାଲୁଆ ଅଞ୍ଚଳରୁ ସମୁଦାୟ ୮,୯୦୨ ଜଣ ଲୋକଙ୍କୁ ୧୭୮ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୩,୮୩୨ ଜଣଙ୍କୁ ପ୍ରଶାସନ ପକ୍ଷରୁ ସଫଳତାର ସହ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍ ର ୦୫ଟି ଟିମ୍, ଏନଡିଆରଏଫ୍‌ର ଗୋଟିଏ ଟିମ୍ ଏବଂ ୯ଟି ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରାଯାଇଛି। ଜନସ୍ୱାସ୍ଥ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଆଗାମୀ ୧୫ ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ୨୦୨ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ମା' ଗୃହ ଓ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୋରୁକୋଣ୍ଡା ଓ ପୋଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ରାପିଡ୍ ରେସପନ୍ସ ଟିମ୍ ଏବଂ ଆରୋଗ୍ୟ ପ୍ଲସ ମୋବାଇଲ ହେଲଥ୍ ୟୁନିଟ୍ ଦ୍ୱାରା ଆଶ୍ରୟସ୍ଥଳୀ ଗୁଡ଼ିକରେ ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ଅନ୍ତେବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଓ ମାନସିକ ପରାମର୍ଶ ଯୋଗାଇ ଦିଆଯାଉଛି। ବାତ୍ୟା ପ୍ରଭାବିତ ଚାଷୀମାନଙ୍କ ଗୋ-ସମ୍ପଦ ସୁରକ୍ଷା ପାଇଁ କୁଡୁମୁଲୁଗୁମ୍ମା ବ୍ଲକରେ ସ୍ଥାନୀୟ ସରପଞ୍ଚ ଏବଂ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଜରୁରୀକାଳୀନ ଗୋ-ଖାଦ୍ୟ ବିତରଣ କରାଯାଇଛି। ଜିଲ୍ଲାର ପ୍ରମୁଖ ଷ୍ଟୋରେଜ୍ ପଏଣ୍ଟ ଗୁଡ଼ିକରେ ୧,୮୦୯ ପ୍ୟାକେଟ୍ ପଲିଥିନ ରୋଲ୍, ୨,୧୮,୫୭ ପ୍ୟାକେଟ୍ ଓ.ଆର.ଏସ ପାଉଡର, ୩,୮୬୦ ଭାଏଲ୍ସ ସର୍ପାଘାତ ପ୍ରତିଷେଧକ ଔଷଧ , ୨୭,୦୦୦ ହାଲାଜୋନ୍ ଜଳ ବିଶୋଧନ ବଟିକା ଏବଂ ୧୩୦ କ୍ୱିଣ୍ଟାଲ ଚୁଡ଼ା ଓ ୧୦୦ କ୍ୱିଣ୍ଟାଲ ଚିନି ଭଳି ଶୁଖିଲା ଖାଦ୍ୟ ସାମଗ୍ରୀ ବ୍ୟାପକ ପରିମାଣରେ ମହଜୁଦ ରଖାଯାଇଛି। ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ୩୨୬ ସମେତ ପ୍ରମୁଖ ରାସ୍ତାରେ ଥିବା ୯ଟି ବ୍ରିଜ୍‌କୁ ଜଳମଗ୍ନ ପ୍ରବଣ ଭାବେ ଚିହ୍ନଟ କରାଯାଇ ଯାତାୟାତ ପାଇଁ ବିକଳ୍ପ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଖଇରପୁଟର ବଣ୍ଡାଘାଟି ଏବଂ ଚିତ୍ରକୋଣ୍ଡାର ପାର୍ବତ୍ୟ ଅଞ୍ଚଳକୁ ଭୂସ୍ଖଳନ ପ୍ରବଣ ଜୋନ୍ ଭାବେ ସତର୍କ କରାଯାଇଛି। ଜନସାଧାରଣଙ୍କ ସହାୟତା ପାଇଁ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ନମ୍ବର ୦୬୮୬୧-୨୩୧୩୭୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୭ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି ବୋଲି ସୂଚନା ମିଳିଛି।

## ବଳଙ୍ଗା-ନିମାପଡ଼ା ପୂର୍ତ୍ତ ରାସ୍ତା ମହାଦୁର୍ନୀତି

# ତଦନ୍ତ ଦାବି ପରେ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା !



ପିପିଲି,(ନିପ୍ର): ବଳଙ୍ଗା ଠାରୁ ନିମାପଡା ରାସ୍ତା ୪୪ କୋଟି ଟଙ୍କା ଅଟକଳ ମୂଲ୍ୟରେ ଏକ ସଂସ୍ଥା କାର୍ଯ୍ୟ ନିମ୍ନମାନର କରୁଥିବା ବେଳେ ଏହା ମହାଦୁର୍ନୀତିରେ ଉବୁଟୁବୁ ହେଉଥିବା ବିଭିନ୍ନ ମହଲରେ ଆଲୋଚ୍ୟର ବିଷୟ ହୋଇଛି । ଅଧିକାରୀ କାର୍ଯ୍ୟସ୍ଥଳ ନିକଟରେ ଉପସ୍ଥିତ ନ ରହି କାର୍ଯ୍ୟାଳୟର ଗାଡ଼ି ଚାଳକ ଓ ପିଅନଙ୍କୁ କାର୍ଯ୍ୟ ସ୍ଥଳରେ ଜଗିବାକୁ କହୁଥିବା ବେଳେ କଳା ସିମେଣ୍ଟ ଦ୍ୱାରା ଠିକା ସଂସ୍ଥା କାର୍ଯ୍ୟ କରାଇ ବ୍ୟାପକ ଅର୍ଥ ହାତେଇ ନେବା ପାଇଁ ଉଦ୍ୟମ ଚଳାଇଛି । ବିଭାଗର ବଡ଼ ପଣ୍ଡା ଶୀତତାପ ନିୟନ୍ତ୍ରଣ କକ୍ଷରେ ବସି ରହିଥିବା ବେଳେ ଏପଟେ ମହାଘୋଟାଲା ହେଉଛି । ରାସ୍ତା କାର୍ଯ୍ୟ ନିମ୍ନମାନର କରି ଠିକା ସଂସ୍ଥା ଅର୍ଥ ଚଳୁ କରିବାର ମସୁଧା ଚଳାଇ ଥିବା ବେଳେ କ'ଣ ପାଇଁ ବଡ଼ ପଣ୍ଡା କ୍ଷେତ୍ର ପରିଦର୍ଶନ କରୁ ନାହାନ୍ତି ତାହା ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଠାରୁ ବଳଙ୍ଗା ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ କରାଯାଉଛି ।ପୂର୍ତ୍ତ ବିଭାଗ ଏହି କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଏକ ଠିକା ସଂସ୍ଥାକୁ ଦେଇଅଛି । ମାତ୍ର ଅନେକ ସ୍ଥାନରେ ପ୍ରଚୁର ବାଲି ଦିଆଯାଇ ଉପରେ ସୀମିତ ଢ଼ଳେଇ ପଡ଼ିବା ଦ୍ୱାରା ଏହି ରାସ୍ତାରେ ଭାରୀଯାନ ଯାତାୟାତ ସମୟରେ ରାସ୍ତା ଖୁବ୍ କମ୍ ଦିନରେ ନଷ୍ଟ ହେବାର ଆଶଙ୍କା ରହିଛି । ବେନାମୀ ସିମେଣ୍ଟ ଦ୍ୱାରା ଠିକା ସଂସ୍ଥା କାର୍ଯ୍ୟକରୁଥିବା ବେଳେ କଳା ସିମେଣ୍ଟ ମାନ ସଠିକ୍ ନ ଥିବା ବାରି ହୋଇପଡୁଛି । ଏହି କାର୍ଯ୍ୟ ନିମ୍ନ ମାନର ହେବାରୁ ଉକ୍ତ ରାସ୍ତାରେ ନିର୍ମାଣ ହୋଇଥିବା ବ୍ରିଜ ଭୁଶୁଡି ପଡି ଥିଲା। ଭୁଶୁଡି ପଡିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରି ଥିବା ବେଳେ ଏହାର ତଦନ୍ତ କେଉଁ ପଣ୍ଡାଙ୍କ ଇଙ୍ଗିତରେ ସୀମିତ ହୋଇଛି ତାହା ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଜଣା ପଡିବ ବୋଲି ବଳଙ୍ଗା ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି ।

## ବାତ୍ୟା ଅର୍ଣ୍ଣବ ରଚିଲା ତାଣ୍ଡବ: କେଉଁଠି ଉପୁଡ଼ିଲା ଗଛ ତ କେଉଁଠି ଭାଙ୍ଗିଲା ଘର

ଆସିକା: ବାତ୍ୟା ଅର୍ଣ୍ଣବକୁ ନେଇ ଜିଲ୍ଲା ପ୍ରଶାସନ ତଥା ସ୍ଥାନୀୟ ପ୍ରଶାସନ ସଜାଗ ରହିଛି। ଆସିକା ବ୍ଲକ ନଳବଣ୍ଟା କାର୍ଯ୍ୟାଳରେ ଡେରା ପକାଇଛନ୍ତି ୩୫ ଜଣିଆ ଏଣ୍ଡ ଡି ଆର ଏଫ ଟିମ ଅତ୍ୟାଧୁନିକ ସରଞ୍ଜାମ ସହ ଏକ୍ସପାର୍ଟ କର୍ମଚାରୀ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। ଭଞ୍ଜନଗର ସ୍ୱ ଡିଭିଜନ ଏରିଆର ୪୦ କିଲୋମିଟର ଭିତରେ ଏହି ଟିମ ତ୍ୱରିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇରହିଛନ୍ତି। ତତ୍‌ସହିତ ଓଡ୍ରାଫ ଟିମ, ଦମକଳ, ମେଡିକାଲ, ଆସିକା ମୁନସିପାଲଟି ସମେତ ଅନ୍ୟ ସମସ୍ତ ବିଭାଗ ସଜାଗ ଅଛନ୍ତି। ଆସିକା ତଥା ତାର ଆଖ ପାଖ ଅଞ୍ଚଳରେ ବାତ୍ୟା ଅର୍ଣ୍ଣବ ତାର ତାଣ୍ଡବ ରଚିଛି। ଗତକଲି ଠାରୁ ଆରମ୍ଭ ହୋଇଥିବା ବାତ୍ୟା ଜନିତ ଲଗାଣ ବର୍ଷା ସାଙ୍ଗକୁ ପବନର ଗତି ବି ବଢ଼ିଛି। ବର୍ଷା କ୍ରମାଗତ ଭାବେ ଲାଗି ରହୁଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଠାରେ ଥିବା ଏକ ବିରାଟ ଗଛ ଉପୁଡି ପଡ଼ି ରାସ୍ତା ଉପରେ ପଡ଼ିବା ସହ ମଙ୍ଗଳପୁର ପଞ୍ଚାୟତ ପ୍ରାଚୀର ଭାଙ୍ଗି ଯାଇଛି। ରାସ୍ତା ଉପରେ ଗଛ ପଡିବା ଫଳରେ ମାଗୁରା,ଜଗମୋହନ, ନନ୍ଦିଗୋର, ଝାହାଡା ଦେଇ ସୋରଡା ଆସିକା ରାସ୍ତା ଅବରୋଧ ହୋଇଥିଲା। ଘଟଣାସ୍ଥଳରେ ଆସିକା ଅଗ୍ନିସମ ବାହିନୀ ଓ ଏନଡିଆରଏଫ ଟିମ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛି। ଅନୁରୂପ ଆଲିପୁର ଗ୍ରାମ ନିକଟରେ ବିରାଟ ଗଛ ଉପୁଡିବା ଯୋଗୁଁ ଗାଁକୁ ଗମନାଗମନରେ ବାଧା ହୋଇଛି। ଗଛଟି ମୁଖ୍ୟ ରାସ୍ତା ଉପରେ ପଡିଥିବା ବେଳେ ଘଟଣା ସ୍ଥଳରେ ଏନଡିଆରଏଫ ଟିମ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛି।

**ଜଟଣୀ :** ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଜଟଣୀ ସହରର ୟୁନିଅନ ବ୍ୟାଙ୍କ ପଛ ପଟେ ଥିବା ସିଦ୍ଧ ମହାବୀର ମନ୍ଦିର ସମ୍ମୁଖରେ ରାସ୍ତା କଡରେ ଥିବା ଏକ ପୁରୁଣା ଆମ୍ବ ଗଛର ବିଶାଳ ଡାଳ ଭାଙ୍ଗି ଯିବା ସହିତ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିଲା। ଯାହାଫଳରେ ବିଦ୍ୟୁତ ସରାବରହ ବନ୍ଦ ହେବା ସହିତ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା । ତେବେ ସ୍ୱଭାଗ୍ୟର ବିଷୟ ଏହି ଘଟଣାରେ ନିକଟରେ ଥିବା ଦୋକାନ ଗୁଡିକ ସମ୍ମୁଖରେ କେହି ଜନସାଧାରଣ ନଥିବାରୁ କୌଣସି କ୍ଷୟକ୍ଷତି ହୋଇନଥିଲା। ସୂଚନା ପାଇବା ପରେ ବିଦ୍ୟୁତ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗି ପଡ଼ିଥିବା ବିଶାଳ ଗଛ ଡାଳ କାଟି ଗମନାଗମନ ସୁଗମ କରାଇଥିଲେ।

**ହିଞ୍ଜିଳିକାଟୁ:** ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଶକ୍ତି ବିଭାଗର ବିପର୍ଯ୍ୟୟ ପ୍ରଶମନ ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିର ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ଜରୁରୀକାଳୀନ ସମୟକୁ ଗୁରୁତ୍ୱ ଦେଇ ବିଦ୍ୟୁତ ଗ୍ରିଡର ସୁରକ୍ଷା, ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଶୂନ୍ୟ ଜୀବନ ହାନି ସୁନିଶ୍ଚିତ କରିବା ପାଇଁ ବୈଠକରେ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟୁତ ସେବା ଅବ୍ୟାହତ ରଖିବା, ତୁରନ୍ତ ପୁନରୁଦ୍ଧାର ପାଇଁ କମାଣ୍ଡ ସ୍ତରୀୟ ନେଟ ୱର୍କ ସ୍ଥାପନ, ଜୋନାଲ ସ୍ତରୀୟ ଏବଂ ୧୧ ଟି ସମ୍ବେଦନଶୀଳ ସ୍ଥାନରେ ଫିଲ୍ଡ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ଏସବୁ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଟିପିଏସଓଡିଏଲ ପକ୍ଷରୁ ବୁଧବାର ହିଞ୍ଜିଳିକାଟୁ ସହର ଓ ଗ୍ରାମାଞ୍ଚଳରେ ପାଖାପାଖି ୮ ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିବା ଜଣାପଡ଼ିଛି। ବାତ୍ୟା ପ୍ରଭାବରେ ଦିନ ସାରା ଲଗାଣ ବର୍ଷା ଜାରି ରହିଥିବା ବେଳେ ପବନର ବେଗ କିଛି ସମୟ ପାଇଁ ତୀବ୍ର ଅନୁଭୂତ ହୋଇଥିଲା। ଜନଜୀବନ ପ୍ରଭାବିତ ହୋଇ ଥିଲା ବେଳେ ସାଧାରଣ ଯାତାୟତ ବାଧାପ୍ରାପ୍ତ ହୋଇଥିଲା।

**ରମ୍ଭା :** ଅର୍ଣ୍ଣବ ବାତ୍ୟାର ପ୍ରଭାବ ଯେପରି ରମ୍ଭା ଅଞ୍ଚଳରେ କିଛି ପକାଇ ତୁହାକୁ ତୁହା ଲଗାଣ ବର୍ଷାରେ ଜନଜୀବନ ବେହାଲ ସାଙ୍ଗକୁ ମା ଲକ୍ଷ୍ମୀଙ୍କ ପୂଜା ଯାକ ଜମକରେ ପାଳନ ହୋଇ ପାରି ନାହିଁ। ସ୍ଥାନେ ସ୍ଥାନେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୁକ୍ତ ପ୍ରସାଦ ସେବନ ହୋଇଥିବା ଜଣାଯାଇଛି। ଅର୍ଣ୍ଣବ ବାତ୍ୟା ପ୍ରଭାବରେ ତୁହାକୁ ତୁହା ବର୍ଷା ଧୀରେ ଧୀରେ ବଢିବା ସହ ସାଧାରଣ ଲୋକମାନଙ୍କୁ ନାହିଁ ନ ଥିବା ଅସୁବିଧାରେ ପକାଇ ଥିବା ଲକ୍ଷ୍ୟ କରାଯାଇଛି। ବର୍ଷାରେ ପନିପରିବା ଚାଷ କରି ଚାଲୁଥିବା ସାଧାରଣ ଚାଷୀଟିର ବ୍ୟାପକ କ୍ଷତି ହେବା ସହ ସାଧାରଣ ଲୋକମାନେ ଦୂର ଦୁରାନ୍ତ ସ୍ଥାନକୁ କୌଣସି କାମରେ ଯିବା ଆସିବା କରି ପାରୁ ନ ଥିବା ଦେଖିବାକୁ ମିଳିଛି। ଛକ ବଜାରରେ ଦୋକାନ ପତ୍ର ମଧ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା।

## ୧୮୩ ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ

### ଧାନ ନଡ଼ାକୁ ସମ୍ପଦରେ ପରିଣତ କରିବା ପାଇଁ ପଦକ୍ଷେପ

କଟକ(ନିପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସହଯୋଗରେ ଓଆଇଆଇପିସିଆରଏ ପ୍ରକଳ୍ପ ଅଧୀନରେ ଆଇସିଏଆର କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ପକ୍ଷରୁ ଧାନ ନଡ଼ାର ବୈଜ୍ଞାନିକ ପରିଚାଳନା ଓ ଉପଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦୁଇ ଦିନିଆ ତାଲିମ ଶିବିର ୫ ଅକ୍ଟୋବର ୨୦୨୬ରୁ ଆରମ୍ଭ ହୋଇଛି ଏବଂ ୧୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ମୋଟ ୧୪ଟି ପର୍ଯ୍ୟାୟରେ ଆୟୋଜିତ ହେବ। ଏପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ମୋଟ ୧୮୩ ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କ ମଧ୍ୟରେ ୧୪୮ ଜଣ ପୁରୁଷ ଓ ୩୫ ଜଣ ମହିଳା ଅଛନ୍ତି। ଏଥିରେ କୃଷି ଅଧିକାରୀ (ଏଡିଏ, ବିଏଓ, ଏଏଓ), ପାଣି ପଞ୍ଚାୟତର ପ୍ରତିନିଧି, କୃଷକ ପ୍ରତିନିଧି ଏବଂ ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ଅଂଶୀଦାର ସାମିଲ ହୋଇଛନ୍ତି। ଏହି ତାଲିମରେ ଧାନ ନଡ଼ାକୁ ଜୈବିକ ଉପାୟରେ ଶୀଘ୍ର ପଚାରିବା ପାଇଁ ଅଣୁଜୀବର ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଏବଂ ଧାନ ନଡ଼ାରୁ ଜୈବ-ବିଘଟନଶୀଳ ପ୍ଲେଟ ତିଆରି କରିବା ବିଷୟରେ ଶିକ୍ଷା ଦିଆଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ୧୫ଟି ଜିଲ୍ଲାର ୭,୫୦୦ ହେକ୍ଟର ଜମିରେ ଧାନ ନଡ଼ା ପରିଚାଳନା ସମ୍ପର୍କିତ ମାନକ କାର୍ଯ୍ୟପଦ୍ଧତି ବା ଏସଓପି କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ରହିଛି।

## ବିଶ୍ୱମ୍ଭର ଜେନା ନିଖୋଜ: ଥାନାରେ ମାମଲା

ରମ୍ଭା,(ନିପ୍ର): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଲାଉପୁଟ ଗ୍ରାମର ବିଶ୍ୱମ୍ଭର ଜେନା ନିଖୋଜ ହୋଇ ଥିବା ଖବର ମିଳିଛି। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସେ କିଛି ଦିନ ହେବ ଘରୁ ବାହାରି ଫେରିନଥିବା ଅଭିଯୋଗ ବାଢିଛନ୍ତି । ବହୁ ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ମିଳି ନାହିଁ। ଏ ନେଇ ପରିବାର ପକ୍ଷରୁ ରମ୍ଭା ଥାନାରେ ଅଭିଯୋଗ ଥିବା ଜଣାଇଛନ୍ତି । ପୋଲିସ ମାମଲା ରୁଜୁ କରିଥିବା ଜଣାପଡିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ କେଉଁଠି ଦେଖନ୍ତି ତେବେ ତୁରନ୍ତ ନିମ୍ନ ମୋବାଇଲ ନମ୍ବର ୬୩୫୨୯୪୧୫୯୬ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା

### ମୋହନାରେ ସର୍ବାଧିକ ୧୮୨.୪ ମିମି ରେକର୍ଡ



ପାରଳାଖେମୁଣ୍ଡି(ନିପ୍ର): ଗଜପତି ଜିଲ୍ଲାରେ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ବୁଧବାର ଦିନ ସାରା ପ୍ରବଳ ବର୍ଷା ହୋଇଛି। ଜିଲ୍ଲାର ୮ଟି ବର୍ଷା ମାପକ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ମୋଟ ୯୬୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୧୨୧.୧୫ ମିଲିମିଟର ରହିଛି। ଜିଲ୍ଲାର ମୋହନାରେ ସର୍ବାଧିକ ୧୮୨.୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୧୪୦ ମିମି ଏବଂ ଗୁମ୍ମାରେ ୧୩୫ ମିମି ବର୍ଷା ହୋଇଛି। ସେହିପରି ଗୋଷାଣୀରେ ୧୨୮ ମିମି, ରାୟଗଡ଼ାରେ ୧୦୬.୨ ମିମି, କାଶୀନଗରରେ ୧୦୫.୮ ମିମି, ଆର. ଉଦୟଗିରିରେ ୯୬.୮ ମିମି ଏବଂ ନୂଆଗଡ଼ ବ୍ଲକ୍ ?ରେ ସର୍ବନିମ୍ନ ୭୫ ମିମି ବର୍ଷା ରେକର୍ଡ କରାଯାଇଛି। ଆର.ଉଦୟଗିରି ବ୍ଲକର କଣକଟା - ପୁରୁଣାପାଣି ରାସ୍ତାର କଇଠଢେପ ଓ ମହେନ୍ଦ୍ରଗିରି ଯିବା ମୂଖ୍ୟ ରାସ୍ତା କଇଁପୁର ଠାରୁ ବୁରୁଖତ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଗମନାଗମନରେ ବାଧା ସୃଷ୍ଟି ହୋଇଥିବା ଜଣାପଡିଛି। ବର୍ଷା ଯୋଗୁଁ ଜିଲ୍ଲାର ତଳିଆ ଅଞ୍ଚଳ ଓ ପାହାଡ଼ିଆ ରାସ୍ତାରେ ଯାତାୟାତ ବେଳେ ଜନସାଧାରଣ ସତର୍କ ରହିବା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବାତ୍ୟା 'ଅର୍ଣ୍ଣବ': ପ୍ରଭାବିତ ଅଞ୍ଚଳରେ ଓଡ୍ରାଫର ବ୍ୟାପକ ଉଦ୍ଧାର

# ୧୪ ଜିଲ୍ଲାରେ ୨୦ ଓଡ୍ରାଫ ୟୁନିଟ ମୁତୟନ

କଟକ : ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ପବନ ଓ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳ, ବିଶେଷକରି ଦକ୍ଷିଣ ଓଡ଼ିଶାରେ ଜନଜୀବନ ପ୍ରଭାବିତ ହୋଇଛି। ବାତ୍ୟା ଓ ବର୍ଷା ଯୋଗୁଁ ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ଓ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ ବା ଓଡ୍ରାଫ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟର ବାତ୍ୟା ପ୍ରଭାବିତ ବିଭିନ୍ନ ଜିଲ୍ଲାରେ ମୋଟ ୨୦ଟି ଓଡ୍ରାଫ ୟୁନିଟ (୬୦ଟି ସବ ୟୁନିଟ) ନିୟୋଜିତ ହୋଇଛନ୍ତି। ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳରେ ମୁତୟନ ଏହି ଦଳଗୁଡ଼ିକ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବ୍ରହ୍ମପୁର, ଭଞ୍ଜନଗର, ପାତ୍ରପୁର, ନୂଆଗଡ଼, ମୋହନା, ମାଥିଲି, ଚିତ୍ରକୋଣ୍ଡା, ବିଷମକଟକ, ରାଜଖରିଆର, ବ୍ରହ୍ମଗିରି, କଣାସ, କାକଟପୁର, ଉଦଳା, ବଡ଼ସାହି ଓ ବାଲୁଗାଁ ଭଳି ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଦଳଗୁଡ଼ିକୁ ନିୟୋଜିତ କରାଯାଇଛି। ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଜରୁରୀ ସହାୟତା ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ୍ରାଫ ଦଳଗୁଡ଼ିକ ସଜାଗ ରହି କାର୍ଯ୍ୟ କରୁଛନ୍ତି। ବାତ୍ୟା ପ୍ରଭାବିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ସମେତ ବିଭିନ୍ନ ବ୍ଲକ୍ ?ର ତଳିଆ ଅଞ୍ଚଳରେ ପାଣି ଘେରରେ ଫସି ରହିଥିବା ଲୋକଙ୍କୁ ଓଡ୍ରାଫ ଦଳ ଉଦ୍ଧାର କରି ସୁରକ୍ଷିତ ସ୍ଥାନ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରୁଛନ୍ତି।




## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ଉପ- ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ରାୟଗଡ଼ା(ନିପ୍ର): ବାତ୍ୟା ଅର୍ଣ୍ଣବ୍ ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଲାଗରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୪୬୦.୭୭ ମିଲିମିଟର ବର୍ଷା ହୋଇଥିବା ବେଳେ ଗୁଣପୁରରେ ସର୍ବାଧିକ ୧୦୫.୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ସୂଚନା ହସ୍ତଗତ ହୋଇଛି। ଲଗାଣ ବର୍ଷା ଓ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବା ସହ ଶୁନ୍ୟ ମୃତ୍ୟୁହାର କୁ ଗୁରୁତ୍ୱ ଦେଇ ଅଧିକତର ଭାବେ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ପଦ୍ମପୁର ବ୍ଲକ ଡେରି ଗାଁ ପଞ୍ଚାୟତ ମୂତୁକୁଣି ଗ୍ରାମର କଚ୍ଆ ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଗ୍ରାମର ପ୍ରାୟ ୧୬ ଟି ପରିବାରର ୫୨ ଜଣ ସଦସ୍ୟଙ୍କୁ ଆଣି ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳିରେ ରଖାଯାଇଛି। ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଗସ୍ତରେ ଆସିଥିବା ଉପ ମୂଖ୍ୟମନ୍ତ୍ରୀ ତଥା ଜିଲ୍ଲା ଗସ୍ତରେ ଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଜୟପଙ୍ଗ ଆଶ୍ରୟସ୍ଥଳୀରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରାସନ୍ ସାମଗ୍ରୀ ବଣ୍ଟନ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ପରଖିବା ସହ ଉପ-ମୁଖ୍ୟମନ୍ତ୍ରୀ ନିଜେ ମଧ ତାହା ଗ୍ରହଣ କରିଥିଲେ। ଏହା ପରେ ସେ କେଣ୍ଡୁଗୁଡ଼ା ଜଳଭଣ୍ଡାର ପରିଦର୍ଶନ କରି ଜଳସ୍ତରର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନିକ ପ୍ରସ୍ତୁତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ।

ତିଥି :(ଚତୁର୍ଥୀ) : (ରୋହିଣୀ, ବୃଷ)

ଅମୃତ ବେଳା: ପ୍ରାତଃ ଘ ୫।୫୦ରୁ ଘ୭।୨୮ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁଁ ହିଁ ସମସ୍ତ ଯଜ୍ଞର ଭୋକ୍ତା ଓ ସ୍ୱାମୀ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଲାଞ୍ଚର ବାପମା' !

ଜଣେ ନିଜାମ ଥିଲେ। ତାଙ୍କର ଦେୱାନଙ୍କ ନାମ ଫିରବା ଖାନ୍। ବିଭିନ୍ନ ସୁପାରିସ କରି ସେ ଭଲ ଦୁଇ ପଇସା ପାଉଥିଲେ। ସେଥିଲାଗି ସେ ବେଶ୍ ହସଖୁସି ଭିତରେ ଥିଲେ। ତାହା ଦେଖି ନିଜାମଙ୍କ ମନରେ ଦିନେ ସନ୍ଦେହ ଜାତ ହେଲା। ତହୁଁ ପଚାରିଲେ- ଫିରବା ଖାନ୍ ,ତୁମେ ଲାଞ୍ଚ ଖାଉଛ ? ଫିରବା ଖାନ୍ ବିଚଳିତ ନ ହୋଇ ବୁଝାଇ କହିଲେ- ନିଜ କାମକୁ ବାଟରେ ଲଗେଇବା ପାଇଁ ଲୋକେ ବିଭିନ୍ନ ମାର୍ଗ ଆପଣାଉଛନ୍ତି। ଯଦି କୌଣସି କାମ ପାଇଁ କେହି ବାଦଶାହଙ୍କୁ ପଇସା ଦେଲା ତାହା ହେଉଛି ପେଶକଶ୍। ଏହା ପରେ ଫିରବା ଖାନ୍ ଯାହା ବୁଝାଇଲେ ତାହାର ସାରାଂଶ ସଂକ୍ଷେପରେ ଏହିଭଳି- ୱିଜର୍ ବା ମନ୍ତ୍ରୀ ପଇସା ଖାଇଲେ ନଜର୍ ବା ଦାନ, ସଚିବ ପଇସା ଖାଇଲେ ଶୁକରାନା ବା କୃତଜ୍ଞତା,କିରାଣି ପଇସା ଖାଇଲେ ତହରୀର ,ଖାନସମା ପଇସା ଖାଇଲେ ଦସ୍ତୁର ବା ପ୍ରାପ୍ୟ, ଧର୍ମ ବିଭାଗର ଅଧିକାରୀ ପଇସା ଖାଇଲେ ମେହେରାନା ବା କୃପା, ସରକାରୀ ଅଧିକାରୀ ପଇସା ଖାଇଲେ ଜରାନ ବା କାଞ୍ଚନ, ସିପାହୀ ପଇସା ଖାଇଲେ ସଜାୱଲାନ ବା ହାତଗୁଞ୍ଜା, ଆଉ ମୋ ଭଳି ଦେୱାନ ପଇସା ଖାଇଲେ, ଆପଣ ତାକୁ କହନ୍ତି ରିସୱତ୍ ବା ଲାଞ୍ଚ। ଏତିକି ରୋକ୍‌ଠୋକ କହି ଦେୱାନ ଜଣଙ୍କ ସଙ୍ଗେ ସଙ୍ଗେ ଇସ୍ତଫା ଦେଇଦେଲେ।

କିନ୍ତୁ ଆଜିକାଲି ଲାଞ୍ଚ ଖାଉଥିବା ଅଧିକାରୀ ବା କର୍ମଚାରୀ ଭିନ୍ନ ଉପାଦାନରେ ଗଢ଼ା, ଭିଜିଲାନସ ତାଙ୍କୁ ଧରି ଆୟ ବହିର୍ଭୂତ ସଂପତ୍ତି ଠାବ ପୂର୍ବକ ଗିରଫ କରିବା ଯାଏଁ ଘଟଣା ଲମ୍ବେ। ନିକଟରେ ରାଜ୍ୟ ସରକାର ଭିଜିଲାନସ ଦ୍ୱାରା ଗିରଫ ହୋଇଥିବା ଲାଞ୍ଚୁଆ ଅଧିକାରୀ ବା କର୍ମଚାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂପର୍କରେ ସଦ୍ୟତମ ତଥ୍ୟ ରଖିଛନ୍ତି । ଏହି ଅନୁଯାୟୀ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଦୁର୍ନୀତି ମାମଲାରେ ୬୫ ପ୍ରତିଶତ ଦଣ୍ଡବିଧାନ ପହଞ୍ଚିଥିବା, ୪୨ ସରକାରୀ କର୍ମଚାରୀଙ୍କୁ ବିଦା,୯୧ ଜଣ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ ବନ୍ଦ କରାଯାଇଛି। ରାଜ୍ୟ ସରକାର ଦୁର୍ନୀତିଖୋର ସରକାରୀ ଅଧିକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଆପଣାଉଥିବା କଥା କହୁଥିବା ବେଳେ ମନେ ହେଉଛି ଦୁର୍ନୀତି ଯେପରି ଅପରାଜେୟ ହୋଇ ରହିଛି। ଅସଲରେ କର୍ମଚାରୀଙ୍କ ଦୃଷ୍ଟିଭଙ୍ଗୀ କ'ଣ ତାହା ଅସଲ ଦିଗ, ସ୍ୱଚ୍ଛତା କି ଅସ୍ୱଚ୍ଛତା ? ଏ ପରିପ୍ରେକ୍ଷୀରେ ବିଶିଷ୍ଟ ଇଂରେଜ ଗାଳ୍ପିକ ଓସ୍‌କାର ୱାଇଲଡଙ୍କ ଏକ ଗଳ୍ପର ନିର୍ଯାସକୁ ଅବତାରଣା କରାଯାଇପାରେ। ତାହା ଏହିପରି: ଘଟଣା କ୍ରମେ ଜଣେ ଦିବ୍ୟଦର୍ଶୀ ମହାପୁରୁଷ ୪ ଜଣଙ୍କୁ ନିଜ 'ବିଭୂତି' ମାଧ୍ୟମରେ ଉପକୃତ କରାଇଥିଲେ। ପରବର୍ତ୍ତୀ ସମୟରେ ସେମାନେ କିପରି ଅଛନ୍ତି ତାହା ଦେଖିବାକୁ ଚାହିଁ ପୃଥିବୀକୁ ସେ ଆସିଲେ। ଦେଖିଲେ, ଜଣେ ସୁଠାମ ଯୁବକ ମନ୍ଦ ଉଦ୍ଦେଶ୍ୟ ରଖି ଜଣେ ଯୁବତୀଙ୍କ ପଶ୍ଚାତ୍‌ଧାବନ କରୁଛନ୍ତି। ତା' ଆଗରେ ଉଭା ହୁଅନ୍ତେ, ସେ କହିଲା- ଅନ୍ଧ ଥିଲି,ଆପଣ ମୋତେ ଦୃଷ୍ଟିଶକ୍ତି ଦେଲେ। ଏହା ପରେ କ'ଣ କରିଥାନ୍ତି ? ପରେ ମହାପୁରୁଷ ଜଣକ ଉଭା ହେଲେ, ଅନ୍ୟ ଜଣେ ବ୍ୟକ୍ତି ଆଗରେ । ବ୍ୟକ୍ତି ଜଣକ ନିଶାସକ୍ତ ସାଙ୍ଗଙ୍କୁ ଅହେତୁକ ଭାବରେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ। ବ୍ୟକ୍ତି ଜଣକ ଚିହ୍ନିପାରି କହିଲେ-କୁଷ୍ଠରୋଗରେ ଆକ୍ରାନ୍ତ ଥିଲି, ମୋତେ ଆରୋଗ୍ୟ କଲେ ଆପଣ, ଏବେ ଏପରି ଜୀବନ ହିଁ ବିତାଉଛି। ପରିଶେଷରେ ମହାପୁରୁଷ ଯେଉଁ ବ୍ୟକ୍ତିଙ୍କୁ ଭେଟିଲେ, ସେ କହିଲେ- ଆପଣ ମୋତେ ଜୀବନ ଦାନ ସିନା ଦେଲେ,ମୁଁ କିନ୍ତୁ ମରିବାକୁ ଚାହୁଁଥିଲି, ସେଥିଲାଗି ଏବେ କାନ୍ଦି କାନ୍ଦି ଜୀବନ ବିତାଉଛି।...ଗଳ୍ପଟି ଏତିକି।

ବ୍ୟକ୍ତିଠାରେ ନୈତିକ ମୂଲ୍ୟବୋଧ ନ ଥିଲେ ଏପରି ହିଁ ପରିଣତି ଘଟେ। ବାଲି,ସିମେଣ୍ଟ,ରଡ୍ ହେଉ କି ଆଜବେଷ୍ଟସ୍ ହେଉ ତିଆରି ହେଉଥିବା ଘରଟି ଜୀବନ୍ୟାସ ପାଏ ଯେବେ ତାହାକୁ ମିଳେ ସେବା,କରୁଣା,ଶ୍ରଦ୍ଧା ଓ ନିଃସ୍ୱାର୍ଥପରତା। ପାଲଟେ ସ୍ୱର୍ଗ ଓ ସେଠାରୁ ମିଳିଥାଏ ଉତ୍ତମ ସଂସ୍କାର। ତେବେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଲେ ଛିଡିଯାଇଥାଏ ସଂପର୍କର ସୂତା, ପରିଣତି ହୋଇଥାଏ ଛିଣ୍ଡାଗୁଡ଼ି ।

# ଚୀନର ନୀଚ ନୀତି

ଡୋକଲାମ୍ ଭୁଟାନର ଅଂଶବିଶେଷ। ଭୁଟାନ ଭାରତ ଓ ଚୀନ ମଝିରେ ଅବସ୍ଥିତ। ଏକ ବଫର କଣ୍ଟ୍ରି। ଏହାର ସୁରକ୍ଷା ଦାୟିତ୍ୱ ଭାରତ ଉପରେ ନ୍ୟସ୍ତ। ୨୦୧୭ ମସିହାରେ ଚୀନ ଏହି ଅଞ୍ଚଳରେ ଜବରଦସ୍ତି ଏକ ପକ୍କା ସାମରିକ ରାସ୍ତା ତିଆରି କରୁଥିଲା। ପ୍ରତିରୋଧ ପାଇଁ ଭୁଟାନ ଭାରତକୁ ଅନୁରୋଧ କରିଥିଲା। ସେନା ଆଗକୁ ବଢ଼ିଥିଲେ। ଚୀନ, ଭାରତ ଏବଂ ଭୁଟାନର ସୀମାକୁ ଲାଗିଥିବା ଟ୍ରାଇ ଜଙ୍କସନରେ ଭାରତ ଏବଂ ଚୀନ ମଧ୍ୟରେ ୭୩ ଦିନ ଧରି ମୁହାଁମୁହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଭାରତର ଚାପ ଏବଂ ବିରୋଧ ଯୋଗୁଁ ଚୀନକୁ ତାର ଅବୈଧ ସଡ଼କ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ପଡିଥିଲା।

### ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଚୀନ ଭାରତର ପଡୋଶୀ ଦେଶ। ଚାରୋଟି ରାଜ୍ୟ - ହିମାଚଳ ପ୍ରଦେଶ, ସିକ୍କିମ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଲଦ୍ଦାକକୁ ଏହାର ସୀମା ଲାଗିଛି। ଦୈର୍ଘ୍ୟ ୩୪୮୮ କିଲୋମିଟର। ଏହାକୁ ବାସ୍ତବିକ ନିୟନ୍ତ୍ରଣ ରେଖା ବା ଲାଇନ ଅଫ ଏକଚୁଏଲ କଣ୍ଟ୍ରୋଲ କୁହାଯାଏ।

ଭାରତର ସୁରକ୍ଷା ଦୃଷ୍ଟିରୁ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟସ୍ଥ ତିନି ପ୍ରମୁଖ ରଣନୈତିକ ମୋର୍ଚ୍ଚା - ଡୋକଲାମ - ସିକିମ ତ୍ରିଜଙ୍କସନ, ଗାଲୱାନ - ପଶ୍ଚିମ ସେକ୍ଟର ଏବଂ ସୁବର୍ଣ୍ଣସିରି ବା ସୁବନସିରି - ପୂର୍ବ ସେକ୍ଟର ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି ତିନି ଗୋଟି ସ୍ଥାନରେ ଚୀନ ସବୁବେଳେ ଅନୁପ୍ରବେଶର ଚେଷ୍ଟା କରି ଭାରତ ଉପରେ ଚାପ ପକାଇ ଆସିଛି। ସୀମା ସମ୍ପ୍ରସାରଣ ଚୀନର ଏକ ନୀଚ ନୀତି। ଏହା ସମସ୍ତଙ୍କୁ ଜଣା। ଅବଗତ ଅଛି।

ଡୋକଲାମ୍ ଭୁଟାନର ଅଂଶବିଶେଷ। ଭୁଟାନ ଭାରତ ଓ ଚୀନ ମଝିରେ ଅବସ୍ଥିତ। ଏକ ବଫର କଣ୍ଟ୍ରି। ଏହାର ସୁରକ୍ଷା ଦାୟିତ୍ୱ ଭାରତ ଉପରେ ନ୍ୟସ୍ତ। ୨୦୧୭ ମସିହାରେ ଚୀନ ଏହି ଅଞ୍ଚଳରେ ଜବରଦସ୍ତି ଏକ ପକ୍କା ସାମରିକ ରାସ୍ତା ତିଆରି କରୁଥିଲା। ପ୍ରତିରୋଧ ପାଇଁ ଭୁଟାନ ଭାରତକୁ ଅନୁରୋଧ କରିଥିଲା। ସେନା ଆଗକୁ ବଢ଼ିଥିଲେ। ଚୀନ, ଭାରତ ଏବଂ ଭୁଟାନର ସୀମାକୁ ଲାଗିଥିବା ଟ୍ରାଇ ଜଙ୍କସନରେ ଭାରତ ଏବଂ ଚୀନ ମଧ୍ୟରେ ୭୩ ଦିନ ଧରି ମୁହାଁମୁହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଭାରତର ଚାପ ଏବଂ ବିରୋଧ ଯୋଗୁଁ ଚୀନକୁ ତାର ଅବୈଧ ସଡ଼କ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ପଡିଥିଲା। ଭାରତର ଶିଲିଗୁଡ଼ି କରିଡରକୁ ଚିକେନ ନେକ କୁହାଯାଏ। ଏହା ଏକ ସଂକୀର୍ଣ୍ଣ ରାସ୍ତା ଯାହା ସେଭେନ ସିଷ୍ଟର୍ସ ବା ସମଗ୍ର ଉତ୍ତର-ପୂର୍ବ ଭାରତକୁ ବାକି ଭାରତ ସହ ଯୋଡିଥାଏ। ସଡ଼କ ତିଆରି ବାହାନାରେ ଡୋକଲାମ ଦଖଲ ଥିଲା ଚୀନର ଭିତିରି ଅଭିପ୍ରାୟ। ଏପରି ହୋଇଥିଲେ ଚୀନ ଶିଲିଗୁଡ଼ି କରିଡରର ଅତ୍ୟନ୍ତ ନିକଟତର ହୋଇଥାନ୍ତା। ଚିକେନ ନେକ କବ୍‌ଜା କରିଥାନ୍ତା। ପରେ ଏହାକୁ କାଟି ଦେଇଥାନ୍ତା ଯାହା ଭାରତ ପ୍ରତି ରାଜନୈତିକ ସଙ୍କଟ ସୃଷ୍ଟି କରିଥାନ୍ତା। ସମଗ୍ର ଉତ୍ତର ପୂର୍ବୀ ଭାରତ, ଭାରତ ଠାରୁ ବିଚ୍ଛିନ୍ନ ହୋଇଯାଇଥାନ୍ତା। ଏସମସ୍ତ ରାଜ୍ୟକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚୀନକୁ ସୁବିଧା ହୋଇଥାନ୍ତା। ଉଚିତ ସମୟରେ ଭାରତର ହସ୍ତକ୍ଷେପ, ଭାରତୀୟ ସେନାର ପଦକ୍ଷେପ ଏବଂ କୁଟନୈତିକ ଆଲୋଚନା ସମସ୍ୟାର ସମାଧାନ କରିଥିଲା। ଦେଶ ଏକ ନିଶ୍ଚିତ ସଙ୍କଟର ସମ୍ମୁଖୀନ ହେବାରୁ ବଞ୍ଚି ଯାଇଥିଲା।

ଗଲୱାନ ଉପତ୍ୟକା ପୂର୍ବ ଲଦାଖରେ ଅବସ୍ଥିତ। ଜୁନ୍ ୨୦୨୦ରେ ସେଠି ଭାରତୀୟ ଓ ଚୀନି ସୈନିକଙ୍କ ମଧ୍ୟରେ ଏକ ଭୟଙ୍କର ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଭାରତର ୨୦ ଜଣ ବୀର ଯବାନ ଶହୀଦ ହୋଇଥିଲେ। ଚୀନର ମଧ୍ୟ ବହୁ ସୈନିକ ନିହତ ହୋଇଥିଲେ। ଭାରତ ନିଜ ସୀମା ଭିତରେ ଦାରବୁକ୍ - ଶ୍ୟୋକ -ଦୌଲତ ବେଗ୍ ଓଲ୍ଡି - ଡ଼ିଏସଡ଼ିବିଓ ରାସ୍ତା ନିର୍ମାଣ କରୁଥିଲା। ଏହି ରାସ୍ତା ଦେଇ ଭାରତୀୟ ସେନା ସହଜରେ ଏବଂ କମ୍ ସମୟରେ ଚୀନ୍ ସୀମାରେ ପହଞ୍ଚିପାରିଥାନ୍ତେ। ଏହା ଦେଖି ଚୀନ୍ ଭୟଭୀତ ହୋଇପଡ଼ିଥିଲା।ବେଆଇନ ଭାବେ ପ୍ରକୃତ ନିୟନ୍ତ୍ରଣ ରେଖାର ସ୍ଥିତି ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ଭାରତୀୟ ସେନା ଏହାର ଉପଯୁକ୍ତ ଜବାବ ଦେଇଥିଲା। ଦୀର୍ଘାୟିତ ସାମରିକ ଆଲୋଚନା ପରେ ସେଠାରେ ବଫର୍ ଜୋନ୍ ତିଆରି ହେଲା। ଉଭୟ ପକ୍ଷ ସୈନ୍ୟଙ୍କୁ ପଛକୁ ହଟାଯାଇଥିଲା।

ଚୀନର ସବୁଠାରୁ ବଡ଼ ଟାର୍ଗେଟ ଥିଲା ସୁବନସିରି ଅଞ୍ଚଳ। ଅରୁଣାଚଳର ଅପର ସୁବନସିରି ଜିଲ୍ଲା ତନ୍ମଧ୍ୟରୁ ଅନ୍ୟତମ। ଚୀନ୍ ସମଗ୍ର ଅରୁଣାଚଳ ପ୍ରଦେଶକୁ ସର୍ବଦା ନିଜର ବୋଲି ଦାବି କରିଥାଏ। ଏହାକୁ ଦକ୍ଷିଣ ତିବ୍ବତ କହିଥାଏ । ଏହି ଅଞ୍ଚଳରେ ଚୀନ୍ ପ୍ରକୃତ ନିୟନ୍ତ୍ରଣ ରେଖାର ଏକଦମ ନିକଟରେ ଅନେକ ନୂଆ ସାମରିକ ଗ୍ରାମ ବସାଇଛି। ଖୁବ ବଡ଼ ଧରଣର ଭିତ୍ତିଭୂମି ପ୍ରସ୍ତୁତ କରିଛି। ଚୀନ୍ ସୈନିକମାନେ ଏହି ଅଞ୍ଚଳରେ ପ୍ରାୟତଃ ଭାରତୀୟ ସେନାର ପାଟ୍ରୋଲିଂକୁ ବାଧା ପହଞ୍ଚାଇବାକୁ ଚେଷ୍ଟା କରିଥାନ୍ତି। ଏଠାକାର ଅସାଫିଲା ଏବଂ ତକ୍ସିଙ୍ଗ ଅଞ୍ଚଳ ସବୁବେଳେ ଚର୍ଚ୍ଚାରେ ଥାଏ। ଭାରତୀୟ ସେନା ଏବଂ ଆଇଟିବିପି, ଇଣ୍ଡୋ - ତିବ୍ୱତନ ବର୍ଡର ପୋଲିସ, ଏହି ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ଅତ୍ୟନ୍ତ ସତର୍କତାର ସହ ଜଗି ରହିଥାନ୍ତି। ଚୀନର କୌଣସି ଦୁଃସାହସିକ ପଦକ୍ଷେପର ଉଚିତ ଜବାବ ଦେବାକୁ ଭାରତ ଏହି ଅଞ୍ଚଳରେ ନିଜର ରାସ୍ତାଘାଟ ଓ ସାମରିକ ଶକ୍ତି ବହୁ ଗୁଣିତ କରିଛି। ଅପର୍ ସୁବନସିରି ଅଞ୍ଚଳରେ ସମ୍ପ୍ରତି ସ୍ଥିତି ସମ୍ବେଦନଶୀଳ ଏବଂ ଉ□ଜନାପୂର୍ଣ୍ଣ ରହିଛି। ଗତ କିଛି ସପ୍ତାହ ହେବ ଏହି ଅଞ୍ଚଳରେ ଭାରତ ଏବଂ ଚୀନ୍‌ର ସୈନିକମାନଙ୍କ ମଧ୍ୟରେ କେତେକ ସ୍ଥାନରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ ଓ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଛି। ବିଶେଷକରି ଅପର୍ ସୁବନସିରିର ଅସାଫିଲା ଓ ତକ୍ସିଙ୍ଗ ସେକ୍ଟରରେ ଜୁଲାଇ ମାସଠାରୁ ଉତ୍ତେଜନା ବୃଦ୍ଧି ପାଇଛି। ଅକ୍ଟୋବର ୨୦୨୬ ରେ ଇଣ୍ଡୋ -ତିବ୍ୱତନ ବର୍ଡର ପୋଲିସ ମହାନିର୍ଦ୍ଦେଶକ ଶତ୍ରୁଜିତ ସିଂ କପୁର ଏହା ସ୍ପଷ୍ଟ କରିଛନ୍ତି। ଭାରତ ବୈଦେଶିକ ମନ୍ତ୍ରାଳୟର ତଥ୍ୟ ଅନୁସାରେ ଚୀନ୍ ସୈନିକମାନେ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ପାଟ୍ରୋଲିଂ ଶୈଳୀରେ ପରିବର୍ତ୍ତନ କରି ନୂଆ ଅଞ୍ଚଳରେ ପ୍ରବେଶ କରିବାର ଚେଷ୍ଟା କରୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଚୀନ୍ ଏହି ଅଞ୍ଚଳରେ ଥିବା ସାରି ଚୁ ନଦୀ କୂଳ ଓ ସୀମାନ୍ତ ଅଞ୍ଚଳରେ ବେଆଇନ ଭାବେ ବହୁ ସଂଖ୍ୟାରେ ନାଗରିକ ବସ୍ତି କିମ୍ବା ସାମରିକ ମଡେଲ୍ ଗ୍ରାମ ନିର୍ମାଣ କରିଚାଲିଛି। ସାମାନ୍ୟ ନାଗରିକ ବସ୍ତି ବାହାନାରେ ତିବ୍ବତୀୟମାନଙ୍କୁ ବସାଇ ନିଜର ସାମରିକ ଘାଟି ମଜଭୁତ କରୁଥିବା ଖବର ଆସୁଛି। ସୁବନସିରି ଅଞ୍ଚଳର କେତେକ ଆଦିବାସୀ ସଂଗଠନର ଅଭିଯୋଗ ଅନୁସାରେ ଚୀନ୍ ତାଙ୍କର ପାରମ୍ପରିକ ଚାରଣଭୂମି ଓ ଶିକାର ଅଞ୍ଚଳ ନିକଟରେ କ୍ୟାମ୍ପ୍ ଏବଂ ରାସ୍ତା ତିଆରି କରି ଭାରତୀୟ ସୀମା ଭିତରକୁ ପ୍ରବେଶ ଉଦ୍ୟମ କରୁଛି। କିନ୍ତୁ ଚୀନ୍ ଦ୍ୱାରା ନିକଟରେ କୌଣସି ନୂତନ ଭୂଖଣ୍ଡ ଦଖଲ କିମ୍ବା ଅନୁପ୍ରବେଶ ହୋଇନାହିଁ ବୋଲି ଭାରତୀୟ ସେନା ଦାବି କରେ। ଭାରତୀୟ ସେନା ନିଜ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିଛି। ବର୍ତ୍ତମାନ ସେଠାରେ ଆଧୁନିକ ଡ୍ରୋନ୍, ସ୍ପେଶାଲ କମାଣ୍ଡୋ ଏବଂ ଭୂତଳ ସାମରିକ ସେଲ୍ଟର ମୁତୟନ ଅଛନ୍ତି। ଚୀନର ଗତିବିଧି ଉପରେ ସେମାନଙ୍କର କଡ଼ା ନଜର ରହିଛି। ସୀମାନ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ଭାରତ ଦ୍ରୁତଗତିରେ ଆଗେଇ ନେଉଛି। ଉତ୍ତେଜନା ପ୍ରଶମନ ପାଇଁ ଭାରତ ଓ ଚୀନ କୋର କମାଣ୍ଡରଙ୍କ ମଧ୍ୟରେ ବର୍ଡର ପର୍ସନାଲ ମିଟିଂ ଏବଂ କୂଟନୈତିକ ଆଲୋଚନା ଚାଲିଛି।

ଆଶ୍ଚର୍ଯ୍ୟର କଥା ଚୀନ ଅରୁଣାଚଳ ପ୍ରଦେଶର ଅନେକ ଅଞ୍ଚଳର ନାମ ମନଇଚ୍ଛା ପରିବର୍ତ୍ତନ କରିଆସୁଛି । ୨୦୧୭ ମସିହାରେ ଛଅ ଗୋଟି, ୨୦୨୧ ମସିହାସରେ ପନ୍ଦର ଗୋଟି, ୨୦୨୩ ମସିହାରେ ଏଗାର ଗୋଟି ଓ ୨୦୨୪ ମସିହାରେ ତିରିଶ ଗୋଟି ଅଞ୍ଚଳର ଚାଇନିଜ ନାମ ରଖିଛି। ସେପ୍ଟେମ୍ବର ୧୨ ଏବଂ ୧୩, ୨୦୨୬ ଦୁଇଦିନିଆଁ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଦିଲ୍ଲୀ ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ସି ଜିନପିଙ୍ଗ ଯୋଗ ଦେଇଥିଲେ। ଦ୍ୱିପାକ୍ଷିକ ଆଲୋଚନା, ବିଚାର ବିମର୍ଶ ହୋଇଥିଲା। ସୀମାରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବାକୁ ଦୁଇ ପକ୍ଷ ସହମତି ପ୍ରକାଶ କରିଥିଲେ। କିନ୍ତୁ ଭୂମିଗତ ବାସ୍ତବତା ଅଲଗା। କଥାକୁ କାମ ଭିନ୍ନ। ଏହା ଚୀନର ନୀଚ ନୀତି ନୁହେଁ ତ ଆଉ କଣ ?

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର

୭୯୭୮୨୮୩୧୯୦

# ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବୁ

ଜଙ୍ଗଲ ସୁରକ୍ଷା ଓ ମଣିଷର ଜୀବିକାକୁ ପୃଥକ ଭାବେ ଦେଖାଯାଇପାରେ ନାହିଁ। ଯେତେବେଳେ ଗ୍ରାମ ସମୁଦାୟ ନିଜ ଜଙ୍ଗଲକୁ ନିଜର ସମ୍ପଦ, ନିଜର ମା' ଏବଂ ନିଜର ଦାୟିତ୍ୱ ଭାବେ ଗ୍ରହଣ କରେ, ସେତେବେଳେ ଜଙ୍ଗଲର ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷା, ଜୀବିକା ଓ ପରିବେଶୀୟ ସୁରକ୍ଷା ମଧ୍ୟ ମଜଭୁତ ହୁଏ। ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସହଅସ୍ତିତ୍ୱର ଏକ ଜୀବନ୍ତ ଉଦାହରଣ।
ଜଙ୍ଗଲ ସେମାନଙ୍କୁ ଜୀବନ ଦେଇଛି, ତେଣୁ ସେମାନେ ଜଙ୍ଗଲକୁ ନିଜ ମା' ଭାବରେ ଗ୍ରହଣ କରି ତାହାର ସୁରକ୍ଷା କରୁଛନ୍ତି। ଏହି ସମ୍ପର୍କ କୌଣସି ଲିଖିତ ଚୁକ୍ତିର ଉପରେ ନୁହେଁ, ବରଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ବିଶ୍ୱାସ, ଭଲପାଇବା, ଦାୟିତ୍ୱ ଓ ପରସ୍ପର ନିର୍ଭରଶୀଳତା ଉପରେ ଆଧାରିତ।

### ଲିଙ୍ଗରାଜ କଲତା

ଜଙ୍ଗଲ ଏବଂ ଜଙ୍ଗଲ ଅଧିବାସୀ ପରସ୍ପର ପରିପୂରକ ଓ ନିର୍ଭରଶୀଳ। ଜଣକୁ ଛାଡ଼ି ଅନ୍ୟଟିର ଅସ୍ତିତ୍ୱ କଳ୍ପନା କରିବା ପ୍ରାୟ ଅସମ୍ଭବ। ଜଙ୍ଗଲକୁ ନେଇ ଜଙ୍ଗଲ ଅଧିବାସୀ ଏବଂ ଜଙ୍ଗଲ ଅଧିବାସୀଙ୍କୁ ନେଇ ଜଙ୍ଗଲ,ଏହି ସମ୍ପର୍କ ପୂର୍ବପୁରୁଷଙ୍କ ସମୟରୁ ଚାଲିଆସିଛି। ଜଙ୍ଗଲ ବିନା ଜଙ୍ଗଲ ଅଧିବାସୀଙ୍କ ଜୀବନ ଅସମ୍ପୂର୍ଣ୍ଣ। ସେମାନଙ୍କର ଜୀବନ-ଜୀବିକା, ପ୍ରଥା-ପରମ୍ପରା, ରୀତିନୀତି, କଳା ଓ ସଂସ୍କୃତି ଜଙ୍ଗଲକୁ ଆଧାର କରି ଗଢ଼ିଉଠିଛି। ତେଣୁ ଜଙ୍ଗଲ ସେମାନଙ୍କ ପାଇଁ କେବଳ ଏକ ପ୍ରାକୃତିକ ସମ୍ବଳ ନୁହେଁ, ବରଂ ଜୀବନ, ଜୀବିକା, ପରିଚୟ ଓ ଅସ୍ତିତ୍ୱର ମୁଖ୍ୟ ଆଧାର। ଜଙ୍ଗଲର ସୁରକ୍ଷା, ସଂରକ୍ଷଣ, ପୁନର୍ଜନନ ଓ ଜଙ୍ଗଲ ସମ୍ବଳର ସୁପରିଚାଳନା କ୍ଷେତ୍ରରେ ଜଙ୍ଗଲ ଅଧିବାସୀଙ୍କ ପାରମ୍ପରିକ ଜ୍ଞାନ ଓ ଅଭିଜ୍ଞତାର ଗୁରୁତ୍ୱ ଅପରିସୀମ। ପିଢ଼ି ପରେ ପିଢ଼ି ଜଙ୍ଗଲ ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ ରହିଥିବାରୁ ସେମାନେ ଜଙ୍ଗଲର ଭାଷା, ପ୍ରକୃତି, ପରିବର୍ତ୍ତନ ଓ ଆବଶ୍ୟକତାକୁ ନିକଟରୁ ବୁଝିପାରନ୍ତି। କେଉଁ ଋତୁରେ କେଉଁ ଜଙ୍ଗଲଜାତ ସମ୍ବଳ ଉପଲବ୍ଧ ହୁଏ, କେତେ ପରିମାଣରେ ସଂଗ୍ରହ କରିବା ଉଚିତ, କେଉଁ ସମ୍ବଳକୁ ସୁରକ୍ଷିତ ରଖିବା ଆବଶ୍ୟକ ଏବଂ ଜଙ୍ଗଲର ପ୍ରାକୃତିକ ସନ୍ତୁଳନ କିପରି ବଜାୟ ରଖିବା ଦରକାର—ଏ ସବୁ ବିଷୟରେ ସେମାନଙ୍କର ଅନୁଭବଭିତ୍ତିକ ଜ୍ଞାନ ରହିଛି। ଏହି ପାରମ୍ପରିକ ଜ୍ଞାନ ହିଁ ସେମାନଙ୍କୁ ଜଙ୍ଗଲର ଜଣେ ସଚେତନ ସୁରକ୍ଷାକର୍ତ୍ତା ଭାବରେ ପରିଚିତ କରାଇଛି। ଜଙ୍ଗଲ ସେମାନଙ୍କୁ ବର୍ଷର ପ୍ରତ୍ୟେକ ଋତୁରେ କିଛି ନା କିଛି ଦେଇଆସିଛି। କେବେ ଖାଦ୍ୟ, କେବେ ଔଷଧ, କେବେ ଜୀବିକାର ଉପାଦାନ ଏବଂ କେବେ ସାଂସ୍କୃତିକ ପରିଚୟର ଆଧାର ହୋଇଛି। ଜଙ୍ଗଲ କେବେ ସେମାନଙ୍କୁ ନିରାଶ କରିନାହିଁ; ଜୀବନର ପ୍ରତ୍ୟେକ ଆବଶ୍ୟକତା ସମୟରେ କୌଣସି ନା କୌଣସି ରୂପରେ ସେମାନଙ୍କୁ ସାହାରା ଦେଇଆସିଛି। ସେଥିପାଇଁ ଜଙ୍ଗଲ ଅଧିବାସୀମାନେ ଜଙ୍ଗଲକୁ କେବଳ ଏକ ସମ୍ବଳ ଭାବରେ ନୁହେଁ, 'ମା' ବୋଲି କୁହନ୍ତି ଏବଂ ମା' ଭାବରେ ସମ୍ମାନ କରନ୍ତି। ଯେପରି ଜଣେ ମା' ନିଜ ସନ୍ତାନର ଆବଶ୍ୟକତା ପୂରଣ କରି ତା'କୁ ଜୀବନ ଦିଅନ୍ତି, ସେହିପରି ଜଙ୍ଗଲ ମଧ୍ୟ ପିଢ଼ି ପରେ ପିଢ଼ି ସେମାନଙ୍କୁ ଖାଦ୍ୟ, ଜୀବିକା ଓ ଜୀବନର ଆଧାର ଯୋଗାଇଆସିଛି। ତେଣୁ ଜଣେ ପୁଅ ଯେପରି ନିଜ ମା'ର ଯତ୍ନ, ସୁରକ୍ଷା ଓ ସମ୍ମାନ କରିବାକୁ ନିଜର ଦାୟିତ୍ୱ ଭାବେ ଗ୍ରହଣ କରେ, ସେହିପରି ଜଙ୍ଗଲ ଅଧିବାସୀମାନେ ମଧ୍ୟ ଜଙ୍ଗଲକୁ ନିଜ ମା' ଭାବି ତାହାର ସୁରକ୍ଷା, ସଂରକ୍ଷଣ ଓ ଯତ୍ନ ନେବାକୁ ନିଜର ଦାୟିତ୍ୱ ଭାବେ ପାଳନ କରିଆସୁଛନ୍ତି। ଏହି ଜଙ୍ଗଲ ଓ ଜଙ୍ଗଲ ଅଧିବାସୀଙ୍କ ଅନନ୍ୟ ସମ୍ପର୍କର ଏକ ଜ୍ୱଳନ୍ତ ଉଦାହରଣ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ ଅଧୀନସ୍ଥ କୁଳୁରୁକୁମ୍ପା ଓ ଟାକରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳେ। ଏଠାକାର ଗ୍ରାମବାସୀମାନଙ୍କ ଜୀବନ ଓ ଜୀବିକା ଦୀର୍ଘଦିନ ଧରି ଜଙ୍ଗଲ ସହିତ ଜଡ଼ିତ। ଜଙ୍ଗଲରୁ ମିଳୁଥିବା ଖାଦ୍ୟ, ଫଳ, ଶାଗ, କନ୍ଦମୂଳ, ଛତୁ, ପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଉତ୍ପାଦ ସେମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ। ଏହି ନିର୍ଭରଶୀଳତା ସେମାନଙ୍କୁ ଜଙ୍ଗଲର ମୂଲ୍ୟ ଓ ଗୁରୁତ୍ୱ ବୁଝିବା ସହିତ ତାହାର ସୁରକ୍ଷା ପାଇଁ ସାମୂହିକ ଭାବରେ ଆଗେଇ ଆସିବାକୁ ପ୍ରେରଣା ଦେଇଛି। ଜଙ୍ଗଲକୁ ନେଇ ବଞ୍ଚିବା ସହିତ ଜଙ୍ଗଲକୁ ଭଲ ଭାବରେ ବଞ୍ଚାଇ ରଖିବା ପାଇଁ ଏଠାକାର ଗ୍ରାମବାସୀମାନେ ସାମୂହିକ ସଂକଳ୍ପ ନେଇଛନ୍ତି ୨୦୧୯ ମସିହା ଠାରୁ। ବିଶେଷକରି ପୂର୍ବାପେକ୍ଷା ଅଧିକ ଦୃଢ଼ତା ଓ ସାମୂହିକ ଭାବନାର ସହିତ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦେଇଆସୁଛନ୍ତି। ଜଙ୍ଗଲ ସୁରକ୍ଷାକୁ କେବଳ କିଛି ବ୍ୟକ୍ତିଙ୍କ ଦାୟିତ୍ୱ ଭାବରେ ନ ଦେଖି ସମଗ୍ର ଗ୍ରାମ ସମୁଦାୟର ଦାୟିତ୍ୱ ଭାବେ ଗ୍ରହଣ କରିବା ଏହି ପ୍ରୟାସର ଏକ ବିଶେଷତ୍ୱ। ଗ୍ରାମବାସୀମାନେ ନିୟମିତ ଭାବରେ ଦୈନିକ ପାଳି ପହରା ଦେବା, ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା କରିବା, ବାହ୍ୟ ଲୋକଙ୍କ ଅନଧିକୃତ ପ୍ରବେଶରୁ ଜଙ୍ଗଲକୁ ରକ୍ଷା କରିବା, ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କ ଖାଦ୍ୟ ଏବଂ ଆବାସସ୍ଥଳୀର ସୁରକ୍ଷା କରିବା ଭଳି ବିଭିନ୍ନ ପଦକ୍ଷେପ ନେଇଆସୁଛନ୍ତି। ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ଥିବା ସମୟରେ ଗ୍ରାମବାସୀମାନେ ଅଧିକ ସଚେତନ ହୋଇ ପାଳି ପହରା ଦେବା ସହିତ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ତତ୍ପର ହୋଇଥାନ୍ତି। ଏହା ସହିତ ଜଙ୍ଗଲର ପ୍ରାକୃତିକ ପୁନର୍ଜନନକୁ ସୁରକ୍ଷିତ ରଖିବା, ଛୋଟ ଗଛ ଓ ଚାରାଗଛକୁ ସୁରକ୍ଷା କରିବା ଏବଂ ଜଙ୍ଗଲ ସମ୍ବଳର ସୁସ୍ଥାୟୀ ବ୍ୟବହାର ପାଇଁ ମଧ୍ୟ ସାମୂହିକ ଭାବେ କାର୍ଯ୍ୟ କରୁଛନ୍ତି।



ଏହି ନିରନ୍ତର ସାମୂହିକ ପ୍ରୟାସର ପ୍ରଭାବ ଏବେ ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧିରେ ଦୃଶ୍ୟମାନ ହେଉଛି। ପୂର୍ବାପେକ୍ଷା ଜଙ୍ଗଲରେ କନ୍ଦମୂଳ, ଛତୁ, ବିଭିନ୍ନ ପ୍ରକାରର ପତ୍ର, ଫଳ, ଶାଗ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଖାଦ୍ୟର ଉପଲବ୍ଧତା ବୃଦ୍ଧି ପାଇଛି। ଋତୁଭିତ୍ତିକ ଭାବରେ ଏଗୁଡ଼ିକ ବର୍ଷସାରା ଅଧିକ ପରିମାଣରେ ଉପଲବ୍ଧ ହେଉଛି। ଗ୍ରାମବାସୀମାନେ ନିଜ ପରିବାରର ଆବଶ୍ୟକତା ଅନୁଯାୟୀ ଏହି ସମ୍ବଳ ସଂଗ୍ରହ କରି ଖାଦ୍ୟ ଭାବରେ ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କ ପରିବାରର ଖାଦ୍ୟ ସୁରକ୍ଷା ମଜଭୁତ ହେଉଛି। ଏହା ସହିତ ଅତିରିକ୍ତ ଜଙ୍ଗଲଜାତ ଉତ୍ପାଦକୁ ବିକ୍ରି କରି ଗ୍ରାମବାସୀମାନେ ଆୟ କରୁଛନ୍ତି ଏବଂ ପରିବାରର ଆର୍ଥିକ ଆବଶ୍ୟକତା ପୂରଣରେ ସହାୟତା ପାଉଛନ୍ତି। ପୂର୍ବାପେକ୍ଷା ବର୍ତ୍ତମାନ ଅଧିକ ପରିମାଣରେ ଏବଂ ଅଧିକ ଦିନ ପର୍ଯ୍ୟନ୍ତ ଜଙ୍ଗଲଜାତ ଖାଦ୍ୟ ଓ ଅନ୍ୟାନ୍ୟ ସମ୍ବଳ ମିଳୁଥିବାରୁ ଲୋକମାନଙ୍କ ଜୀବିକାରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି। ଅର୍ଥାତ୍, ଜଙ୍ଗଲ ସୁରକ୍ଷା ଓ ଜୀବିକା ମଧ୍ୟରେ ଏକ ସୁନ୍ଦର ଓ ସକାରାତ୍ମକ ସମ୍ପର୍କ ଗଢ଼ିଉଠିଛି—ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା କରୁଛନ୍ତି ଏବଂ ଜଙ୍ଗଲ ସେମାନଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷା ଦେଉଛି।

ଏହି ପରିବର୍ତ୍ତନ କେବଳ ଜଙ୍ଗଲର ସମୃଦ୍ଧିର ପ୍ରତୀକ ନୁହେଁ; ଏହା ଗ୍ରାମବାସୀଙ୍କ ସାମୂହିକ ଦାୟିତ୍ୱବୋଧ, ପାରମ୍ପରିକ ଜ୍ଞାନ ଓ ଜଙ୍ଗଲ ପ୍ରତି ଥିବା ଭଲପାଇବାର ପରିଣାମ। ସେମାନେ ଜଙ୍ଗଲକୁ କେବଳ ଆଜିର ଆବଶ୍ୟକତା ପୂରଣର ମାଧ୍ୟମ ଭାବରେ ନ ଦେଖି ଆଗାମୀ ପିଢ଼ି ପାଇଁ ଏକ ସମ୍ପଦ ଭାବେ ଦେଖୁଛନ୍ତି। ଏହି ଚିନ୍ତାଧାରା ଜଙ୍ଗଲ ସୁରକ୍ଷାକୁ ଅଧିକ ସୁଦୃଢ଼ କରିଛି।

ଦଶପଲ୍ଲାର ଏହି ଅନୁଭବ ପ୍ରମାଣ କରୁଛି ଯେ ଜଙ୍ଗଲକୁ କେବଳ ଆମର ବ୍ୟବହାରର ସ୍ଥଳୀ ଭାବେ ଦେଖିବା ଠିକ୍ ନୁହେଁ; ଏହା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ। ଜଙ୍ଗଲକୁ ସୁରକ୍ଷା କଲେ ଜଙ୍ଗଲ ଆମକୁ ଖାଦ୍ୟ, ଜୀବିକା, ଔଷଧ, ପରିବେଶୀୟ ସୁରକ୍ଷା ଓ ଜୀବନର ଆଧାର ଯୋଗାଇଥାଏ। ସେହିପରି ଜଙ୍ଗଲ ଅଧିବାସୀଙ୍କ ପାରମ୍ପରିକ ଜ୍ଞାନ, ଅଭିଜ୍ଞତା ଓ ସାମୂହିକ ପ୍ରୟାସ ଜଙ୍ଗଲର ସୁସ୍ଥାୟୀ ସୁରକ୍ଷା ଓ ପରିଚାଳନାରେ ଏକ ଅମୂଲ୍ୟ ଭୂମିକା ନିଏ।

ଜଙ୍ଗଲ ସୁରକ୍ଷା ଓ ମଣିଷର ଜୀବିକାକୁ ପୃଥକ ଭାବେ ଦେଖାଯାଇପାରେ ନାହିଁ। ଯେତେବେଳେ ଗ୍ରାମ ସମୁଦାୟ ନିଜ ଜଙ୍ଗଲକୁ ନିଜର ସମ୍ପଦ, ନିଜର ମା' ଏବଂ ନିଜର ଦାୟିତ୍ୱ ଭାବେ ଗ୍ରହଣ କରେ, ସେତେବେଳେ ଜଙ୍ଗଲର ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷା, ଜୀବିକା ଓ ପରିବେଶୀୟ ସୁରକ୍ଷା ମଧ୍ୟ ମଜବୁତ ହୁଏ। ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସହଅସ୍ତିତ୍ୱର ଏକ ଜୀବନ୍ତ ଉଦାହରଣ।

ଜଙ୍ଗଲ ସେମାନଙ୍କୁ ଜୀବନ ଦେଇଛି, ତେଣୁ ସେମାନେ ଜଙ୍ଗଲକୁ ନିଜ ମା' ଭାବରେ ଗ୍ରହଣ କରି ତାହାର ସୁରକ୍ଷା କରୁଛନ୍ତି। ଏହି ସମ୍ପର୍କ କୌଣସି ଲିଖିତ ଚୁକ୍ତିର ଉପରେ ନୁହେଁ, ବରଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ବିଶ୍ୱାସ, ଭଲପାଇବା, ଦାୟିତ୍ୱ ଓ ପରସ୍ପର ନିର୍ଭରଶୀଳତା ଉପରେ ଆଧାରିତ। ଏହି କାରଣରୁ ଦଶପଲ୍ଲାର ଏହି ଗ୍ରାମଗୁଡ଼ିକର ଅନୁଭବ ଆମକୁ ଶିଖାଏ ଯେ ପ୍ରକୃତିକୁ ସୁରକ୍ଷା କରିବାର ସବୁଠାରୁ ଦୃଢ଼ ଉପାୟ ହେଉଛି ପ୍ରକୃତି ସହିତ ଜୀବନ୍ତ ସମ୍ପର୍କ ରଖୁଥିବା ସମୁଦାୟକୁ ସମ୍ମାନ, ସ୍ୱୀକୃତି ଓ ନେତୃତ୍ୱର ସୁଯୋଗ ଦେବା।

"ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବୁ, ଆମେ ଜଙ୍ଗଲକୁ ବଞ୍ଚାଇଲେ ଜଙ୍ଗଲ ଆମକୁ ବଞ୍ଚାଇ ରଖିବ।"

ମୋ- ୭୮୫୫୦୨୨୮୨୯

# ମିଛ କହୁଥିଲେ

### ଡକ୍ଟର ସୁରେଶ କୁମାର ନାୟକ

କଥାରେ ଅଛି ସତ କହିଲେ ଜଗନ୍ନାଥ, ମିଛ କହିଲେ ମହାପାପ। ମହାଭାରତରେ ଧର୍ମରାଜ ଯୁଧିଷ୍ଠିରଙ୍କ ଯୁଦ୍ଧଭୂମିରେ ମିଛ କହିବା କାଳ କାଳ ପାଇଁ ଏକ ଅଧ୍ୟାୟ ହୋଇ ରହିଗଲା। ଯଦି ଜଣେ ପିଲା ଥରେ ମିଛ କହିବା ଆରମ୍ଭ କରେ ଆଉ ତାହାକୁ ଅନ୍ୟମାନେ ସତ ବୋଲି ଗ୍ରହଣ କରିନିଆନ୍ତି, ତେବେ ଏହାଦ୍ୱାରା ପିଲାଟିର ଏଭଳି ଅଭ୍ୟାସ ବଢ଼ିଚାଲେ। ପିଲାମାନେ ଯଦି ପ୍ରତି କଥାରେ ମିଛ କୁହନ୍ତି, ସେତେବେଳେ ସେମାନଙ୍କଠାରୁ ସତ ଆଶା କରିବା ହିଁ ବୃଥା। ବାରମ୍ବାର ମିଛ କହିବା ଦ୍ୱାରା ସେମାନଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏକ ଭିନ୍ନ ଧାରଣା ଆସିଥାଏ। ଅନେକ ସମୟରେ ସେମାନଙ୍କ ସହ ଅନ୍ୟମାନେ କଥା ହେବାକୁ ପସନ୍ଦ କରି ନଥାନ୍ତି। ପିଲାଙ୍କ ଠାରେ ଏଭଳି ଅଭ୍ୟାସ ଦେଖିବାକୁ ପାଇଲେ କେବଳ ବାପା ମାଆ ନୁହଁନ୍ତି ଘରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଏଥିରୁ ନିବୃତ୍ତ ହେବାକୁ ପରାମର୍ଶ ଦେବା ଆବଶ୍ୟକ। ସତ ମିଛ ଭିତରେ ଫରକ କଣ ରହିଛି ପିଲାଟି ପ୍ରଥମେ ନିଜେ ହୃଦୟଙ୍ଗମ କରିବା ଦରକାର। ଆପଣ ଯଦି ସତରେ ଚାହୁଁଥାନ୍ତି ଆପଣଙ୍କ ପିଲା ମିଛ ନକହୁ ତେବେ କିଛି କଥାକୁ ଧ୍ୟାନରେ ରଖିବା ନିହାତି କରୁରୀ। ସର୍ବପ୍ରଥମେ ଏହା ଜାଣି ନିଅନ୍ତୁ ଯେ ପିଲା କାହିଁକି ମିଛ କହୁଛି। ଯଦି ପିଲାଙ୍କ ଭିତରେ ଥିବା ସାହସକୁ ଜାଗ୍ରତ କରି ରଖିବେ ତେବେ ନିଜେ ନିଜେ ତା ମନରୁ ମିଛି କହିବା ଛାଡ଼ିଦେବ।

ସର୍ବ ପ୍ରଥମ ହେଉଛି ଆତ୍ମ ବିଶ୍ୱାସ। ସତ କଣ ମିଛ କଣ ଏ ନେଇ ପ୍ରଥମେ ପିଲାଟିର ଆତ୍ମ ବିଶ୍ୱାସ ଦୃଢ଼ ହେବା ଦରକାର। ପ୍ରଥମେ ସେ ଏହି ଦୁଇଟି ଜିନିଷ ମଧ୍ୟରେ ଥିବା ଆକାଶ ପାତାଳ ଫରକକୁ ଅନୁଭବ କରିବା ଆବଶ୍ୟକ। ଯଦି ଏ କ୍ଷେତ୍ରରେ ପିଲାଟି ଆତ୍ମ ବିଶ୍ୱାସ ଦୃଢ଼ ନାହିଁ ବୋଲି ମାବାପା ଅନୁଭବ କରୁଛନ୍ତି ତେବେ ତାହା କିପରି ଦୃଢ଼ ରହିବ ସେ ନେଇ ତାକୁ ବୁଝାନ୍ତୁ। ମିଛ କହିଲେ କି କ୍ଷତି ହୁଏ ତାହା ଯଦି ସେ ଭଲ ଭାବରେ ଜାଣି ନପାରିଲା, ତେବେ ପିଲାଟିକୁ ଯେତେ ବୁଝାଇଲେ କିଛି ଲାଭ ହୋଇନଥାଏ। ଯେତେବେଳେ ସେ ଜାଣିବ ଯେ ମିଛ କହିଲେ ସେ ଅନ୍ୟମାନଙ୍କର ପ୍ରିୟପାତ୍ର ହୋଇପାରିବ ନାହିଁ, ସେତେବେଳେ ସେ ଧୀରେ ଧୀରେ ମିଛ ଠାରୁ ନିଜକୁ ଦୂରେଇବ ନେବାକୁ ନିଜେ ଚେଷ୍ଟା କରିବ। ମିଛ କହିବା ପଛର କାରଣ ମଧ୍ୟ ଅନେକ । ଅନେକ ପିଲା ନିଜ ଦୋଷତୃଟିକୁ ଲୁଚାଇବା ପାଇଁ ମିଛ କହିଥାନ୍ତି। କେଉଁଠି କିଛ ଭୁଲ କରିଥିଲେ ତାହାକୁ ସମସ୍ତଙ୍କୁ ଜଣାନ୍ତି ନାହିଁ। ଏଥିରୁ ରକ୍ଷା ପାଇବା ଲାଗି ମିଛ କହିବା ଏକମାତ୍ର ବାଟ ବୋଲି ସେମାନେ ଭାବି ଥାଆନ୍ତି ଏବଂ ଯେତେବେଳେ ସେମାନଙ୍କୁ ପଚରାଯାଏ, ସେତେବେଳେ ମିଛର ଆଶ୍ରୟ ନିଅନ୍ତି। ତେଣୁ ପିଲାଟି କାହିଁକି ମିଛ କହୁଛି, ତାହା ପ୍ରଥମେ ମାଆ ବାପା ଜାଣିବା ଦରକାର। ପିଲାଟି ମଧ୍ୟ ଯଦି ପରବର୍ତ୍ତୀ ସମୟରେ ଜାଣିପାରିଲା ଯେ ମୁଁ ମିଛ କହି ଭୁଲ କରିଛି ତେବେ ସେ ଆଗକୁ ମିଛ କହିବାକୁ ଚେଷ୍ଟା କରିବ ନାହିଁ। ତେଣୁ ମିଛ କହିବାର କାରଣ ପ୍ରଥମେ ଜାଣି ତାହାକୁ ତୁରନ୍ତ ସମାଧାନ କରିବା ଆବଶ୍ୟକ।

ପିଲାଟି ଭୁଲ ସ୍ୱୀକାର କରିବା ପରେ। ପିଲାଟି ଯଦି ଭୁଲ କଥା କହିଛି ନିଜେ ସ୍ୱୀକାର କରେ ତେବେ ତାହା ବଡ଼ କଥା। କାରଣ ସେହି ସମୟରେ ସେ ନିଜେ ଜାଣିପାରେ ଯେ ଯାହା କରିଛି ତାହା ଭୁଲ। ତେଣୁ ଏଭଳି ସମୟରେ ତାକୁ ଆକଟ ନ କରି ପ୍ରଶଂସା କରନ୍ତୁ। ଭୁଲ କଥାକୁ ମାନିନେବା ଏକ ଭୁଲ ଅଭ୍ୟାସ ବୋଲି ସେ ହୃଦୟଙ୍ଗମ କରିବା ଆବଶ୍ୟକ। କାରଣ ଭୁଲକୁ ମାନିନେବା ଏବଂ ସେଥି ନେଇ ଅନୁତାପ କରିବା ହେଉଛି ବଡ଼ କଥା। ଣ୍ଡୁ ଏଭଳି ସମୟରେ ପିଲାଟିକୁ ପ୍ରଶଂସା କରି ସବୁବେଳେ ସତ କଥା କହିବାକୁ ପ୍ରବର୍ତ୍ତାଇଲେ ସେ ନିଜକୁ ଠିକ ବାଟର ପରିଚାଳିତ କରିପାରିବ।

ମିଛ ସହିତ ସାଙ୍ଗସାଥୀଙ୍କ ମଧ୍ୟ ସମ୍ପର୍କ ରହିଛି। ପିଲାମାନଙ୍କର ଅନେକ ସାଙ୍ଗସାଥୀ ଥାଆନ୍ତି। ସମସ୍ତଙ୍କର ମାନସିକତା ଏବଂ ପ୍ରକୃତି ଠିକ ନଥାଏ। କେତେଜଣ ପିଲା ମିଛ କହିବା ଏକ ଭଲ କଥା ବୋଲି ଭାବିଥାଆନ୍ତି ଏବଂ ଏଥି ନେଇ ସାଙ୍ଗମାନଙ୍କୁ ମିଛ କହିବାକୁ ଶିଖାଇଥାନ୍ତି। ତେଣୁ ଆପଣଙ୍କ ପିଲା କେଉଁମାନଙ୍କ ସହ ସାଙ୍ଗ ହେଉଛନ୍ତି ତାହା ଉପରେ ତୀକ୍ଷଣ ନଜର ରଖନ୍ତୁ।

ଦୂରଭାଷ : ୯୪୩୭୨୨୫୫୯୨

## ବାଲ୍ୟ ବିବାହ ନିଷେଧ ଆଇନ ଉପରେ ପ୍ରଶିକ୍ଷଣ

ବୌଦ୍ଧ,୨୮।୧୦ (ନିପ୍ର): ବୌଦ୍ଧ ସଦ୍‌ଭାବନା ସଭାଗୃହଠାରେ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଶ୍ରୀମତୀ ସୁଜାତା ପାଣିଗ୍ରାହୀ ଓ ତାଙ୍କ ଟିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ସମ୍ବଳ ବ୍ୟକ୍ତି ସୁନୀତା ତ୍ରିପାଠୀ ବାଲ୍ୟ ବିବାହ ନିଷେଧ ଆଇନର ବିଭିନ୍ନ ଦିଗ, ଆଇନଗତ ବ୍ୟବସ୍ଥା ଓ ଏହାର ନିରାକରଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦେଇ ବାଲ୍ୟ ବିବାହ ରୋକିବା, ଜନସଚେତନତା ବୃଦ୍ଧି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଆଲୋଚନା କରିଥିଲେ। ବାଲ୍ୟ ବିବାହମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଧର୍ମଗଡ଼ରେ ବିଜେପି ପକ୍ଷରୁ ମିଶ୍ରଣ ଶିବିର

ଧର୍ମଗଡ,୨୮।୧୦ (ନିପ୍ର): ୨୪ ବର୍ଷର କୁଶାସନ ଓ ସାଧାରଣ ଜନତା ଙ୍କୁ ଅଣଦେଖା ପାଇଁ ଓଡ଼ିଶାର ସର୍ବତ୍ର ଲୋକମାନେ ହଜାର ହଜାର ସଂଖ୍ୟାରେ ଭାରତୀୟ ଜନତା ପାର୍ଟି ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଧର୍ମଗଡ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ନେତୃତ୍ୱରେ ହୋଟେଲ ରାଜ ଠାରେ ଧର୍ମଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଏକ ବିରାଟ ମିଶ୍ରଣ ପର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଳାହାଣ୍ଡି ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ବିଜେପି ଉପ ସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅବିନାଶ ନନ୍ଦଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। ନିର୍ବାଚନ ମଣ୍ଡଳୀର ୧୦ ଗୋଟି ମଣ୍ଡଳରୁ ଆସିଥିବା ପ୍ରାୟ ୭ଶହ ବିଜେଡ଼ି ଓ କଂଗ୍ରେସ ନେତା ଓ କର୍ମୀ ବିଜେପିର ମଙ୍ଗ ଧରି ଥିଲେ। ଏହି ମାନଙ୍କ ମଧ୍ୟରେ ପୂର୍ବତନ ବିଜେଡ଼ି ବ୍ଲକ ସଭାପତି ଟିକମନ୍ ଯାଦବ,ସମ୍ପାଦକ ଅନୁପ ନାଏକ, ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ କ୍ଷୀରିରାମ ସା, ଅବସର ପ୍ରାପ୍ତ କୃଷି ଅଧିକାରୀ ଗଜାନନ ସା ପ୍ରମୁଖଙ୍କୁ ମନ୍ତ୍ରୀ ଗୈରିକ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବ ପୂର୍ବରୁ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ,ରାଜ୍ୟ ବିଜେପି ଉପ ସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅବିନାଶ ନନ୍ଦ ବକ୍ତବ୍ୟ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟାରେ ଲୋକେ ବିଜେପି ରେ ସାମିଲ ହେଉଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଧନଞ୍ଜୟ ପାତ୍ର, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ନଗରପାଳ ଅଶୋକ ମହାନ୍ତି, ଜିଲ୍ଲା ଉପସଭାନେତ୍ରୀ ସୁକାନ୍ତି ସା, ଓ ଶରଧାପଦର ମଣ୍ଡଳ ପ୍ରଭାରୀ ଶିଶୁଦେବ ମୁଣ୍ଡ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ଅପରେଶ ସ୍ୱାଇଁ, କଲମପୁର ବ୍ଲକ ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି ତ୍ରିନାଥ ଶବର ଓ ଜିଲ୍ଲା ସମ୍ପାଦକ ହେମନ୍ତ ମାଝୀ ସମେତ ଅନ୍ୟ ଦଳୀୟ ନେତାମାନେ ମଞ୍ଚାସୀନ ଥିଲେ।

## ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର କର୍ମଶାଳା

ପୁରୀ,୨୮।୧୦ (ନିପ୍ର); ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଏକ ପ୍ରସଂଗଭିତ୍ତିକ କର୍ମଶାଳା ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମାନସ ରଞ୍ଜନ ବାରିକ ଅଧ୍ୟକ୍ଷତା କରି ଜଣେ ପ୍ରକୃତ ଉଦ୍ୟମୀ ହେବା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ନିଜର ମାର୍କେଟିଙ୍ଗ ବ୍ୟବସ୍ଥାବଳୀ ଉପରେ ସବୁ ସମୟରେ ସଜାଗ ରହିବା ପାଇଁ ଉପସ୍ଥିତ ଉଦ୍ୟୋଗୀ ମାନଙ୍କୁ ପ୍ରେରଣା ଦେଇଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଅଗ୍ରଣୀ ବ୍ୟାଙ୍କ୍ ଅଧିକାରୀ ଅନିଲ ଭୋଇ, ସମସମସ ବ୍ୟାଙ୍କ୍ ଅଧିକାରୀ ସୌରଭ ମିଶ୍ର,ଡିଆଇପିଏ ପୁରୀ ଟିମ୍ ସଦସ୍ୟ ବିଶ୍ୱନାଥ ଯୋଶୀ, ସଫଳ ଉଦ୍ୟୋଗୀ ନେତାଜୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଉଦ୍ୟୋଗୀ ମାନଙ୍କୁ ବିଭିନ୍ନ ଦିଗ ପ୍ରତି ନଜର ରଖି ଜଣେ ସଫଳ ଉଦ୍ୟୋଗୀ ହେବାର ଶୃଙ୍ଖଳିତ ଉପାୟ ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାକୁ ଜିଲ୍ଲା ଶିଳ୍ପ ଅଧିକାରୀ ନିର୍ମଳ କୁମାର ମହାରଣା ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହା ବ୍ୟତୀତ ପିଏମଏଫଇ ଯୋଜନାର ଜିଲ୍ଲା ପରାମର୍ଶ ଦାତା ପ୍ରୀତମ ରଞ୍ଜନ ଦାଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ସରକାରଙ୍କ ରୋଜଗାର ଭିତ୍ତିକ ଯୋଜନାରେ ଲାଭବାନ୍ ହୋଇ ଜଣେ ସଫଳ ଉଦ୍ୟୋଗୀ ଭାବେ ପୁରୀ ଜିଲ୍ଲା ର ଅଗ୍ରଣୀ ଫଟୋ ସାମ୍ବାଦିକ ଦିବ୍ୟ ରଞ୍ଜନ ବିଶୋଇ ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉକ୍ତ କର୍ମଶାଳାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଉପସ୍ଥିତ ରହି ନିଜ ନିଜ ଅଭିଜ୍ଞତା ସମ୍ବଳିତ ବକ୍ତବ୍ୟ ରଖିଥିଲେ।

## ବଢୁଛି ନିଶା କାରବାର, ପଥଭ୍ରଷ୍ଟ ଯୁବ ସମାଜ

ତରଭା,୨୮।୧୦ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢିବାରେ ଲାଗିଛି। ନିଶା କବଜାରେ ଯୁବ ସମାଜ ପଥଭ୍ରଷ୍ଟ ହୋଇ ନିଜ ଭବିଷ୍ୟତ ହରାଇବାରେ ଲାଗିଛନ୍ତି। ଅଞ୍ଚଳରେ ସାଧାରଣତଃ ମଦ ,ଗଞ୍ଜେଇ କାରବାର ଚାଲିଥିବା ବେଳେ ଏବେ କଫସିରଫ, ଡ୍ରଗସ୍ ବା ଟାବଲେଟର ନିଶାରେ ଯୁବପିଢି ମାତିଛନ୍ତି। ଚୋରା ଗଞ୍ଜେଇ କାରବାର ଥମିବାର ନାଁ ଧରୁନି , ପୋଲିସ ଯେତେ ଧରୁଛି ଚୋରା ଚାଲାଣ କାରୀ ସେତେ ମାତିଛନ୍ତି। ଅଞ୍ଚଳରେ ମଦ କାରବାର ଏକରକମର କୁଟୀରଶିଳ୍ପ ଭାବରେ ପରିଣତ ହୋଇଛି। ଗାଁଠୁ ସହର ପର୍ଯ୍ୟନ୍ତ ଗଳି କନ୍ଦିରେ ମିଳୁଛି ମଦ । ଶସ୍ତା ବିଷାକ୍ତ ମଦ ପିଇ ଲୋକେ ରୋଗାକ୍ରାନ୍ତ ହେଉଥିବା ବେଳେ କଫସିରଫ , ଟାବଲେଟ ନିଶାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଗଞ୍ଜେଇ କାରବାର ନେଇ ଧରପଗଡରେ ମସଗୁଲ ରହି ଅଧିକାଂଶ ଗଞ୍ଜେଇ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି। ଅପର ପକ୍ଷରେ ଦେଖିବାକୁ ଗଲେ ମଦ ଏବଂ କଫ ସିରଫ କାରବାର ନେଇ ଆଖିଦୃଶିଆ ପଦକ୍ଷେପ ନେଲାଭଳି ଦେଖାଯାଉନାହିଁ। ଫଳରେ ଏହା ଲଗାମଛଡା ହୋଇ ଏହି କାରବାର ବଢି ଚାଲିଛି। ଏଦିଗରେ ନା ଡ୍ରଗସ୍ ଇନ୍ସପେକ୍ଟର ଗୁରୁତ୍ୱ ଦେଉଛି ନା ଅବକାରୀ ବିଭାଗ ଠୋସ ପଦକ୍ଷେପ ନେବାରେ ସିଦ୍ଧହସ୍ତ ହେଉଛି । ପୋଲିସ ମଝିରେ ମଝିରେ ଗୋଟିଏ ଗୋଟିଏ ଧରପଗଡ ଜାରି ରଖିଛି। ବର୍ତ୍ତମାନ ସ୍ଥିତି ଯାହା ହୋଉଛି ଏମିତିକିନା ଏଥିରେ ନାବାଳକଠୁ ଯୁବା, ପ୍ରୌଢ ପର୍ଯ୍ୟନ୍ତ ଏହି ନିଶାର ଆସକ୍ତ ହୋଇ ସାରିଲେଣି। ଏଣୁ ବେଳହୁଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ସହିତ ଜନ ସଚେତନତା ଏବଂ କୋଠର କାର୍ଯ୍ୟାନୁଷ୍ଠାନ ନେବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଓପିଜିସିର ପାଉଁଶ ପୋଖରୀ ନିକଟରେ ଶ୍ରମିକଙ୍କ ରହସ୍ୟଜନକ ମୃତ୍ୟୁ, ନ୍ୟାୟ ଅପେକ୍ଷାରେ ମୃତ ଶ୍ରମିକଙ୍କ ପରିବାର

- ପରିବାରର ଜଣଙ୍କୁ ଚାକିରି ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି
- ଦୁଇ ଦିନରେ ଆଉ ୧ ଲକ୍ଷ ଦେବାକୁ ଟ୍ରାନ୍ସପୋର୍ଟ ମାଲିକଙ୍କ ପ୍ରତିଶ୍ରୁତି
- ମୃତ୍ୟୁର ପ୍ରକୃତ କାରଣ ଉନ୍ମୋଚନ ପାଇଁ ନିରପେକ୍ଷ ତଦନ୍ତ ଦାବି

ଝାରସୁଗୁଡା,୨୮।୧୦(ନିପ୍ର); ପରିବାରର ଭରସା ଥିଲେ ଶ୍ରୀଧର ଭୋଇ। ପରିଶ୍ରମ କରି ପରିବାର ପୋଷୁଥିବା ଏଭଳି ଜଣେ ନିରୀହ ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ ଏବେ ତାଙ୍କ ପରିବାରକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି। ଓପିଜିସିର ପାଉଁଶ ପୋଖରୀ ନିକଟରୁ ସନ୍ଦେହଜନକ ପରିସ୍ଥିତିରେ ଶ୍ରୀଧର ଭୋଇ (୫୫)ଙ୍କ ମୃତଦେହ ମିଳିବା ପରେ ପରିବାରର ଦୁଃଖ ଓ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି। ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିନଥିବା ବେଳେ ନ୍ୟାୟ, ଆର୍ଥିକ ସୁରକ୍ଷା ଓ ପରିବାରର ଜୀବିକା ପାଇଁ ଚାକିରି ଦାବି କରି ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ପୋଖରୀ ଛକରେ ଧାରଣା ଦେଇଛନ୍ତି । ସରଧାପାଲି ଗ୍ରାମର ବାସିନ୍ଦା ଶ୍ରୀଧର ମାଆଁ ରାମଚଣ୍ଡୀ ଟ୍ରାନ୍ସପୋର୍ଟ କମ୍ପାନୀରେ କାମ କରୁଥିଲେ। ଶନିବାର ରାତିରେ ଡ୍ୟୁଟି ଶେଷ କରି ସେ ଘରକୁ ଫେରୁଥିଲେ। ରବିବାର ସକାଳେ ପାଉଁଶ ପୋଖରୀ ନିକଟ ରାସ୍ତାକଡ଼ରୁ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁହଁରେ ଗଭୀର ଆଘାତ ଚିହ୍ନ ଥିବା ଜଣାପଡ଼ିଥିଲା। ଏହା ପରିବାର



ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।ମୃତଦେହ ମିଳିବା ପରେ ଶ୍ରୀଧରଙ୍କୁ ପ୍ରଥମେ ଇବ୍ ଥର୍ମାଲ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବୁର୍ଲା ପୁଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଶ୍ରୀଧରଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ତେଣୁ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ନିରପେକ୍ଷ ତଦନ୍ତ ମାଧ୍ୟମରେ ସତ୍ୟ ସାମ୍ନାକୁ ଆଣିବା ଆବଶ୍ୟକ ବୋଲି ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।ଅନ୍ୟପଟେ ଶ୍ରୀଧରଙ୍କ ମୃତ୍ୟୁ ପରେ ପରିବାରର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି। ଜଣେ ଶ୍ରମିକଙ୍କ ମୃତ୍ୟୁ କେବଳ ଗୋଟିଏ ଜୀବନର ଅନ୍ତ ନୁହେଁ, ତାଙ୍କ ଉପରେ ନିର୍ଭରଶୀଳ ପରିବାର ପାଇଁ ଜୀବିକାର ସଙ୍କଟ ମଧ୍ୟ। ଏହି ପରିସ୍ଥିତିରେ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ପ୍ରଦାନ ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ତେବେ ଏହି ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ପୋଖରୀ ଛକରେ ଧାରଣାରେ ବସିଥିଲେ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଜନପ୍ରତିନିଧିମାନେ ହସ୍ତକ୍ଷେପ କରିଥିଲେ। କୁମ୍ଭାରବନ୍ଧ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପଟେଲ ଓପିଜିସିର ସୁରକ୍ଷା ଅଧିକାରୀ ମୁକେଶ ନାୟକ ଏବଂ ଟ୍ରାନ୍ସପୋର୍ଟ ମାଲିକ ଗୁରୁଚରଣ ପ୍ରଧାନଙ୍କ ସହ ଯୋଗାଯୋଗ କରି ଆଲୋଚନା କରିଥିଲେ। ଆଲୋଚନା ପରେ ଟ୍ରାନ୍ସପୋର୍ଟ ମାଲିକଙ୍କ ପକ୍ଷରୁ ତୁରନ୍ତ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା। ଏଥିସହ ଦୁଇ ଦିନ ମଧ୍ୟରେ ଅଧିକ ୧ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିଥିଲା। ଏହି ଆଶ୍ୱାସନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଓ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସମ୍ପର୍କରେ କୌଣସି ଚୂଡ଼ାନ୍ତ ସହମତି ହୋଇନଥିବା ବେଳେ ଧାରଣାରେ ସାମିଲ ଗ୍ରାମବାସୀଙ୍କ ମତରେ, ଶ୍ରୀଧରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବା ଅତ୍ୟନ୍ତ ଜରୁରୀ। ମୃତ୍ୟୁର ପରିସ୍ଥିତି, ଡ୍ୟୁଟି ଶେଷ କରି ଫେରିବା ସମୟ ଓ ଘଟଣାସ୍ଥଳର ସ୍ଥିତିକୁ ଧ୍ୟାନରେ ରଖି ତଦନ୍ତ କରାଯିବା ଆବଶ୍ୟକ। ଏଥିସହ ପରିବାରକୁ ମିଳିବାକୁ ଥିବା ସହାୟତା ଯେପରି କେବଳ ମୌଖିକ ପ୍ରତିଶ୍ରୁତିରେ ସୀମିତ ନ ରହେ, ସେଥିପାଇଁ ଠୋସ୍ ପଦକ୍ଷେପ ନିଆଯିବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି।ଶ୍ରମିକଙ୍କ ସୁରକ୍ଷା ଓ ତାଙ୍କ ପରିବାରର କଲ୍ୟାଣ ପ୍ରତି ନିଯୁକ୍ତିଦାତା ଓ ସମ୍ପୃକ୍ତ ସଂସ୍ଥାର ଦାୟିତ୍ୱ ରହିଛି। ତେଣୁ ଏହି ଘଟଣାରେ ତଦନ୍ତର ଫଳାଫଳ ଆଧାରରେ ଆବଶ୍ୟକ ପଦକ୍ଷେପ ନେବା ସହ ପରିବାରର ଦାବିକୁ ମାନବିକ ଦୃଷ୍ଟିକୋଣରୁ ବିଚାର କରିବାକୁ ଦାବି ହୋଇଛି।ଆର୍ଥିକ ସହାୟତା ସହ ଦୀର୍ଘମିଆଦି ଜୀବିକାର ବ୍ୟବସ୍ଥା ହେଲେ ହିଁ ପରିବାରଟି ଏହି ସଙ୍କଟରୁ ମୁକୁଳିବାରେ ସହାୟତା ପାଇପାରିବ। ଏହି ଧାରଣାରେ ସରପଞ୍ଚ କମଳଲୋଚନ ବିଶ୍ୱାଳ, ବିଜେପି ମଣ୍ଡଳ ସଭାପତି ରତନ ପ୍ରଧାନଙ୍କ ସମେତ ବିଶ୍ୱନାଥ ଭୋଇ, ସଞ୍ଜୁ ସେଠ, କାଜଲ ଲେଙ୍କା ଓ କେଶବ ନାୟକ ଉପସ୍ଥିତ ଥିଲେ।

## ବାତ୍ୟା ପ୍ରଭାବରେ ମା’ ଗଜଲକ୍ଷ୍ମୀ ଉତ୍ସବ ଫିକା ପଡ଼ିଲା

ରାୟଗଡା,୨୮।୧୦(ନିପ୍ର) ମା’ଙ୍କ ଆବାହନୀ ପୂଜା ଓ ଯଜ୍ଞରେ ସମଗ୍ର ଗୁଣପୁର ସହର ଉତ୍ସବ ମୁଖର ହୋଇଉଠିଛି। ଗତଦୁଇ ଦିନ ହେଲା ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିବା ଲକ୍ଷ୍ୟ କରାଯାଇଛି।ତେବେ ମଙ୍ଗଳବାର ସକାଳ ଠାରୁ ବଙ୍ଗୋପସାଗରରେ ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଆସନ୍ତା ଦୁଇ ଦିନ ବର୍ଷା ପବନ ହେବା ସମ୍ଭାବନା ଥିବାରୁ ଉତ୍ସବରେ ଫିକା ପଡିଛି। ଚଳିତବର୍ଷ ସହରରେ ତିନୋଟି ସ୍ଥାନରେ ପୂଜାର୍ଚ୍ଚନା କରାଯାଇ ମା’ଙ୍କୁ ଆବାହନ କରାଯାଇଛି। ପୂଜା ପ୍ରତିଷ୍ଠାନଗୁଡ଼ିକରେ ବ୍ରାହ୍ମଣ ପୁରୋଧାମାନଙ୍କର ପବିତ୍ର ମନ୍ତ୍ରଧ୍ୱନି ଓ ବୈଦିକ ରୀତି ଓ ଷୋଡ଼ଶ ଉପଚାରରେ ମା’ଙ୍କ ପୂଜାର୍ଚ୍ଚନା ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ସ୍ୱର୍ଣ୍ଣ ମୁକୁଟ ଓ ରୁପାମେଢ଼, ରତ୍ନ ଅଳଙ୍କାର ସହିତ ବିଭିନ୍ନ ପୁଷ୍ପରେ ସଜ୍ଜିତ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ଶ୍ରଦ୍ଧାଳୁମାନଙ୍କ ପାଇଁ ଆକର୍ଷଣ ପାଲଟିଛି। ପାରମ୍ପରିକ ବାଦ୍ୟ ମୃଦଙ୍ଗ, ଘଣ୍ଟ, ଖୋଳ, ଝାଞ୍ଜ, ଯୋଡ଼ି ନାଗରା, ଶଙ୍ଖ ଏବଂ ହରିବୋଲ, ହୁଳହୁଳି ଧ୍ୱନିରେ ସାରା ସହର ପ୍ରକମ୍ପିତ ହେଉଛି। ଝୁଣା, ଗୁଗୁଳ, ଧୂପ, ଦୀପ ଓ ଯଜ୍ଞଘୃତରେ ସହର ମହକି ଉଠୁଛି ଆବାଳ ବୃଦ୍ଧ ବନିତା ଶ୍ରଦ୍ଧାଳୁମାନେ ମା’ଙ୍କ କରୁଣା ଲାଭପାଇଁ ପୂଜା ମଣ୍ଡପଗୁଡ଼ିକରେ ଭିଡ଼ ଲଗାଇ ମା’ଙ୍କ ଦର୍ଶନ କରିଛନ୍ତି। ଗତକାଲି ମା’ଙ୍କର ଧରାବତରଣ ପୂଜା ରାତି ଗୋଟିଏ ପର୍ଯ୍ୟନ୍ତ ଚାଲିଥିଲା। ମା’ଗଜଲକ୍ଷ୍ମୀଙ୍କ ଭାଇଚାରା ସହାବସ୍ଥାନ ମଧ୍ୟରେ ଏହି ପର୍ବ ପାଳନ କରାଯାଉଛି। ସାରା ସହରରେ ବିଭିନ୍ନ ସ୍ଥାନରେ ମୀନାବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମନୋହରି ସାମଗ୍ରୀର ଅପୂର୍ବ ସମାଗମ ହୋଇଛି। ଗଜଲକ୍ଷ୍ମୀ -ପୂଜା ପାଇଁ କିଛି ବର୍ଷ ହେଲା ପ୍ରସିଦ୍ଧ ଲାଭ କରିଥିବା ଗୁଣପୁର ସହର ଚଳ ଚଞ୍ଚଳ ହୋଇ ଉଠିଛି। ସପ୍ତାହ ଧରି ଚାଲିବାକୁ ଥିବା ଗଜଲକ୍ଷ୍ମୀ ପୂଜା ଗୁଣପୁର ସହରର ମରାଠୀଗୁଡା, ବାବୁଲି ନଗର -ବୃନ୍ଦାବତୀ ନଗର ଓ ରେଳ ଷ୍ଟେସନ ଛକରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସୁସଜ୍ଜିତ ହୋଇଥିବା ବେଳେ ତୋରଣ ଓ ମେଢ଼ କାର୍ଯ୍ୟ ଆକର୍ଷଣୀୟର କେନ୍ଦ୍ର ବିନ୍ଦୁ ପାଲଟିଛି । ସ୍ୱର୍ଣ୍ଣ ରୌପ୍ୟ ରଙ୍ଗର ମେଢ଼ ଅଳଙ୍କାର ସହିତ ବିଭିନ୍ନ ପୁଷ୍ପରେ ସଜ୍ଜିତ ମା’ଙ୍କ ଆକର୍ଷଣୀୟ ଜୀବନ୍ତ ପ୍ରାୟ ମୃଣ୍ମୟୀ ମୂର୍ତ୍ତି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିମୋହିତ କରିଛି। ପୂଜା ମଣ୍ଡପ ଗୁଡିକରେ ବ୍ରାହ୍ମଣ ଓ ପୁରୋଧାମାନଙ୍କର ପବିତ୍ର ମନ୍ତ୍ରଧ୍ୱନି ଓ ବୈଦିକ ରୀତି ଓ ଷୋଡ଼ଶ ଉପଚାରରେ ମା’ଙ୍କ ପୂଜାର୍ଚ୍ଚନା ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ନବନ ବର୍ଷରେ ପଦାର୍ପଣ ବୃନ୍ଦାବତୀ ନଗରର ବିବିଏନ ପୂଜା କମିଟି ପକ୍ଷରୁ ନୂତନ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଆୟୋଜନ ହୋଇଛି । ପୂଜକ ରୂପେ ପ୍ରକାଶ ରଥ, କାଶୀ ମିଶ୍ର,ଫକୀର ମିଶ୍ର ପାରମ୍ପରିକ ରୀତିରେ ପୂଜା ଅର୍ଚ୍ଚନା ଦାୟିତ୍ୱ ତୁଲାଉଛନ୍ତି । ପୂଜା କମିଟିର ସଭାପତି ଜଗନ୍ନାଥ ପଟ୍ଟନାୟକ, ସମ୍ପାଦକ ବୁଲୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଆୟୋଜନ କରାଯାଇଛି।

## ଦବିଗଲାଣି କଂକ୍ରିଟ ସ୍ଲାବ, ମରାମତି ଦାବି

କଣ୍ଟିଲୋ,୨୮।୧୦ (ନିପ୍ର): ବାଣପୁର ଛକ ରାଜ୍ୟ ରାଜପଥ ସହିତ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ କଂକ୍ରିଟ୍ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାର ସିମେଣ୍ଟ ଚଟାଣ ଦବିଯିବା ସହ ବଡ଼ ବଡ଼ ଫାଟ ସୃଷ୍ଟି ହୋଇ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଗଲାଣି। ଫଳରେ ଏହି ପ୍ରମୁଖ ମାର୍ଗରେ ପ୍ରତିଦିନ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ, ସ୍ଥାନୀୟ ବାସିନ୍ଦା ଏବଂ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଅସଂଖ୍ୟ ଦୁଇଚକିଆ ଓ ଚାରିଚକିଆ ଯାନ ଯାତାୟାତ କରିଥାଏ। ବିଶେଷ କରି ଭୁବନେଶ୍ୱରରୁ ବଲାଙ୍ଗିର, ବୌଦ୍ଧ,ଫୁଲବାଣୀ ଓ ସିଧାମୂଳା ସେତୁ ଦେଇ କଟକ,ଅନୁଗୁଳ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀବାହୀ ଓ ମାଲବାହୀ ଗାଡ଼ିଗୁଡ଼ିକ ଏହି ବାଟ ଦେଇ ଯାଆନ୍ତି। ଏଥି ସହ ନୀଳମାଧବ ପୀଠ ଏବଂ ସିଧାମୂଳା ଇକୋ ଟୁରିଜିମକୁ ଦୈନିକ ହଜାର ହଜାର ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ମାତ୍ର ରାସ୍ତାର ସ୍ଲାବ୍‌ଗୁଡ଼ିକ ଦବିଯାଇ



ଗଭୀର ଗର୍ତ୍ତ ଓ ଫାଟ ସୃଷ୍ଟି ହୋଇଥିବାରୁ ଅପରିଚିତ କିମ୍ବା ଦ୍ରୁତଗାମୀ ଗାଡ଼ିଗୁଡ଼ିକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ରାଜନେତା ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ସୁଦ୍ଧା ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ପ୍ରତି କାହାର ନଜର ନପଡ଼ିବା ପରିତାପର ବିଷୟ ହୋଇଛି। ରାସ୍ତାରେ ଜନଗହଳି ଓ ଗାଡ଼ିମୋଟର ଚଳାଚଳ ଦିନକୁଦିନ ବୃଦ୍ଧି ପାଉଛି। ଯଦି ସମୟ ଥାଉଥାଉ ଏହାର ମରାମତି ନ କରାଯାଏ, ତେବେ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଏହି ରାସ୍ତାର ସ୍ଥାୟୀ ମରାମତି କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ହୋଇଛି।

## କାର୍ଯ୍ୟକ୍ରମ ସରିବା ପରେ ଗଣମାଧ୍ୟମକୁ ସୂଚନା !
### ନୟାଗଡ଼: ପ୍ରଶାସନର ଜନସମ୍ପର୍କ ବ୍ୟବସ୍ଥାକୁ ନେଇ ପ୍ରଶ୍ନ

ନୟାଗଡ,୨୮।୧୦ (ନିପ୍ର); ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ସମୟୋଚିତ ସୂଚନା ପ୍ରଦାନକୁ ନେଇ ପ୍ରଶ୍ନ ଉଠିଛି। ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପୂର୍ବରୁ ସାମ୍ବାଦିକମାନଙ୍କୁ ସୂଚନା ଦିଆଯାଉନଥିବା ବେଳେ କାର୍ଯ୍ୟକ୍ରମ ଶେଷ ହେବା ପରେ ଗଣମାଧ୍ୟମ ଗ୍ରୁପରେ ଖବର ପଠାଯାଉଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର, ଅକ୍ଟୋବର ୨୭ ତାରିଖରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ କକ୍ଷରେ ଜିଲ୍ଲାସ୍ତରୀୟ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କିନ୍ତୁ କାର୍ଯ୍ୟକ୍ରମ ପୂର୍ବରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇନଥିବା ବେଳେ କାର୍ଯ୍ୟକ୍ରମ ସରିବା ପରେ ଗ୍ରୁପ୍‌ରେ ଖବର ପଠାଯାଇଥିବା ଅଭିଯୋଗ ରହିଛି। ଦୁର୍ନୀତି ନିବାରଣ ଓ ପ୍ରଶାସନିକ ସ୍ୱଚ୍ଛତା ଭଳି ଜନସ୍ୱାର୍ଥ ସମ୍ପର୍କିତ ବିଷୟରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଭଳି ସମୟରେ କାର୍ଯ୍ୟକ୍ରମ ପୂର୍ବରୁ ସୂଚନା ନଦେଇ କେବଳ କାର୍ଯ୍ୟକ୍ରମ ପରେ ଖବର ପଠାଇବା ଦ୍ୱାରା ସାମ୍ବାଦିକମାନେ ସ୍ଥଳସ୍ତରରେ ଉପସ୍ଥିତ ରହି ଖବର ସଂଗ୍ରହ କରିବା, ଅଧିକାରୀଙ୍କ ସହ ଆଲୋଚନା କରିବା ଏବଂ ଘଟଣାର ବିଭିନ୍ନ ଦିଗକୁ ଜନସାଧାରଣଙ୍କ ସମ୍ମୁଖକୁ ଆଣିବାର ସୁଯୋଗ ହରାଇପାରନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ସରକାରୀ କାର୍ଯ୍ୟକ୍ରମର ସୂଚନା ସମୟ ପୂର୍ବରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ କାହିଁକି ଦିଆଯାଉନାହିଁ ? କାର୍ଯ୍ୟକ୍ରମ ସରିବା ପରେ କେବଳ ଖବର ପଠାଇଦେବା କ’ଣ ଗଣମାଧ୍ୟମ ସହ ସମନ୍ୱୟ ରକ୍ଷା କରିବାର ଉପଯୁକ୍ତ ପଦ୍ଧତି ? ଏହା ଯୋଗାଯୋଗରେ ଅବହେଳା ନା ପ୍ରଶାସନର ଜନସମ୍ପର୍କ ବ୍ୟବସ୍ଥାରେ ସୁଧାର ଆବଶ୍ୟକତା ରହିଛି ? ତେବେ, ପ୍ରତ୍ୟେକ ସରକାରୀ ବୈଠକରେ ସାମ୍ବାଦିକଙ୍କ ଉପସ୍ଥିତି ବାଧ୍ୟତାମୂଳକ ନୁହେଁ। କିନ୍ତୁ ଜନସ୍ୱାର୍ଥ ସମ୍ପର୍କିତ ଖୋଲା କାର୍ଯ୍ୟକ୍ରମଗୁଡ଼ିକର ସୂଚନା ସମୟୋଚିତ ଭାବେ ପ୍ରଦାନ କରିବା ଦ୍ୱାରା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇପାରିବ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସ୍ପଷ୍ଟୀକରଣ ଆଶା କରାଯାଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

## ‘ଗଣତନ୍ତ୍ର ବଞ୍ଚାଅ ଓ ଭିଡ଼ତନ୍ତ୍ର ହଟାଅ’ କର୍ମଶାଳା

ମାଲକାନଗିରି ,୨୮।୧୦ (ନିପ୍ର): ଜିଲ୍ଲା ଭାଜପା ପାର୍ଟି କାର୍ଯ୍ୟାଳୟରେଗଣତନ୍ତ୍ର ବଞ୍ଚାଅ, ଭିଡତନ୍ତ୍ର ହଟାଅ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୨୨ ଅକ୍ଟୋବରରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବର୍ତ୍ତମାନ କଂଗ୍ରେସ ଏବଂ ବିଭିନ୍ନ ବିରୋଧୀ ଦଳ ନିର୍ବାଚନ ଆୟୋଗ ଓ ବିଜେପି ସରକାର ବିରୋଧରେ ଚାଲିଥିବା ପ୍ରତିବାଦକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖିବାକୁ ଘୋଷଣା କରିଛନ୍ତି । ତେବେ ବିଜେପି ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ଭିଡ ତନ୍ତ୍ର ହଟାଅ ଅଭିଯାନ ମାଧ୍ୟମରେ ସେମାନଙ୍କ ମିଥ୍ୟା ଓ ଭ୍ରମାତ୍ମକ ସୂଚନାର ସିଧାସଳଖ ଜବାବ ଦିଆଯିବ। ସହ ଏହି ଅଭିଯାନରେ ଗଣତନ୍ତ୍ର ବଞ୍ଚାଅ, ଭିଡ ତନ୍ତ୍ର ହଟାଅ ପଦଯାତ୍ରା,ଯୁବ ପିଢୀକୁ ନେଇ ଗଣତନ୍ତ୍ର ବନାମ ଭିଡତନ୍ତ୍ର, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୋକତନ୍ତ୍ର ବନାମ ଭିଡତନ୍ତ୍ରକୁ ନେଇ ପ୍ରତିଯୋଗିତା, ସୋସିଆଲ ମିଡିଆ ଯୋଜନା,ବିଶେଷଜ୍ଞଙ୍କ ପତ୍ରିକା ଉନ୍ମୋଚନ,ଅନୁପ୍ରବେଶକାରୀଙ୍କୁ ହଟାଅ,ଗଣତନ୍ତ୍ର ବଞ୍ଚାଅକୁ ନେଇ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ନେଇ ଜନସଂପର୍କ କାର୍ଯ୍ୟକ୍ରମ କରାଯିବ ବୋଲି ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ବିଜେପି ସଭାପତି ଅଶୋକ ପରିଡା ସୂଚନା ଦେଇଛନ୍ତି । ଏହି କର୍ମଶାଳାରେ ଶିକ୍ଷାବିତ ପ୍ରକାଶ ପଟନାୟକ ଉପସ୍ଥିତ ରହି ବିଦେଶୀ ଶତ୍ରୁ କିଭଳି ଦେଶରେ ସରକାର ଭାଙ୍ଗିବାକୁ ଓ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ମଂଚାସୀନ ଅତିଥି ଭାବେ ସୁବାସ ପଡ଼ିଆମି ରହିଥିବା ବେଳେ ଜିଲ୍ଲା ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ମହିଳା ସମ୍ପାଦିକା ସବିତା ମିଶ୍ର, ମହିଳା ମୋର୍ଚ୍ଚା ସଭାପତି ବେଣୀ କାର୍ତ୍ତୁଲ ପ୍ରମୁଖ ଉପସ୍ଥିତ ରହିଥଲେ ।

## ରାଣ୍ଡାଲ ସେକ୍ୱେରାଙ୍କ ଗିରଫଦାରିକୁ ନେଇ ତେଜୁଛି ଅସନ୍ତୋଷ; ଜେଲରେ ଭେଟିଲେ ବାପାମାଆ

ଗୁଣପୁର/ରାୟଗଡ଼ା୨୭/୧୦(ନିପ୍ର): ଗରିବ ଆଦିବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିବା ଡାକ୍ତର ରାଣ୍ଡାଲ ସେକ୍ୱେରାଙ୍କ ଗିରଫଦାରୀକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି । ଗତ ଅକ୍ଟୋବର ୧୬ ତାରିଖରେ ଖଣି ଖନନ ବିରୋଧୀ ଆନ୍ଦୋଳନ ସମ୍ପୃକ୍ତି ନେଇ ଡାକ୍ତରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ଡାକ୍ତରଙ୍କ ବାପାମାଆ ତାଙ୍କ ପୁଅକୁ ରାୟଗଡ଼ା ଜେଲରେ ଭେଟିଛନ୍ତି। ଏଥିସହ ଅବହେଳିତ ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର ରାଣ୍ଡାଲ ସେକ୍ୱେରାଙ୍କ ଗିରଫଦାରୀକୁ ତାଙ୍କ ପରିବାର ଓ ସାମାଜିକ କର୍ମୀ ସିଦ୍ଧାର୍ଥ




ରାଉତରାୟ ଦୃଢ଼ ନିନ୍ଦା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ସାମାଜିକ କର୍ମୀ। ଡା ଜେ ରାଣ୍ଡାଲ ସେକ୍ୱେରାଙ୍କ ବାପା ମୁମ୍ବାଇରୁ ଆସିଥିବା ଡାକ୍ତର ରାଣ୍ଡାଲ ସେକ୍ୱେରାଙ୍କ ବାପା ଆଲେକ୍ସ ସେକ୍ୱେରା କହିଛନ୍ତି, ‘ତାଙ୍କ ପୁଅ ଗତ ୬ ରୁ ୭ ବର୍ଷ ଧରି ଭବାନୀପାଟଣା, କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଆଦି ଦୁର୍ଗମ ଓ ପାର୍ବତ୍ୟାଞ୍ଚଳରେ ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି । କେବଳ ଖଣି ଖନନ ବିରୋଧୀ ଆନ୍ଦୋଳନକାରୀଙ୍କ ପ୍ରତି ତାଙ୍କର ସହାନୁଭୂତି ଥିବା ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି । ନ୍ୟାୟପାଳିକା ଉପରେ ସେମାନଙ୍କର ପୂର୍ଣ୍ଣ ଆସ୍ଥା ରହିଛି ଏବଂ ତାଙ୍କ ପୁଅ ଖୁବଶୀଘ୍ର ମୁକୁଳିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# କାଶୀନଗର ଓ ଗୁମ୍ମାର ପାହାଡ଼ିଆ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

ପାରଳାଖେମୁଣ୍ଡି,୨୮।୧୦ (ନିପ୍ର): ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଅବ୍ୟବସ୍ଥା ଦେଖି ଉଦ୍‌ବେଗ, ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ଅଭାବ କାଶୀନଗର, ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଥିବା ବେଳେ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ନେଇ ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ଓ ଗୁମ୍ମା ବ୍ଲକର ବିଭିନ୍ନ ପାହାଡ଼ିଆ ତଥା ଭୂସ୍ଖଳନ ପ୍ରବଣ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାୟକ ଉଭୟ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ କେଉଁ କେଉଁ ଅଞ୍ଚଳ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି, ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ



ବିଭିନ୍ନ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ତେବେ ଏହି ଗସ୍ତ ସମୟରେ କେତେକ ଆଶ୍ରୟସ୍ଥଳୀରେ ଅବ୍ୟବସ୍ଥା ଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ନଥିବା ବେଳେ ଅନେକ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳର ଉପଯୁକ୍ତ ବ୍ୟବସ୍ଥା ନଥିବା ଅଭିଯୋଗ ସାମ୍ନାକୁ ଆସିଥିଲା।

ଏଭଳି ପରିସ୍ଥିତିରେ ବାତ୍ୟା ଓ ବର୍ଷା ସମୟରେ ଆଶ୍ରୟ ନେଉଥିବା ଲୋକେ କିପରି ନିଜର ମୌଳିକ ଆବଶ୍ୟକତା ପୂରଣ କରିବେ, ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାରଗୁଡ଼ିକ ଭୂସ୍ଖଳନ, ପ୍ରବଳ ବର୍ଷା ଓ ବାତ୍ୟାର ସମ୍ଭାବ୍ୟ ବିପଦକୁ ନେଇ ଚିନ୍ତିତ ଅଛନ୍ତି। ନିଜ ଘରେ ରହିବା ଅସୁରକ୍ଷିତ ହେବାର ଆଶଙ୍କା ଥିବାରୁ ସେମାନେ ସୁରକ୍ଷା ଦୃଷ୍ଟିରୁ ସରକାରୀ କୋଠା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଆଶ୍ରୟ ନେବାକୁ ବାଧ୍ୟ ହେଉଛନ୍ତି। ଏଭଳି ସମୟରେ ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଛି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ଆଶ୍ରୟସ୍ଥଳୀଗୁଡ଼ିକରେ ଆବଶ୍ୟକ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ବିଶେଷକରି ଦୁର୍ଗମ ପାହାଡ଼ିଆ ଗ୍ରାମଗୁଡ଼ିକରେ ରହୁଥିବା ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ଏବଂ ଜରୁରୀକାଳୀନ ସ୍ଥିତିରେ ଉଦ୍ଧାର କାର୍ଯ୍ୟକୁ ସୁଗମ କରିବା ଉପରେ ମଧ୍ୟ ଗୁରୁତ୍ୱ ରହିଛି। ବିଧାୟକଙ୍କ ଏହି ଗସ୍ତ ସମୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ସରପଞ୍ଚ ଅଖିଳ ପାତ୍ର, ସରପଞ୍ଚ ମଧୁବାବୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫ୍ଲାଏଦୁବାଇ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କୁ ୟୁଏଇର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ, ୨୮।୧୦: ଫ୍ଲାଇଦୁବାଇ ବିମାନରେ ନିଜ ଜୀବନକୁ ବିପଦରେ ପକାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ରକ୍ଷା କରିଥିବା ଭାରତୀୟ ପାଇଲଟ୍ ସ୍ମିତ ମାଛରଙ୍କୁ ୟୁଏଇ ରାଷ୍ଟ୍ରପତିଙ୍କ ସମ୍ମାନ ମିଳିଛି । ଭାରତୀୟ ପାଇଲଟଙ୍କୁ ସମ୍ମାନିତ କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ ବା ୟୁଏଇର ରାଷ୍ଟ୍ରପତି । ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମାଛର ଓ ଫ୍ଲାଇଦୁବାଇ ବିମାନ କର୍ମଚାରୀଙ୍କୁ ଅର୍ଡର ଅଫ୍ ଜାୟେଦ୍ ସମ୍ମାନ। ଆକାଶରେ ଆତଙ୍କୀ ଘଟଣା ବିପଦରେ ବିମାନ ଯାତ୍ରୀଙ୍କ ସୁରକ୍ଷା । ଏଭଳି ଜଟିଳ ପରିସ୍ଥିତିରେ ସାହସ ଓ ଉପସ୍ଥିତ ବୁଦ୍ଧିର ପରିଚୟ ଦେଇଥିବା ଭାରତୀୟ ପାଇଲଟଙ୍କୁ ସମ୍ମାନିତ କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ ବା ଟଇରର ରାଷ୍ଟ୍ରପତି । ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମାଛର ଏବଂ ଫ୍ଲାଇଦୁବାଇର ଅନ୍ୟ ବିମାନ କର୍ମଚାରୀଙ୍କୁ 'ଫାର୍ଷ୍ଟ କ୍ଲାସ୍ ଅର୍ଡର ଅଫ୍ ଜାୟେଦ୍ ସମ୍ମାନ ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍ । ସେମାନଙ୍କ ଏହି ସାହସିକତା, ଦାୟିତ୍ୱବୋଧ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠାକୁ ସ୍ୱୀକୃତି ଦେଇଛି ୟୁଏଇ । ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍ ବିମାନ କର୍ମଚାରୀଙ୍କ ଉଦ୍ୟମକୁ ସମ୍ମାନ ଜଣାଇଛନ୍ତି । ଏହି ସମ୍ମାନ ଜରିଆରେ ସଙ୍କଟ ସମୟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଦାୟିତ୍ୱ ନିର୍ବାହ କରିଥିବା କର୍ମଚାରୀଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇଛି ।ସେପ୍ଟେମ୍ବର ୩୦ ତାରିଖରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇର ବିମାନର କକପିଟରେ ଏକ ଗୁରୁତର ଘଟଣା ଘଟିଥିଲା ।

## ଆଜମ ଖାନ୍ଙ୍କ ଜୌହର ବିଶ୍ୱବିଦ୍ୟାଳୟର ୧୧୭୦ କୋଟିର ସମ୍ପତ୍ତି ଜବତ



ରାମପୁର, ୨୮।୧୦: ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ମନ୍ତ୍ରୀ ମହମ୍ମଦ ଆଜମ ଖାନ୍ଙ୍କ ସହ ଜଡ଼ିତ ମହମ୍ମଦ ଅଲି ଜୌହର ବିଶ୍ୱବିଦ୍ୟାଳୟର ଜମି ଓ କୋଠାକୁ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ମନିଲଣ୍ଡରିଂ ମାମଲାର ତଦନ୍ତ ଆଧାରରେ ବୁଧବାର ଇଡିର ଲକ୍ଷ୍ନୌ ଜୋନାଲ କାର୍ଯ୍ୟାଳୟ ଏହି ପଦକ୍ଷେପ ନେଇଛି । ଜବତ ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୧୧୭୦ କୋଟି ଟଙ୍କା ହୋଇଥିବାବେଳେ ଏହା ମଧ୍ୟରୁ ୪୨୬.୪୬ କୋଟି ଟଙ୍କାର ସମ୍ପତ୍ତିକୁ ବେଆଇନ ଉପାୟରେ ଅର୍ଜିତ ଅର୍ଥ ସହ ଜଡ଼ିତ ବୋଲି ଇଡି ଦର୍ଶାଇଛି । ରାମପୁରର ଜୌହର ନଗରସ୍ଥିତ ଏହି ବିଶ୍ୱବିଦ୍ୟାଳୟ ମୌଲାନା ମହମ୍ମଦ ଅଲି ଜୌହର ଟ୍ରଷ୍ଟ ଅଧୀନରେ ରହିଛି । ଆଜମ ଖାନ୍ ଏହି ଟ୍ରଷ୍ଟର ପ୍ରତିଷ୍ଠାତା ତଥା ନିୟନ୍ତ୍ରକ ହୋଇଥିବାବେଳେ ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ କୁଳାଧକ୍ଷ ମଧ୍ୟ ଅଛନ୍ତି । ଇଡିର ତଦନ୍ତ ରାମପୁରର ଆଜିମନଗର ଥାନାରେ ରୁଜୁ ହୋଇଥିବା ୨୬ଟି ଏଫ୍ଆଇଆର୍ ଆଧାରରେ ଆରମ୍ଭ ହୋଇଥିଲା । ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ କୃଷକଙ୍କ ଚାଷଜମି ଜବରଦସ୍ତି ଅକ୍ତିଆର କରାଯାଇଥିବା ଏଥିରେ ଅଭିଯୋଗ ହୋଇଥିଲା । ଏହାସହ ସିଂହନଖେଡ଼ା ଗାଁରେ ପ୍ରାୟ ୩୪ ଏକର ଶତ୍ରୁ ସମ୍ପତ୍ତି ବେଆଇନ ଭାବେ ଅକ୍ତିଆର କରାଯାଇଥିବା ଇଡି ଅଭିଯୋଗ କରିଛି । ତେବେ ଏହି ଜମିକୁ ପ୍ରଶାସନ ଜରିଆରେ ଶତ୍ରୁ ସମ୍ପତ୍ତିର ରକ୍ଷକ ପୁନର୍ବାର ନିଜ ଅଧୀନକୁ ନେଇଛନ୍ତି । ଇଡିର କହିବା ଅନୁସାରେ, ସରକାରୀ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥ ଓ ନିର୍ମାଣ ସାମଗ୍ରୀକୁ ବିଶ୍ୱବିଦ୍ୟାଳୟ କାମରେ ଲଗାଯାଇଥିଲା ।

## କଣ୍ଟେନର ନିର୍ମାଣ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, ୨୮।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ୧୦,୦୦୦ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ କଣ୍ଟେନର ନିର୍ମାଣ ପ୍ରୋତ୍ସାହନ ଯୋଜନା (ସିଏମପିଏସ)କୁ ଅନୁମୋଦନ କରିଛନ୍ତି । ଏହି ଯୋଜନା ୨୦୩୯-୪୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଭାରତରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କଣ୍ଟେନର ନିର୍ମାଣ ଇକୋସିଷ୍ଟମ ପ୍ରତିଷ୍ଠା, ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ଯୋଗାଣ ଶୃଙ୍ଖଳା ସ୍ଥିରତାକୁ ସୁଦୃଢ଼ କରିବା ଏହି ଯୋଜନାର ଲକ୍ଷ୍ୟ । ସିଏମପିଏସ ଯୋଜନା ନୂତନ ନିର୍ମାଣ ସୁବିଧା ଏବଂ ବର୍ତ୍ତମାନର କଣ୍ଟେନର ନିର୍ମାଣ ୟୁନିଟଗୁଡ଼ିକର ସମ୍ପ୍ରସାରଣକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ରେ କଣ୍ଟେନର ନିର୍ମାଣ ଯୋଜନା ଘୋଷଣା କରାଯାଇଥିଲା । ଏହି ଯୋଜନାରେ ନିମ୍ନ ପ୍ରମୁଖ ଉପାଦାନକୁ ସାମିଲ କରାଯାଇଛି ।ସେଗୁଡିକ ମଧ୍ୟରେ ପ୍ରଥମ ରହିଛି ସୁଧ ରିହାତି ସୁବିଧା: ଏହି ଯୋଜନାରେ ଗ୍ରୀନଫିଲ୍ଡ ବା ନୂଆ କଣ୍ଟେନର ନିର୍ମାଣ କାରଖାନା ପ୍ରତିଷ୍ଠା ଏବଂ ବ୍ରାଉନଫିଲ୍ଡ ବା ବର୍ତ୍ତମାନର କଣ୍ଟେନର କାରଖାନାର କ୍ଷମତା ସମ୍ପ୍ରସାରଣ ଲାଗି ସୁଧ ରିହାତି ସୁବିଧା ମିଳିବ ।

## 'ଇଣ୍ଡିଆ' ମେଣ୍ଟର ରାଲିକୁ ସିଜେପିର ସମର୍ଥନ

ନୂଆଦିଲ୍ଲୀ, ୨୮ ।୧୦;ବିରୋଧୀ ଦଳଗୁଡ଼ିକର ଜାତୀୟ ଅଭିଯାନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ସମର୍ଥନ ପ୍ରଦାନ କରି, ଯୁବକମାନଙ୍କ ଦ୍ୱାରା ପରିଚାଳିତ 'କକରୋଚ୍ ଜନତା ପାର୍ଟି' ଦିଲ୍ଲୀର ରାମଲୀଳା ମୈଦାନରେ ଆସନ୍ତା ନଭେମ୍ବର ୧ ତାରିଖରେ ଆୟୋଜିତ ହେବାକୁ ଥିବା 'ଇଣ୍ଡିଆ' ମେଣ୍ଟର ରାଲିକୁ ସମର୍ଥନ ଜଣାଇଛି ।ସିଜେପିର ପ୍ରତିଷ୍ଠାତା ଅଭିଜିତ୍ ଦିପକେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ଟ୍ୱିଟର) ମାଧ୍ୟମରେ ଏହି ପ୍ରଦର୍ଶନକୁ ସମର୍ଥନ କରିଛନ୍ତି । ସେ 'ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍' (ଏସଆଇଆର) ବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଭୋଟରମାନଙ୍କ ନାମ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣି, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି । ଦିପକେ ନିଜ ପୋଷ୍ଟରେ ଲେଖିଛନ୍ତି, 'ଜ୍ଞାନୁ (ଜ୍ଞାନେଶ କୁମାର)ଙ୍କୁ ଯିବାକୁ ପଡ଼ିବ ! କକରୋଚ୍ ଜନତା ପାର୍ଟି 'ଇଣ୍ଡିଆ' ମେଣ୍ଟର ନଭେମ୍ବର ୧ ତାରିଖ ରାଲିକୁ ସମର୍ଥନ କରୁଛି । ଦେଶ ସବୁକିଛି ଠାରୁ ଉର୍ଦ୍ଧ୍ୱରେ ।'

## ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଫର୍ମ-୬ ଭରିବାକୁ କାହିଁକି କୁହାଯାଉଛି

ନୂଆଦିଲ୍ଲୀ, ୨୮ ।୧୦: ଦିଲ୍ଲୀରେ ଭୋଟର ତାଲିକାର ସ୍ପେଶାଲ ଇନଟେନସିଭ୍ ରିଭିଜନ୍ (ଏସଆଇଆର) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ଉଠାଇଛନ୍ତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଡ୍ରାଫ୍ଟ ଭୋଟର ତାଲିକାରୁ ପ୍ରାୟ ୪୩ ଲକ୍ଷ ଲୋକଙ୍କ ନାଁ ବାଦ୍ ପଡ଼ିବା ଏବଂ ସେମାନଙ୍କୁ ପୁଣିଥରେ ନାଁ ଯୋଡ଼ିବା ପାଇଁ ଫର୍ମ-୬ ପୂରଣ କରିବାକୁ କୁହାଯିବା ଉପରେ କୋର୍ଟ ଆପତ୍ତି ଉଠାଇଛନ୍ତି । ଅନ୍ୟପଟେ, କୌଣସି ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିବ ନାହିଁ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହା ସହିତ ନାଁ ଯୋଡ଼ିବା ପାଇଁ ଆବେଦନର ସମୟସୀମା ବଢ଼ିବାର ସମ୍ଭାବନା ମଧ୍ୟ ରହିଛି । ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ ହେବ । ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଦିଲ୍ଲୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ୩ ଜଣିଆ ଖଣ୍ଡପୀଠ ବୁଧବାର ଏହି ମାମଲାର ଶୁଣାଣି କରିଛନ୍ତି । ଶୁଣାଣି ସମୟରେ କୋର୍ଟ



ପ୍ରଶ୍ନ କରିଥିଲେ ଯେ, ଯେଉଁ ଲୋକମାନେ ପୂର୍ବରୁ ଭୋଟର ଥିଲେ, ସେମାନଙ୍କୁ ପୁଣିଥରେ ନୂଆ ଭୋଟର ଭାବେ ପଞ୍ଜୀକରଣ କରିବା ପାଇଁ ଫର୍ମ-୬ ପୂରଣ କରିବାକୁ କାହିଁକି କୁହାଯାଉଛି ? କୋର୍ଟଙ୍କ ମତରେ, ପୂର୍ବରୁ ଭୋଟର ତାଲିକାରେ ଥିବା ବ୍ୟକ୍ତିଙ୍କୁ ନୂଆ ଭୋଟର ଭାବେ ଆବେଦନ କରିବାକୁ କହିବା ପରିବର୍ତ୍ତେ ଏସଆଇଆର ପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବାର ସୁବିଧା ଦିଆଯିବା ଉଚିତ । ଏହା ଦ୍ୱାରା ପୂର୍ବରୁ ଭୋଟର ଥିବା ଲୋକଙ୍କ ଅଧିକାର ସୁରକ୍ଷିତ ରହିପାରିବ । ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ ଯୁକ୍ତି ରଖିଥିଲେ ଯେ, ପୂର୍ବରୁ ଭୋଟର ଥିବା ବ୍ୟକ୍ତିଙ୍କୁ ଫର୍ମ-୬ ପୂରଣ କରିବାକୁ କହିବା ଦ୍ୱାରା ସେମାନଙ୍କୁ ଭୁଲ ଘୋଷଣା କରିବାକୁ ବାଧ କରାଯାଇପାରେ । ଏହା ଫଳରେ ସେମାନେ ଆଇନଗତ ସମସ୍ୟାରେ ମଧ୍ୟ ପଡ଼ିପାରନ୍ତି । ଏହା ଉପରେ କୋର୍ଟ କହିଥିଲେ ଯେ, ପୂର୍ବରୁ ଭୋଟର ତାଲିକାରେ ନାଁ ଥିବା ଲୋକଙ୍କ ପାଇଁ ଉପଯୁକ୍ତ ପ୍ରକ୍ରିୟା ରହିବା ଆବଶ୍ୟକ । ଯେଉଁମାନେ ଅନ୍ୟ ସ୍ଥାନକୁ ଚାଲିଯାଇଛନ୍ତି କିମ୍ବା ପୂର୍ବରୁ ଦିଆଯାଇଥିବା ତଥ୍ୟରେ ପରିବର୍ତ୍ତନ ହୋଇଛି, ସେମାନଙ୍କୁ ଫର୍ମ-୮ ମାଧ୍ୟମରେ ସଂଶୋଧନର ସୁବିଧା ଦେବା ଉଚିତ । ଏସଆଇଆର ପ୍ରକ୍ରିୟାରେ ଲକ୍ଷ ଲକ୍ଷ ଭୋଟରଙ୍କ ତଥ୍ୟ ମ୍ୟାପିଂ ନହେବା ଏବଂ ତଥ୍ୟରେ ତାର୍କିକ ଅସଙ୍ଗତି ବା ଲଜିକାଲ ଡିସ୍କ୍ରିପେନ୍ସି ଥିବା ଦର୍ଶାଇ ନାଁ ବାଦ୍ ଦେବା ପ୍ରସଙ୍ଗ ମଧ୍ୟ ଉଠିଥିଲା । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ତାର୍କିକ ଅସଙ୍ଗତି ଆଧାରରେ ନାଁ ବାଦ୍ ଦେବାର ଏହି ବ୍ୟବସ୍ଥାର ବୈଧତା ଉପରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ରାୟ ଦିଆଯାଇନାହିଁ । ବିହାର ଏସଆଇଆର ମାମଲାରେ ରାୟ ଦେବା ସମୟରେ ଏହି ପ୍ରସଙ୍ଗ ବିଚାରାଧୀନ ନଥିଲା । ଏହା ଉପରେ ପରବର୍ତ୍ତୀ ସମୟରେ ଶୁଣାଣି ହେବ । ଦିଲ୍ଲୀରେ ଏସଆଇଆର ପ୍ରକ୍ରିୟା ଅନୁଯାୟୀ ଭୋଟର ତାଲିକାରେ ନାଁ ଯୋଡ଼ିବା ଏବଂ ଦାବି-ଆପତ୍ତି ଦାଖଲ କରିବାର ସମୟସୀମା ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ୩୦ ଅକ୍ଟୋବର ୨୦୨୬କୁ ଦାବି ଓ ଆପତ୍ତି ଦାଖଲ କରିବାର ନିର୍ଦ୍ଧାରିତ ଶେଷ ତାରିଖ ରଖାଯାଇଛି । ସେଭଳି ୩୦ ନଭେମ୍ବର ଯାଏଁ ଦାବି ଓ ଆପତ୍ତିର ସମାଧାନ ପାଇଁ ନିର୍ଦ୍ଧାରିତ କରାଯାଇଛି । ଏହାଛଡା ୪ ଡିସେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସୁପ୍ରିମକୋର୍ଟରେ ନିର୍ବାଚନ କମିଶନଙ୍କ ଆଭିମୁଖ୍ୟ ଏବଂ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରେ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଏହି ସମୟସୀମା ବଢ଼ିପାରେ ବୋଲି ଆକଳନ କରାଯାଉଛି । ତେବେ ତାରିଖ ବୃଦ୍ଧି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ ।

## ଟାଟା ଉପରେ ରାହୁଲ ଗାନ୍ଧୀଙ୍କ ବୟାନର ଜବାବ ରଖିଲେ ସୀତାରମଣ

# 'ସବୁ ସ୍ଥାନରେ ଭୂତ ଦେଖିବା ବନ୍ଦ କରନ୍ତୁ'

ନୂଆଦିଲ୍ଲୀ, ୨୮।୧୦: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରି କଡ଼ା ଜବାବ ଦେଇଛନ୍ତି । ସବୁ ସ୍ଥାନରେ ଭୂତ-ପ୍ରେତ ଦେଖିବା ବନ୍ଦ କରନ୍ତୁ ବୋଲି କହିଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ସରକାରଙ୍କ ଉପରେ ଟାଟାକୁ ଅପରାଧିକ ପ୍ରକ୍ରିୟାରେ ବର୍ବାଦ କରିବା ଅଭିଯୋଗ ପରେ ଅର୍ଥମନ୍ତ୍ରୀ ଏହି ଜବାବ ଦେଇଛନ୍ତି । ରାହୁଲ ଗାନ୍ଧୀଙ୍କ ପୋଷ୍ଟରେ ଜବାବ ଦେଇ ନିର୍ମଳା ସୀତାରମଣ ସବୁ ପ୍ରସଙ୍ଗର ରାଜନୀତିକରଣ ନକରିବାକୁ ଅପିଲ୍ କରିଛନ୍ତି । ସେ କହିଛନ୍ତି ଯେ ବ୍ୟବସାୟିକ ଏବଂ ଆଇନଗତ ମାମଲାକୁ ଏହିପରି ଅପରାଧିକ ଦର୍ଶାଇବା ଗ୍ରହଣ ଯୋଗ୍ୟ ନୁହେଁ । ସୀତାରମଣ ଲେଖିଛନ୍ତି, ବିରୋଧୀ ଦଳ ନେତା ଭାବେ, ମୋର ପରାମର୍ଶ ଯେ ଆପଣ ସବୁ ପ୍ରସଙ୍ଗର ରାଜନୀତିକରଣ କରିବା ଠାରୁ ଦୂରେଇ ରୁହନ୍ତୁ । ସେ ଆହୁରି ଲେଖିଛନ୍ତି, ଆପଣ ବାରମ୍ବାର ଭାରତୀୟ ଉଦ୍ୟୋଗ ଜଗତ ଏବଂ ଆମ ଉଦ୍ୟମୀଙ୍କ ସଫଳତାର ସମାଲୋଚନା କରୁଛନ୍ତି । ଏବେ କଣ ଆମ ବିଜନେସ୍ ଲିଡରଙ୍କୁ ବି ନିଜ ସହ ମିଶାଇ ଅବିଶ୍ୱାସ



ଏବଂ ଘୃଣା ପ୍ରସାର କରିବାରେ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି ? ଦଶନ୍ଧି ଧରି, ଆପଣଙ୍କ ଦଳ 'ଲାଇସେନ୍ସ-କୋଟା ରାଜ'ର ଅଣନିଶ୍ୱାସୀ ପରିବେଶରେ ଭାରତୀୟ ଉଦ୍ୟୋଗୀଙ୍କ ଭାବନାକୁ ଚାପି ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦାରିଦ୍ର୍ୟ ଆଡ଼କୁ ଠେଲି ଦେଇଛି ।' ସୀତାରମଣ ଆହୁରି ଲେଖିଛନ୍ତି, 'ଅନ୍ୟପକ୍ଷରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ଭାରତୀୟ ଉଦ୍ୟୋଗକୁ 'ନିଯୁକ୍ତି ସୃଷ୍ଟିକାରୀ' ଏବଂ 'ଆର୍ଥିକ ଅଭିବୃଦ୍ଧିର କାରକ' ଭାବେ ଗୁରୁତ୍ୱ ଦିଏ । ଆମ ନୀତିଗୁଡ଼ିକ ଉଦ୍ୟୋଗଗୁଡ଼ିକୁ ସକ୍ଷମ କରିବା, ଶିଳ୍ପକୁ ସମର୍ଥନ କରିବା ଏବଂ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ରାଜନୈତିକ ଦଳ, ନେତା, ସରକାର ଏବଂ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ ଦାୟିତ୍ୱ ଯେ ସେମାନେ ଆମ ଉଦ୍ୟୋଗଗୁଡ଼ିକୁ ଉଚିତ୍ ସମ୍ମାନ କରିବେ । କୃଷକଙ୍କୁ ସଶକ୍ତ କରିବେ ଏବଂ ଯୁବପିଢିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବେ ।

## ଅକ୍ଟୋବର ୩୦ରେ ଏନଭିଏସ୍-୦୩ ଉପଗ୍ରହ ଉତକ୍ଷେପଣ

ନୂଆଦିଲ୍ଲୀ, ୨୮।୧୦: ଭାରତର ନେଭିଗେସନ୍ ଉପଗ୍ରହ ବ୍ୟବସ୍ଥା 'ନାଭିକ୍'କୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଅକ୍ଟୋବର ୩୦ରେ ଏନଭିଏସ୍-୦୩ ଉପଗ୍ରହ ଉତ୍କ୍ଷେପଣ କରିବାକୁ ଯାଉଛି । ଏହି ଅଭିଯାନରେ ପୂର୍ବ ଉତ୍କ୍ଷେପଣଗୁଡ଼ିକଠାରୁ ଭିନ୍ନ ଏକ ପଦକ୍ଷେପ ନିଆଯାଇଛି । ଉପଗ୍ରହରେ ଇନ୍ଧନ ଓ ଅକ୍ସିଡାଇଜର୍ ପ୍ରବାହ ନିୟନ୍ତ୍ରଣ କରୁଥିବା ପାଇରୋ ଭାଲଭଗୁଡ଼ିକୁ ଉତ୍କ୍ଷେପଣ ପୂର୍ବରୁ ଖୋଲା ରଖିବାକୁ ଯୋଜନା କରାଯାଇଛି । ଇସ୍ରୋର ୫୧ ବର୍ଷର ଉପଗ୍ରହ ଉତ୍କ୍ଷେପଣ ଇତିହାସରେ ଏହା ଏକ ଅଭିନବ ପଦକ୍ଷେପ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

## ମଧ୍ୟପ୍ରଦେଶରୁ ରାଜ୍ୟସଭା ଉପନିର୍ବାଚନ ପାଇଁ ହରଦୀପ ସିଂହ ପୁରୀଙ୍କୁ ପ୍ରାର୍ଥୀ କଲା ବିଜେପି

ଭୋପାଲ, ୨୮।୧୦: ଭାରତୀୟ ଜନତା ପାର୍ଟି (ବିଜେପି) କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ମଧ୍ୟପ୍ରଦେଶରେ ଖାଲି ହୋଇଥିବା ରାଜ୍ୟସଭା ଆସନ ଲାଗି ନିଜର ପ୍ରାର୍ଥୀ ଘୋଷିତ କରିଛି । ଏହି ଆସନଟି କେନ୍ଦ୍ରୀୟ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ.ମୁରୁଗନଙ୍କ ଇସ୍ତଫା କାରଣରୁ ଖାଲି ହୋଇଥିଲା । ଏହି ଉପନିର୍ବାଚନ ଲାଗି ନଭେମ୍ବର ୧୨ ତାରିଖରେ ଭୋଟ ଗ୍ରହଣ ଆୟୋଜିତ ହେବ । ଉତ୍ତରପ୍ରଦେଶ ରାଜ୍ୟସଭା ସାଂସଦ ଭାବେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ କାର୍ଯ୍ୟକାଳ ନଭେମ୍ବର ମାସରେ ଶେଷ ହେଉଛି । ତେବେ ନିକଟରେ ଶେଷ ହୋଇଥିବା ଉତ୍ତରପ୍ରଦେଶ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ତାଲିକାରେ ୮ ନୂଆ ମୁହଁଙ୍କୁ ସାମିଲ କରିଥିଲା । ଏଣୁ ପୁରୀଙ୍କୁ ଦ୍ୱିତୀୟବାର ପ୍ରାର୍ଥୀ କରାଯାଇନଥିଲା । ଉତ୍ତରପ୍ରଦେଶର ସମସ୍ତ ୧୦ଟି ରାଜ୍ୟସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ପ୍ରାର୍ଥୀଙ୍କୁ ନିର୍ବିରୋଧ ନିର୍ବାଚିତ ଘୋଷଣା କରାଯାଇଥିଲା ।

## ୪ ରାଜ୍ୟର ୨୮ ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ ଗୋଟିଏ ବି ଜିତି ପାରିଲାନି କଂଗ୍ରେସ

ନୂଆଦିଲ୍ଲୀ, ୨୮।୧୦: ବିଧାନ ପରିଷଦ ନିର୍ବାଚନରେ ବି କଂଗ୍ରେସ ଚିତପଟାଙ୍ଗ । ୪ ରାଜ୍ୟରେ ୨୮ଟି ବିଧାନ ପରିଷଦ ସିଟ୍ ପାଇଁ ନିର୍ବାଚନ ହେଲା । କିନ୍ତୁ କଂଗ୍ରେସ ଗୋଟିଏ ଆସନରେ ଜିତି ପାରିଲା ନାହିଁ । ଦଳ କ୍ଷମତାରେ ଥିବା କର୍ଣ୍ଣାଟକରେ ମଧ୍ୟ ମାଟି କାମୁଡ଼ିଛି । ଏଠାରେ ୪ଟି ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ ହୋଇଥିଲେ ହେଁ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇନାହିଁ । ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ କଂଗ୍ରେସ ଧରାଶାୟୀ ହୋଇଛି । କର୍ଣ୍ଣାଟକର ୪ ବିଧାନ ପରିଷଦ ଆସନ ମଧ୍ୟରୁ କଂଗ୍ରେସ ପାଖରେ ଗୋଟିଏ ଥିଲା । ବେଙ୍ଗାଲୁରୁ ଆସନରୁ କଂଗ୍ରେସ ଏମଏଲସି ଏଥର ନିର୍ବାଚନ ମଧ୍ୟ ଲଢ଼ିଥିଲେ । ହେଲେ ଏଠାରେ ବିଜେପି ଓ ଜେଡିଏସର ମିଳିତ ଗୋଟିଏ ଚାଳନା ଯୋଗୁ କଂଗ୍ରେସ ପରାସ୍ତ ହୋଇଛି । ଜେଡିଏସ୍ ପ୍ରାର୍ଥୀ କଂଗ୍ରେସ ଠାରୁ ଏହି ଏମଏଲସି ଆସନଟିକୁ ଛଡ଼ାଇ ନେଇଛନ୍ତି । କଂଗ୍ରେସ କର୍ଣ୍ଣାଟକରେ କ୍ଷମତାରେ ଥାଇ ମୂଳପୋଛ ହୋଇଯିବା ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ୨୦୦ ଟଙ୍କିଆ ଲେଟେରୀରେ ୫୦ ଲକ୍ଷ ଟଙ୍କାର କାର୍ ଜିତିଲା ୬ ବର୍ଷର ପିଲା



ନୂଆଦିଲ୍ଲୀ, ୨୮।୧୦: ଭାଗ୍ୟ କେତେବେଳେ ବି ବଦଳି ପାରେ । କୌଣସି ବି ମୁହୂର୍ତ୍ତରେ କିଛି ବି ହୋଇପାରେ । ଆଜି ଯିଏ ଗିରବ, କାଲି ସିଏ ଧନୀ ବି ହୋଇପାରେ । ଏହାର ଜ୍ୱଳନ୍ତ ଉଦାହରଣ ମଧ୍ୟପ୍ରଦେଶର ବୁରହାନପୁରରୁ ଆସିଛି । ଜଣେ ୬ ବର୍ଷର ପିଲା ଲଟେରୀ ମାଧ୍ୟରେ ଜିତିଛନ୍ତି ୫୦ ଲକ୍ଷ ଟଙ୍କାର ଟୟୋଟା ଫର୍ଚୁନର । ମାତ୍ର ୨୦୦ ଟଙ୍କିଆ ଲଟେରୀ କୁପନ ବଳରେ ସେ ଦାମୀ ଗାଡ଼ି ଜିତି ପାରିଛନ୍ତି । ଗର୍ବା କାର୍ଯ୍ୟକ୍ରମ ବେଳେ ନାତି ନାଁରେ ଜେଜେ ମା' ୨୦୦ ଟଙ୍କା ଦେଇ ଗୋଟିଏ ଲଟେରୀ ଟିକେଟ୍ କିଣିଥିଲେ । ଏବେ ସେହି ଲଟେରୀ ପୂରା ପରିବାରର ଭାଗ୍ୟ ବଦଳାଇ ଦେଇଛି । ସୀଲାମପୁରରେ ପରିବାର ସହ ରୁହନ୍ତି ୬ ବର୍ଷର ମେଦାଂଶ ରାଏକୱାର । ପ୍ରାୟ ବର୍ଷକ ତଳେ ମେଦାଂଶଙ୍କ ଜେଜେ ମା' କିରଣ ଆଭାପୁରୀର ଶ୍ରୀ ସରକାର ଧାମ ଠାରେ ଆୟୋଜିତ ଗର୍ବା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗର୍ବା କାର୍ଯ୍ୟକ୍ରମ ବେଳେ ତାଙ୍କ ନଜର ଲଟେରୀ କାର୍ଯ୍ୟକ୍ରମରୁ ଉପରେ ପଡ଼ିଥିଲା । ଗୋଟିଏ ଲଟେରୀ କୁପନର ନାଁ ଥିଲା ୨୦୦ ଟଙ୍କା । ସେ ୨୦୦ ଟଙ୍କା ଦେଇ ଲଟେରୀ କିଣିଥିଲେ ଓ ନିଜ ନାତି ମେଦାଂଶଙ୍କ ନାଁ ପଞ୍ଜିକରଣ କରିଥିଲେ । ହେଲେ ୨୦୦ ଟଙ୍କା ଦେଇ କିଣିଥିବା ଲଟେରୀ ଟିକେଟ ଯେ ତାଙ୍କ ପରିବାରର ଭାଗ୍ୟ ବଦଳାଇ ଦେବ, ସେକଥା କାହାକୁ ଜଣା ନଥିଲା । ୨୦୨୬ରେ ଲକି ଡ୍ର ଫଳାଫଳ ଘୋଷଣା କରିଛି ଅର୍ଗାନାଇଜିଂ କମିଟି । ଆଉ ମେଦାଂଶ ଟିକେଟ ନମ୍ବର ଜିତିଛି ପ୍ରଥମ ପୁରସ୍କାର ।

## ତୀବ୍ବତରେ ୨୦୦ରୁ ଅଧିକ ଭିକ୍ଷୁଙ୍କ ଘର ଭାଙ୍ଗିଲା ଚୀନ୍

ଧର୍ମଶାଳା, ୨୮।୧୦: ଚୀନ୍ ଅଧିକାରୀମାନେ ପୂର୍ବ ତୀବ୍ବତର ଐତିହାସିକ ଦଜା ସେରଶୁଲ ମଠରେ ୨୦୦ରୁ ଅଧିକ ଭିକ୍ଷୁ ବସବାସ କରୁଥିବା ଘରକୁ ଲକ୍ଷ୍ୟ କରି ଏକ ବିଶାଳ ଘରଭଙ୍ଗା ଅଭିଯାନ ଆରମ୍ଭ କରିଛନ୍ତି । ରେଡିଓ ଫ୍ରି ଏସିୟା (ଆରଏଫଏ) ଓ କେନ୍ଦ୍ରୀୟ ତୀବ୍ବତ ପ୍ରଶାସନ ଏହି ଖବର ପୁଷ୍ଟି କରିଛି । ଚୀନ୍ ଅଧିକାରୀଙ୍କ ଏହି କାର୍ଯ୍ୟାନୁଷ୍ଠାନ ଧାର୍ମିକ ସ୍ୱାଧୀନତା ତଥା ତୀବ୍ବତୀୟ ସାଂସ୍କୃତିକ ସଂରକ୍ଷଣକୁ ନେଇ ଚିନ୍ତା ବଢାଇ ଦେଇଛି । ସେରଶୁଲ କାଉଣ୍ଟିର କାର୍ଜେ କ୍ଷେତ୍ରରେ ଏହି ଘରଭଙ୍ଗା ଅଭିଯାନ ୨୫ ଅଥବା ୨୬ ଅକ୍ଟୋବରରେ ଆରମ୍ଭ ହୋଇଥିବା ଜଣାପଡିଛି । ତେବେ ତୀବ୍ବତରେ ଚୀନ୍ ସରକାରଙ୍କ ଏପରି କାର୍ଯ୍ୟ କିଛି ନୂଆ ନୁହେଁ । ଏହା ପୂର୍ବରୁ ଜୁଲାଇ ୨୦୧୬ରେ ଲାରୁଙ୍ଗାର, ଅଗଷ୍ଟ ୨୦୧୭ରେ ୟେଚେନଗାର ଓ ଜୁଲାଇ ୨୦୧୯ରେ ଏପରି ଅଭିଯାନ ସବୁ ଦେଖା ଯାଇଥିଲା । ଏହିସବୁ କାର୍ଯ୍ୟାନୁଷ୍ଠାନ ତୀବ୍ବତ ଧାର୍ମିକ ସ୍ଥଳଙ୍କ ଉପରେ ସରକାରଙ୍କ ଚାପର ଏକ ପ୍ୟାଟର୍ଣ୍ଣ ଦର୍ଶାଉଛି । ଏହାଛଡା ତୀବ୍ବତରେ ଅନେକ ଶିକ୍ଷଣ ସଂସ୍ଥା ବନ୍ଦ କରିଦିଆଯାଇଥିବାର ମଧ୍ୟ ରିପୋର୍ଟ ଆସୁଛି । ଏଥିରେ ଜୁଲାଇ ୨୦୨୪ରେ ରାଖ୍ୟାଗୋଙ୍ଗଜୋଙ୍ଗ ଶେରିଗ ନୋରବୁ ଲୌବଲିଂ ସ୍କୁଲ, ଅଗଷ୍ଟ ୨୦୨୬ରେ ରାଖ୍ୟା ଜିଗ୍ମେ ଗ୍ୟାଲ୍ଟସେନ୍ ଗ୍ରାସଲ୍ୟାଣ୍ଡ ଗାର୍ଲସ୍ ସ୍କୁଲ ଓ ସେପ୍ଟେମ୍ବର ୨୦୨୬ରେ ଗୌଲୌକତାଦ୍ରଖ ଅନାଥ ସ୍କୁଲକୁ ବନ୍ଦ କରିଦିଆଯାଇଛି । ଏହିସବୁ ସ୍କୁଲ ତୀବ୍ବତୀୟ ଭାଷା ଶିକ୍ଷା, ପାରମ୍ପରିକ ସାଂସ୍କୃତିକ ନିର୍ଦ୍ଦେଶ ଓ ବ୍ୟବସାୟୀକ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲେ । ତୀବ୍ବତରେ ଧାର୍ମିକ ଶିକ୍ଷାକୁ ନେଇ ଅନେକ ବର୍ଷରୁ ଚିନ୍ତା ରହି ଆସିଛି । ୨୦୧୮ ମସିହାରେ ଦଜା ସେରଶୁଲ ମଠରୁ ୨୦୦ରୁ ଅଧିକ ନାବାଳକ ଭିକ୍ଷୁଙ୍କୁ କଥିତ ଭାବେ ନିଷ୍କାସିତ କରିଦିଆଯାଇଥିଲା ।

## ବଲୁଚ୍ ବିଦ୍ରୋହୀଙ୍କ ଦାବି

# ଅପରେସନ୍ ଆଲମାସରେ ୮୦ରୁ ଅଧିକ ପାକିସ୍ତାନୀ ସେନାଙ୍କୁ ମାରିଛୁ



ନୂଆଦିଲ୍ଲୀ, ୨୮।୧୦: ପାକିସ୍ତାନର ବଲୁଚିସ୍ତାନରେ ସୁରକ୍ଷା ବାହିନୀ ଓ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷକୁ ନେଇ ବଢ଼ିଛି ଉତ୍ତେଜନା । ଗ୍ୱାଦର ଏବଂ ଏହାର ଆଖପାଖ ଅଞ୍ଚଳରେ ଚଳାଇଥିବା 'ଅପରେସନ୍ ଆଲମାସ୍'ରେ ୮୦ରୁ ଅଧିକ ପାକିସ୍ତାନୀ ସାମରିକ ଓ ଗୁପ୍ତଚର କର୍ମଚାରୀଙ୍କୁ ହତ୍ୟା କରିଥିବା ଦାବି କରିଛି ବଲୁଚ୍ ଲିବରେସନ୍ ଫ୍ରଣ୍ଟ (ବିଏଲଏଫ) । ତେବେ ବିଦ୍ରୋହୀ ସଂଗଠନର ଏହି ଦାବିକୁ ସ୍ୱାଧୀନ ଭାବେ ସ୍ପଷ୍ଟ କରାଯାଇନାହିଁ । ଅନ୍ୟପଟେ ପାକିସ୍ତାନୀ ସେନା ପକ୍ଷରୁ ଭିନ୍ନ ତଥ୍ୟ ଦିଆଯାଇଛି । ବିଏଲଏଫର ମୁଖପାତ୍ର ମେଜର ଗ୍ୱାହରାମ ବାଲୋଚ୍ ଏକ ବିବୃତି ଜାରି କରି କହିଛନ୍ତି ଯେ, ଏହି ଅପରେସନରେ ପାକିସ୍ତାନୀ ସେନାର ପ୍ରତିଷ୍ଠାନ, ଗୁପ୍ତଚର କାର୍ଯ୍ୟାଳୟ ଏବଂ ସୁରକ୍ଷା ଯାଞ୍ଚ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ସଂଗଠନର ଦାବି ଅନୁଯାୟୀ, ଏହାର ସଶସ୍ତ୍ର ଯୋଦ୍ଧାମାନେ ଗ୍ୱାଦରରେ ଥିବା ଫ୍ରଣ୍ଟିୟର୍ ୱାର୍କ୍ସ ଅର୍ଗାନାଇଜେସନର ମୁଖ୍ୟ ଶିବିର ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୧୨ଟି ସଶସ୍ତ୍ର ଯାନ ଓ ଯୋଗାଣ ଟ୍ରକ୍ ନଷ୍ଟ ହୋଇଥିବା ବିଏଲଏଫ ଦାବି କରିଛି । ଏଥିସହ ଚାରୋଟି କ୍ୱାଡକପ୍ଟର ଏବଂ ଦୁଇଟି ନିରୀକ୍ଷଣ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିବା ମଧ୍ୟ କହିଛି । ଏହାବ୍ୟତୀତ ଦୁଇଟି ପୋଲିସ ଷ୍ଟେସନକୁ ନିଜ ନିୟନ୍ତ୍ରଣକୁ ନେଇଥିବା ଏବଂ ମୁଖ୍ୟ ଶିବିରକୁ ୨୦ ଘଣ୍ଟାରୁ ଅଧିକ ସମୟ ଧରି କବଜାରେ ରଖିଥିବା ସଂଗଠନ ପକ୍ଷରୁ ଦାବି କରାଯାଇଛି । ଅନ୍ୟପଟେ ପାକିସ୍ତାନୀ ସେନାର ଗଣମାଧ୍ୟମ ଶାଖା ଏହି ଘଟଣାକୁ ନେଇ ଏକ ବିବୃତି ଜାରି କରିଛି । ସେନାର କହିବା ଅନୁଯାୟୀ, ଗ୍ୱାଦରରେ ଆତଙ୍କବାଦୀଙ୍କ ବିରୋଧରେ ସୁରକ୍ଷା ବାହିନୀର ଅଭିଯାନ ଶେଷ ହୋଇଛି । ଏହି ଅଭିଯାନରେ ୧୦ ଜଣ ଆତଙ୍କବାଦୀଙ୍କୁ ଏନକାଉଣ୍ଟର କରାଯାଇଛି । ସଂଘର୍ଷରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଯାନବାହନ ନଷ୍ଟ ହୋଇଥିବା ସୂଚନା ଦିଆଯାଇଛି । ତେବେ ସୁରକ୍ଷା ବାହିନୀର କୌଣସି ବିଶେଷ କ୍ଷତି ହୋଇନଥିବା ସେନା ଦାବି କରିଛି ।

## ଆକାଉଣ୍ଟକୁ ଆସୁନି ଟଙ୍କା ଭତ୍ତା ପାଇଁ ଆସି ବୃଦ୍ଧଙ୍କ ଜୀବନ ଗଲା

ବାରଙ୍ଗ: ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁରରେ ବୁଧବାର ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ମୃତ ବୃଦ୍ଧ ହେଲେ ରଘୁନାଥପୁର ମଠସାହିର ଝରିଆ ବେହେରା(୮୦) । ସୂଚନା ଅନୁଯାୟୀ, ରଘୁନାଥପୁର ପଞ୍ଚାୟତରେ ଭତ୍ତା ଟଙ୍କା ବଣ୍ଟାଯାଉଥିଲା । ପୂର୍ବାହ୍ଣ ପ୍ରାୟ ୧୧ଟାରେ ଝରିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଟଙ୍କା ଆଣିବାକୁ ଯାଉଥିଲେ । ତେବେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସେ ପଡ଼ିଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସୂଚନାଅନୁସାରେ, ସରକାରଙ୍କ ନିୟମ ଅନୁସାରେ ଅତି ବୃଦ୍ଧ, ଅସୁସ୍ଥ କିମ୍ବା ଚାଲିବାକୁ ଅକ୍ଷମ ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବରୁ ଆଜି ଜଣେ ବୃଦ୍ଧଙ୍କ ଜୀବନ ଚାଲିଗଲା ବୋଲି ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ବୃଦ୍ଧଙ୍କ ଭତ୍ତା ଟଙ୍କା ଦେବାକୁ ଅନଲାଇନ୍ ସୁବିଧା ହୋଇଥିଲେ ମଧ୍ୟ ୫ମାସ ହେବ ଆକାଉଣ୍ଟକୁ ଟଙ୍କା ଯାଉନି । ତେଣୁ ସେ ଟଙ୍କା ଆଣିବାକୁ ପଞ୍ଚାୟତ ଅଫିସକୁ ଯାଉଥିଲେ ବୋଲି କୁହାଯାଉଛି ।

### ଲିଫ୍ଟ ନାଁରେ ଅପହରଣ ଓ ଲୁଟ୍

# କୁଖ୍ୟାତ ଅପରାଧୀ ଗିରଫ

ଭୁବନେଶ୍ୱର(ନି.ପ୍ର): ଲିଫ୍ଟ ମାଗିବା ବାହାନାରେ ହସ୍ପିଟାଲ କର୍ମଚାରୀଙ୍କ ବେକରେ ଧାରୁଆ ଅସ୍ତ୍ର ଲଗାଇ ଅପହରଣ କରିବା, ନିଛାଟିଆ ଘରେ ବନ୍ଧକ ରଖି ମାଡ଼ ମାରିବା, ଅଶ୍ଳୀଳ ଭିଡିଓ ଭାଇରାଲ୍ କରିବାର ଧମକ ଦେଇ ମୋବାଇଲ୍ ସମେତ ସର୍ବମୋଟ ୪୩,୫୦୦/- ଟଙ୍କା ଲୁଟି ନେଇଥିବା ଏକ ସଂଗଠିତ ଡକାୟତି ଗ୍ୟାଙ୍ଗର ଜଣେ ଅଭ୍ୟାସଗତ ଅପରାଧୀକୁ ମୈତ୍ରୀ ବିହାର ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଅଜିତ ଦାସ ଓରଫ କୁନୁରି । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୬.୧୦.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୦୭.୨୦ ମିନିଟରେ ଉତ୍କଳ ହସ୍ପିଟାଲ୍ର ଫାର୍ମାସିଷ୍ଟ ସନ୍ତୋଷ କୁମାର ଜେନା ନିଜ ଡ୍ୟୁଟି ସାରି ସ୍କୁଟରରେ ଘରକୁ ଫେରୁଥିଲେ । ଏକାମ୍ର ଭିଲ୍ଲା ଛକ ନିକଟରେ ଜଣେ ଅଜଣା ଯୁବକ ଆଖିରେ କିଛି ପଡ଼ିଯାଇଥିବା ଏବଂ ପାଣି ପିଇବା ବାହାନା କରି ତାଙ୍କୁ ଅଟକାଇଥିଲା । ସନ୍ତୋଷ ପାଣି ଦେବା ପରେ ଯୁବକ ଜଣକ ସ୍କୁଟରରେ ଲିଫ୍ଟ ମାଗି ବସିପଡ଼ିଥିଲା । ମାତ୍ର କିଛି ବାଟ ଯିବା ପରେ ସେ ହଠାତ୍ ସନ୍ତୋଷଙ୍କ ବେକରେ ଏକ ଧାରୁଆ ଛୁରୀ ଲଗାଇ ଜୀବନରୁ ମାରିଦେବାର ଧମକ ଦେଇଥିଲା ଏବଂ ଜୋରଜବରଦସ୍ତ ତାଙ୍କୁ ସାଲିଆ ସାହି ଜିଆଇଇଟି କଲେଜ ନିକଟ ଏକ ନିଛାଟିଆ ପଡ଼ିଆରେ ଥିବା ପରିତ୍ୟକ୍ତ କୋଠା ଭିତରକୁ ନେଇଯାଇଥିଲା । ସେହି କୋଠା ଭିତରେ ପୂର୍ବରୁ ୭ ରୁ ୮ଜଣ ଯୁବକ ଛୁରୀ ଧରି ଉପସ୍ଥିତ ଥିଲେ । ସେମାନେ ସନ୍ତୋଷଙ୍କୁ ଘେରିଯାଇ ବିଧା, ଗୋଇଠା ଓ ଚାପୁଡ଼ା ମାରି ଲହୁଲୁହାଣ କରିଥିଲେ । ଟଙ୍କା ନଦେଲେ ତାଙ୍କୁ ଉଲଗ୍ନ କରି ଭିଡିଓ ରେକର୍ଡିଂ କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରି ବଦନାମ କରିଦେବାର ଧମକ ଦେଇଥିଲେ । ଭୟଭୀତ ହୋଇ ପୀଡ଼ିତଙ୍କ ଠାରୁ ଅଭିଯୁକ୍ତମାନେ ଅନଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ୬,୦୦୦/- ଟଙ୍କା, ଏଟିଏମ୍ ରୁ ଉଠାଇ ୨୦,୦୦୦/- ଟଙ୍କା ଏବଂ ସ୍କୁଟର ଡିକି ଭିତରୁ ନଗଦ ୧୭,୫୦୦/- ଟଙ୍କା (ସର୍ବମୋଟ ୪୩,୫୦୦/- ଟଙ୍କା) ଲୁଟି ନେଇଥିଲେ । ଏଥିସହ ସେମାନେ ତାଙ୍କ ମୋବାଇଲ୍ ଛଡ଼ାଇ ନେବା ସହ ଫୋନ୍ରେ ଥିବା ପାରିବାରିକ ଫଟୋ ଓ ଭିଡିଓକୁ ବ୍ଲାକମେଲ୍ କରିବା ଉଦ୍ଦେଶ୍ୟରେ ହାତେଇ ନେଇଥିଲେ । ସନ୍ତୋଷ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଆସିବା ଦେଖି ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ । ଏନେଇ ମାମଲା ରୁଜୁ ହେବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳ ଚିହ୍ନଟ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଆଜି ତା ୨୮.୧୦.୨୦୨୬ ସକାଳ ୮ ଟାରେ ପୋଲିସ ସାଲିଆ ସାହି ଜନତା ନଗର ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଅଜିତ ଦାସ ଓରଫ କୁନୁରୀକୁ କାବୁ କରିଥିଲା । ପଚରାଉଚରା ବେଳେ ସେ ଏହି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛି । ଅଧିକ ଯାଞ୍ଚରୁ ଜଣାପଡିଛି ଯେ, ଗିରଫ ଅଭିଯୁକ୍ତ ଅଜିତ ଦାସ ଓରଫ୍ କୁନୁରୀ ଜଣେ ଅଭ୍ୟାସଗତ ଅପରାଧୀ । ତା' ନାମରେ ପୂର୍ବରୁ ମୈତ୍ରୀ ବିହାର ଓ ନୟାପଲ୍ଲୀ ଥାନାରେ ଏକାଧିକ ସାଂଘାତିକ ମାମଲା ରହିଛି । ସକାଳ ୦୮.୧୫ ମିନିଟରେ ତାକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରିବା ଏବଂ ଲୁଟ୍ ଟଙ୍କା ତଥା ମୋବାଇଲ୍ ଉଦ୍ଧାର ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

## ପେଟ୍ରୋଲ ପମ୍ପରେ ଫାଟିଲା ଟାଙ୍କି, ଜଣେ ମୃତ




ନୀଳଗିରି: ବାଲେଶ୍ୱର ଜିଲ୍ଲା ନୀଳଗିରି ପେଟ୍ରୋଲ ପମ୍ପରେ ଅଘଟଣ । କାମ ବେଳେ ଫାଟିଲା ଟାଙ୍କି । ଜଣେ କାର୍ଯ୍ୟରତ କର୍ମଚାରୀ ମୃତ । ମୃତକ ଜଣଙ୍କ ହେଲେ ବିମ୍ବୁରିଆ ଗ୍ରାମର ବିରେନ୍ଦ୍ର ସିଂହ । ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ସୂଚନାନୁଯାୟୀ, ନୀଳଗିରି ବାଲିଗୋହିରୀ ପେଟ୍ରୋଲ ପମ୍ପରେ ବୁଧବାର ଏକ ପୁରୁଣା ଟାଙ୍କିକୁ ଗ୍ୟାସ୍ କଟରରେ କାଟିବା ବେଳେ ଟାଙ୍କିଟି ଫାଟି ଯାଇଥିଲା । ଟାଙ୍କିରୁ ଲୁହା ସାମଗ୍ରୀ ଯାଇ କର୍ମଚାରୀ ବିରେନ୍ଦ୍ର ସିଂହ ଉପରେ ବାଜି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶବ ରଖି ପରିବାର ଲୋକେ ଓ ଗ୍ରାମବାସୀ ସେରଗଡ଼ ଉଦଳା ରାସ୍ତାରୋକ କରିଛନ୍ତି । ଦୃଢ କାର୍ଯ୍ୟାନୁଷ୍ଠାନ ନନେବା ପର୍ଯ୍ୟନ୍ତ ରାସ୍ତାରୋକ ରହିବ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ପୁଲିସ ଟାଙ୍କି ମାଲିକଙ୍କୁ ଅଟକ ରଖିଛି ।

---

## ଯୁବତୀଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା, ବେକ ଚିପି ହତ୍ୟା ଉଦ୍ୟମ କରିବା ଏବଂ ଧମକ ଦେବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ କେନ୍ଦ୍ରାପଡ଼ାରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସେକ ଇରଫାନ ଓରଫ ସେକ ପିଂଟୁ । ପୁଲିସ ଆଜି ତାକୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଜଣେ ୨୦ ବର୍ଷୀୟା ଯୁବତୀ ଓ ସେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗ୍ୟାରେଜ୍ ଛକ ନିକଟରେ ଏକ ଭଡ଼ା ଘରେ ଅଭିଯୁକ୍ତ ଏସ.କେ. ଇରଫାନ୍ ଓରଫ ପିଣ୍ଟୁ ସହ ରହୁଥିଲେ । ଅଭିଯୁକ୍ତ ନିଜର ପ୍ରକୃତ ଧର୍ମ ଲୁଚାଇ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଇ ଯୁବତୀଙ୍କ ସହ ସମ୍ପର୍କ ବଢାଇଥିଲେ ଏବଂ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ । ଗତ ୨୪.୧୦.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୩.୦୦ ଟାରେ ଯୁବତୀ ଜଣକ ଡ୍ୟୁଟିକୁ ଯିବା ବେଳେ ଅଭିଯୁକ୍ତ ତାଙ୍କୁ ବାରଣ କରିଥିଲା ଏବଂ ଏକ ବାଡ଼ିରେ ମାରଣାନ୍ତକ ଆକ୍ରମଣ କରି ବେକ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା । ଏହାପରେ ସେ ଯୁବତୀଙ୍କ ଜରୁରୀ କାଗଜପତ୍ର, ସୁନା ଚେନ୍ ଏବଂ ନଗଦ ଟଙ୍କା ଲୁଟି ନେଇଥିଲା ଓ ପୋଲିସରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଫେରାର୍ ହୋଇଯାଇଥିଲା । ଏନେଇ ମହିଳା ଥାନାରେ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଟିମ୍ ତୁରନ୍ତ ଚଢ଼ାଉ କରି କେନ୍ଦ୍ରାପଡ଼ା ତିନିମୁହାଣୀ ବସ୍ ଷ୍ଟାଣ୍ଡରୁ ତାକୁ କାବୁ କରିବାରେ ସଫଳ ହୋଇଥିଲା । ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଛି । ଆଜି ଅପରାହ୍ନରେ ଅଭିଯୁକ୍ତକୁ ଗିରଫ କରାଯାଇ ସହ କୋର୍ଟ ଚାଲାଣ କରାଯାଇଛି ।

## କାର୍କୁ ଭଡ଼ାରେ ନେଇ ବିକିଦେଲା: ଧୂର୍ତ୍ତ ଗିରଫ, କାର୍ ଜବତ

ଭୁବନେଶ୍ୱର: କାରକୁ ଭଡ଼ାସୂତ୍ରରେ ନେଇ ବିକିଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣେ ଧୂର୍ତ୍ତକୁ ଗିରଫ କରିଛି । ସେ ହେଲା, ଆଦର୍ଶ ମହିମା ଆଚାର୍ଯ୍ୟ । ତା'ଘର ଜଗତସିଂହପୁର ରଘୁନାଥପୁର ଥାନା ଅଧୀନ ଅଢ଼େଇକୂଳରେ । କାରକୁ ପୁଲିସ ଜବତ କରିଛି । ସୂଚନା ମୁତାବକ, ୟୁନିଟ-୭ ର ପ୍ଲଟ ନମ୍ବର-ଏ/ ୧ ରେ ଗୌରବ ମହାରଣା ପରିବାର ସହ ରୁହନ୍ତି । ଆଦର୍ଶ ବର୍ଷେ ଧରି ତାଙ୍କ ଘରର ଉପର ମହଲାରେ ଭଡ଼ା ସୂତ୍ରରେ ରହୁଛନ୍ତି । ଗୌରବଙ୍କ ବାପା ରବୀନ୍ଦ୍ରଙ୍କ ନାମରେ ଥିବା କାରଟି ଅଧିକାଂଶ ସମୟରେ ଘରେ ପଡ଼ି ରହୁଥିଲା । ଏହାଦେଖି ଆଦର୍ଶ କାରକୁ ଭଡ଼ାସୂତ୍ରରେ ନେବାକୁ ଗୌରବଙ୍କୁ ପ୍ରସ୍ତାବ ଦେଲେ । ପ୍ରତିଦିନ ୧,୩୦୦ ଟଙ୍କା ଦେବାକୁ ଡିଲ୍ ଛିଡିଲା । ଆଦର୍ଶ କାରକୁ ଭଡ଼ାରେ ଚଳାଇବା ପରିବର୍ତ୍ତେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଦୁର୍ଗାବଜାର କଲୋନୀର ବନୋଜ କୁମାର ପଟ୍ଟନାୟକଙ୍କୁ ୩ ଲକ୍ଷ ୭୦ ହଜାର ଟଙ୍କାରେ ବିକିଦେଲେ । ବିକ୍ରି ସମ୍ପର୍କିତ ଚୁକ୍ତିପତ୍ରରେ ଗାଡ଼ିର ମୂଳ ମାଲିକ ରବୀନ୍ଦ୍ରଙ୍କ ଦସ୍ତଖତ କିମ୍ବା ସମ୍ମତି ନଥିଲା । ପରବର୍ତ୍ତୀ ସମୟରେ ପୁରୁଣା ଭୁବନେଶ୍ୱର କୁଞ୍ଜପାଟଣା ସାହିର ପ୍ରିୟକାନ୍ତ ସାମଲ ଉକ୍ତ କାରଟିକୁ ବନୋଜଙ୍କ ଠାରୁ କିଣିଲେ । ପ୍ରିୟକାନ୍ତ ଏହି କାରକୁ ବିଶ୍ୱରଞ୍ଜନ ମିଶ୍ରଙ୍କୁ ବିକିବା ବେଳେ ପୁଲିସ ନଜରରେ ପଡ଼ିଥିଲା । ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ମୋଟର୍ସରୁ ପୁଲିସ କାରକୁ ଜବତ କରିଥିଲା । ମୋଟର୍ସ ମାଲିକ ପ୍ରିୟକାନ୍ତଙ୍କୁ ପଚରାଉଚରା ବେଳେ ଆଦର୍ଶର କାରସାଦି ସାମ୍ନାକୁ ଆସିଥିଲା ।

---

### ବିଶୃଙ୍ଖଳିତ ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନ

## ଯାଜପୁର ପଲିଟେକନିକର ୩ ଅଧ୍ୟାପକ ନିଲମ୍ବିତ



ଯାଜପୁର : ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ରଗଡ଼ିସ୍ଥିତ ସରକାରୀ ପଲିଟେକନିକର ତିନିଜଣ ଅଧ୍ୟାପକ, ଅଧ୍ୟାପିକା ନିଲମ୍ବିତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ନିଲମ୍ବନ କରାଯାଇଛି । ନିଲମ୍ବିତମାନେ ହେଲେ ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା । ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ଏକ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଏହି ଅଧ୍ୟାପକମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ । ଅଧ୍ୟାପନା ଭଳି ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛନ୍ତି । ପୂର୍ବରୁ ଗତ ୧୫ ତାରିଖରେ ରଗଡ଼ି ସ୍ଥିତ ସରକାରୀ ପଲିଟେକନିକର ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ନୃସିଂହ ବେହେରା ଓ ସେହି ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ସମ୍ବିତ୍ ମହାପାତ୍ରଙ୍କ ଭିତରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । ପରସ୍ପର ମଧ୍ୟରେ ମାଡପିଟ ସହ ପରସ୍ପରକୁ ଖରାପ ଭାଷାରେ ଅଶାଳୀନ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ସେହି କଲେଜର କାର୍ଯ୍ୟରତ ଅଧ୍ୟାପକ ସମ୍ବିତ ମହାପାତ୍ରଙ୍କ ପତ୍ନୀ ପି. ଆରାଧନା କଲେଜ ଛାତ୍ରଙ୍କୁ ଏକତ୍ରିତ କରି ଛାତ୍ରାବାସ ପାଇଖାନାରୁ ମଇଳା ପାଣି ଆଣି କଲେଜ ପରିସରରେ ନୃସିଂହ ବେହେରାଙ୍କ ଉପରକୁ ଢାଳିଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଏହି ତିନି ଜଣ ଅଧ୍ୟାପକଅଧ୍ୟାପିକାଙ୍କୁ ନିଲମ୍ବନ କରିବା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଖଣ୍ଡାଧରି ଆତଙ୍କ ଓ ଗାଡି ଭଙ୍ଗାରୁଜା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ସାଲିଆସାହି ଅଞ୍ଚଳରେ ଖଣ୍ଡା ଓ ଭୁଜାଲି ଧରି ଉତ୍ପାତ ମଚାଇବା, ସ୍ଥାନୀୟ ଲୋକଙ୍କୁ ମାରଣାନ୍ତକ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା ଓ ଲୁଟପାଟ୍ କରି ଆତଙ୍କ ଖେଳାଇଥିବା ଏକ ସଶସ୍ତ୍ର ଗ୍ୟାଙ୍ଗର ଜଣେ ସକ୍ରିୟ ସଦସ୍ୟକୁ ମୈତ୍ରୀ ବିହାର ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ପୁଷ୍ପା ଓରଫ ଅନୀଲ ପ୍ରଧାନ । ପୁଲିସ ଆଜି ତାକୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଛାଡ଼ି ପଳାଇଥିବା ଏକ ଆକ୍ଟିଭା ସ୍କୁଟରକୁ ପୋଲିସ ଜବତ କରିଛି । ସୂଚନା ଅନୁସାରେ, ଗତ ୨୫.୧୦.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୦୧.୩୦ ରୁ ୦୧.୪୫ ମିନିଟ ମଧ୍ୟରେ ୧୫ ରୁ ୨୦ଜଣ ଯୁବକ ଖଣ୍ଡା, ଭୁଜାଲି ଓ ମାରଣାସ୍ତ୍ର ଧରି ନୀଳଚକ୍ର ନଗର ସାଲିଆ ସାହିରେ ପ୍ରବେଶ କରି ଚିତ୍କାର କରିବା ସହ ଆତଙ୍କ ସୃଷ୍ଟି କରିଥିଲେ । ପାଟିତୁଣ୍ଡ ଶୁଣି ଅଭିଯୋଗକାରୀ ଅକ୍ଷୟ ବେହେରା ଘରୁ ବାହାରକୁ ଆସିବାରୁ ଉକ୍ତ ଗ୍ୟାଙ୍ଗର ୪-୫ ଜଣ ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୋଡ଼, ହାତ ଓ ଶରୀରରେ ଗଭୀର କ୍ଷତ ସୃଷ୍ଟି କରିଥିଲେ । ସେମାନେ ତାଙ୍କ ପକେଟରୁ ନଗଦ ୪,୫୦୦/- ଟଙ୍କା ଛଡ଼ାଇ ନେଇଥିଲେ । ଏଥିସହ ତାଙ୍କ କାର୍ ଭଙ୍ଗାରୁଜା କରି କାର୍ ଭିତରେ ଥିବା ନଗଦ ୨୫,୦୦୦/- ଟଙ୍କା ଓ ଜିନିଷପତ୍ର ଲୁଟି ନେଇଥିଲେ । ଏହି ସଶସ୍ତ୍ର ଦୁର୍ବୃତ୍ତମାନେ ସେହି ଅଞ୍ଚଳର କୈଳାସ ରାଉତ ଓ ସାଗର ରେଡ୍ଡୀଙ୍କ ଦୁଇଟି ଅଟୋରିକ୍ସା ଏବଂ ନୀଳାଞ୍ଚଳ ବେହେରାଙ୍କ ମୋଟରସାଇକେଲକୁ ଭାଙ୍ଗି ଚୁରମାର କରିବା ସହ ଶିବଶଙ୍କର ନାୟକ ନାମକ ଜଣେ ଯୁବକଙ୍କ ଠାରୁ ଏକ ଓପୋ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ । ସ୍ଥାନୀୟ ଲୋକେ ପିସିଆର୍ ଭ୍ୟାନ୍କୁ ସୂଚନା ଦେଇଥିଲେ । ପୋଲିସ ପହଞ୍ଚି ଗୋଡ଼ାଇବାରୁ ଦୁଇ ଜଣ ଯୁବକ ଖଣ୍ଡା ଧରି ଯାଉଥିବା ନିଜ ଆକ୍ଟିଭା ସ୍କୁଟରକୁ ରାସ୍ତାରେ ଛାଡ଼ି ଅନ୍ଧାରର ସୁଯୋଗ ନେଇ ଫେରାର୍ ହୋଇଯାଇଥିଲେ । ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ମଇଳା ଟାଙ୍କି ଭେଣ୍ଡିଂ ଜୋନ୍ ଚିକେନ୍ ଦୋକାନରେ କାମ କରୁଥିବା ଅନିଲ ପ୍ରଧାନ ଓରଫ ପୁଷ୍ପା ଏହି ଆକ୍ରମଣରେ ସାମିଲ ଥିବା ଚିହ୍ନଟ କରିଥିଲା । ଆଜି ତ ୨୮.୧୦.୨୦୨୬ ସକାଳ ୮ ଟାରେ ମଇଳା ଟାଙ୍କି ନିକଟରେ ଚଢ଼ାଉ କରି ପୋଲିସ ଅଭିଯୁକ୍ତ ପୁଷ୍ପାକୁ ଗିରଫ କରିଛି । ଅପରାହ୍ନ ୪ ଟାରେ ତାକୁ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ଏବଂ ମାରଣାସ୍ତ୍ର ତଥା ଲୁଟ୍ ଟଙ୍କା ଉଦ୍ଧାର ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଚମ୍ପୁଆ(ନିପ୍ର): ପାରିବାରିକ କଳହକୁ ନେଇ ଗାଁ ମୁଣ୍ଡରେ ଏକ ଗଛରେ ଫାଶୀ ଲଗାଇ ଯୁବକ ମୃତ୍ୟୁବରଣ କରିଛନ୍ତି । ବାରିଆ ଥାନା ଅନ୍ତର୍ଗତ ନିଶାଗଡିଆ ଗାଁର ସୁମନ୍ତ ନାଏକ ଗତରାତିରେ ଗାଁ ମୁଣ୍ଡ ବିଲ ଭିତରେ ଥିବା ଏକ ଚାକୁଣ୍ଡା ଗଛରେ ପିନ୍ଧା ଲୁଗାରେ ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି । ବୁଧବାର ସକାଳୁ ତାଙ୍କ ମୃତ ଦେହ ଗଛରେ ଝୁଲୁଥିବା ଅବସ୍ଥାରେ ଦେଖି ଗାଁ ଲୋକେ ତାଙ୍କ ଘରକୁ ଖବର ଦେଇଥିଲେ । ଘର ଲୋକ ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ପାରିବାରିକ କଳହକୁ ନେଇ ସୁମନ୍ତ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଏହି ଘଟଣା ପାଇଁ ସମଗ୍ର ଗ୍ରାମରେ ଏକ ଶୋକର ବାତାବରଣ ଦେଖାଦେଇଛି ଏବଂ ଚାପା ଗୁଂଜରଣ ମଧ୍ୟ ରହିଛି ।

## ଜମି ବିକ୍ରି ଟଙ୍କା ଭାଗବଣ୍ଟାକୁ ନେଇ ମାର୍‌ପିଟ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଜମି କିଣାବିକା ମଧ୍ୟସ୍ଥତାର ଲାଭାଂଶ ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ, ମାରପିଟ୍ ଓ ଜୀବନରୁ ମାରିଦେବାର ଧମକ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ତାପସ କୁମାର ମଲ୍ଲିକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ନାରାୟଣ ସ୍ୱାଇଁ ଏବଂ ଅଭିଯୁକ୍ତ ତାପସ କୁମାର ମଲ୍ଲିକ ମିଳିତ ଭାବେ ଜମି କିଣାବିକାରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଥିଲେ । ସେମାନେ ଜଣେ ମହିଳାଙ୍କର ୩ଟି ପ୍ଲଟ୍ ବିକ୍ରି କରାଇଥିଲେ ଏବଂ ତା'ର ଲାଭାଂଶ ଉଭୟଙ୍କ ମଧ୍ୟରେ ଭାଗବଣ୍ଟା ହେବାର ଥିଲା । ଅଭିଯୋଗକାରୀ ନାରାୟଣ ସମସ୍ତ ଲାଭାଂଶ ଟଙ୍କା ଦେଇସାରିଥିବା ଦର୍ଶାଇଥିବା ବେଳେ ଅଭିଯୁକ୍ତ ତାପସ ଆହୁରି ଅଧିକ ଟଙ୍କା ଦାବି କରି ତାଙ୍କୁ ଧମକଚମକ ଦେଇଆସୁଥିଲା । ଗତ ୨୭.୧୦.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୦୪.୩୦ ମିନିଟରେ ଅଭିଯୁକ୍ତ ତାପସ ମଲ୍ଲିକ ବାଇକ୍ରେ ଆସି ପୋଖରୀପୁଟ ସ୍ଥିତ ନାରାୟଣଙ୍କ ଘରେ ପହଞ୍ଚିଥିଲା । ସେଠାରେ ପୂର୍ବରୁ ଏକ ଅଟୋରେ ଆଉ କିଛି ଯୁବକ ଉପସ୍ଥିତ ଥିଲେ । ସେମାନେ ଏକତ୍ରିତ ହୋଇ ନାରାୟଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ଏନେଇ ଥାନାରେ ଏତଲା ହେବା ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା । ଆଜି ସକାଳ ୦୯.୦୦ ଟାରେ ପୋଲିସ ଅଭିଯୁକ୍ତ ତାପସ ମଲ୍ଲିକଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଛି । ତଦନ୍ତ ଶେଷରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବିଦେଶୀ ମଦ ଜବତ: ଜଣେ ଗିରଫ

ପିପିଲି(ନିପ୍ର): ମଙ୍ଗଳବାର ରାତିରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ରେସିଙ୍ଗା ଛକରେ ଥିବା ଏକ ପାନ ଦୋକାନରେ ଚଢ଼ଉ କରାଯାଇ ବିଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି । ସେ ହେଲା ରେସିଙ୍ଗା ଗ୍ରାମର ସୁନିଲ କାନ୍ତ ଚମ୍ପତି । ସୂଚନା ମୁତାବକ ଗତକାଲି ରାତିରେ ରେସିଙ୍ଗା ଛକରେ ଥିବା ପାନ ଦୋକାନରେ ଅଭିଯୁକ୍ତ ଚୋରା ମଦ କାରବାର କରୁଥିବା ନେଇ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ଥାନା ଏସଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଦୋକାନରେ ଚଢ଼ଉ କରି ସୁନିଲକୁ କାବୁ କରିବା ସହ ଦୋକାନରୁ ୩୧ବୋତଲ ବିଦେଶୀ ମଦକୁ ଜବତ କରିଥିଲେ । ଏନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ଗଣେଶ ଭସାଣି ବେଳେ ସଂଘର୍ଷ, ଅନ୍ୟତମ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ବେଳେ ହୋଇଥିବା ବିବାଦକୁ କେନ୍ଦ୍ର କରି ରାତିରେ ଯୋଜନାବଦ୍ଧ ଭାବେ ବାଉଁଶ ବାଡ଼ି, ଭଙ୍ଗା ବିଅର୍ ବୋତଲ ଏବଂ ମାରଣାସ୍ତ୍ର ଧରି ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ଉଦ୍ୟମ କରିଥିବା ଘଟଣାରେ ମୈତ୍ରୀ ବିହାର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ତପନ ଦତ୍ତ ଓରଫ ରାବଣ । ପୁଲିସ ତାକୁ କୋର୍ଟ ଚାଲାଣ କରିଥିବା ଲେ ଆକ୍ରମଣରେ ବ୍ୟବହୃତ ଦୁଇଟି ବାଉଁଶ ବାଡ଼ି ଏବଂ ଘଟଣାର ସିସିଟିଭି ଫୁଟେଜ୍ ପୋଲିସ ଜବତ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୩.୦୯.୨୦୨୬ ତାରିଖ ସନ୍ଧ୍ୟାରେ ଜଗାବଳିଆ କ୍ଲବ୍ ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା ମଇଳା ଟାଙ୍କି ରାସ୍ତା ଦେଇ ଯାଉଥିବା ବେଳେ ନିଶାଗ୍ରସ୍ତ ଅବସ୍ଥାରେ ଶିପୁନ ନାମକ ଜଣେ ଯୁବକ କେ. ଜିତେନ୍ଦ୍ର ରେଡ୍ଡୀ ଓ ତାଙ୍କ ସାଙ୍ଗମାନଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଝଗଡ଼ା କରିଥିଲା । ସେତେବେଳେ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ଥାନାକୁ ଆଣି ବୁଝାସୁଝା କରିଥିଲା । ମାତ୍ର ଏହି ଘଟଣାର ପ୍ରତିଶୋଧ ନେବା ପାଇଁ ସେହି ରାତିରେ ଶିପୁନର ସମ୍ପର୍କୀୟ ତଥା ତା'ର ସହଯୋଗୀ ରାଜା, ବାପୁନି, ଶିକନ, ପବିତ୍ର, କିରଣ, ଆକାଶ, ଆଶିଷ ଏବଂ ରାବଣ ଓରଫ୍ ତପନ ଦତ୍ତ ବାଇକ୍ରେ ବାଉଁଶ ବାଡ଼ି, ଭଙ୍ଗା ବିଅର୍ ବୋତଲ ଓ ଧାରୁଆ ମାରଣାସ୍ତ୍ର ଧରି ଜଗାବଳିଆ କ୍ଲବ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଅଭିଯୁକ୍ତମାନେ ବେଆଇନ୍ ଭାବେ ଏକତ୍ରିତ ହୋଇ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଜିତେନ୍ଦ୍ର ରେଡ୍ଡୀଙ୍କୁ ବାଉଁଶ ବାଡ଼ିରେ ମାରଣାନ୍ତକ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ବଞ୍ଚାଇବାକୁ ଆସିଥିବା ସନ୍ତୋଷ ପ୍ରଧାନ ଓ ଅଜୟ ବେହେରାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ରକ୍ତାକ୍ତ କରିଦେଇଥିଲେ । ଗୁରୁତର ଆହତ ତିନି ଜଣଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ?ରେ ଭର୍ତ୍ତି କରାଯାଇଥିଲା । ପିସିଆର୍ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ । ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରି ଘଟଣାସ୍ଥଳରୁ ଦୁଇଟି ବାଉଁଶ ବାଡ଼ି ଓ ଘଟଣାର ସିସିଟିଭି ଫୁଟେଜ୍ ଜବତ କରିଥିଲା । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ରାବଣ ଓରଫ ତପନ ଦତ୍ତକୁ ପୋଲିସ ଆଜି ତା ୨୮.୧୦.୨୦୨୬ ଅପରାହ୍ନ ୦୧.୩୦ ମିନିଟରେ ବିଧିବଦ୍ଧ ଭାବେ ଗିରଫ କରିଛି । ତାକୁ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ ଆଜି କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସାମିଲ ଥିବା ଅନ୍ୟ ଫେରାର୍ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

# ରାଜଧାନୀରୁ ରସିକିଆ ସ୍ୱାମୀ ଗିରଫ

### ୪ଜଣଙ୍କୁ ବିବାହ କରି ପ୍ରତାରଣା ଦେଉଥିବା ଅଭିଯୋଗ

ଭୁବନେଶ୍ୱର(ନି.ପ୍ର): ପ୍ରଥମ ପତ୍ନୀ ଥିବା ସତ୍ତ୍ୱେ ଲୁଚାଇ ୪ ଥର ବାହା ହେବା, ସ୍ତ୍ରୀ ଓ ନାବାଳିକା ଝିଅଙ୍କୁ ମାଡ଼ ମାରି ବନ୍ଦୀ କରି ରଖିବା ଏବଂ ବଳପୂର୍ବକ ଅସଦାଚରଣ କରିବା ଅଭିଯୋଗରେ ଜଣେ ୫୫ ବର୍ଷୀୟ ଅଭିଯୁକ୍ତକୁ ମହିଳା ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ତାଙ୍କର ଦ୍ୱିତୀୟ ପତ୍ନୀ ପୂର୍ବରୁ ଆତ୍ମହତ୍ୟା କରିଥିବା ଏବଂ ତୃତୀୟ ପତ୍ନୀ ନିର୍ଯାତନା ସହିନପାରି ଘର ଛାଡ଼ି ପଳାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ସୂଚନା ଅନୁସାରେ, ଅଭିଯୋଗକାରିଣୀ ହେଉଛନ୍ତି ଅଭିଯୁକ୍ତଙ୍କର ଚତୁର୍ଥ ପତ୍ନୀ । ତାଙ୍କ ବୟାନ ଅନୁଯାୟୀ, ବିବାହର ପ୍ରାୟ ୪ ବର୍ଷ ପରେ ସେ ଗର୍ଭବତୀ ହେବାରୁ ସେ ଅଭିଯୁକ୍ତଙ୍କର ୪ର୍ଥ ସ୍ତ୍ରୀ ବୋଲି ଜାଣିବାକୁ ପାଇଥିଲେ । ଅଭିଯୁକ୍ତଙ୍କର ପ୍ରଥମ ପତ୍ନୀ ଥିବା ବେଳେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ମୃତ୍ୟୁ ହୋଇସାରିଥିବା ଏବଂ ତୃତୀୟ ପତ୍ନୀ ଅଲଗା ରହୁଥିବା ନେଇ ମଧ୍ୟ ଅଭିଯୋଗକାରିଣୀ ଜାଣିଥିଲେ । ପରେ ଅଭିଯୁକ୍ତ ରଞ୍ଜିତା ନାମ୍ନୀ ଆଉ ଜଣେ ମହିଳାଙ୍କ ସହ ସମ୍ପର୍କ ରଖି ତାଙ୍କୁ ସାଙ୍ଗରେ ରଖିବାରୁ ପାରିବାରିକ ଅଶାନ୍ତି ଦେଖାଦେଇଥିଲା । ଅଭିଯୁକ୍ତର ଏଭଳି ବହୁବିବାହ ଏବଂ ଅତ୍ୟାଚାରରେ ଅତିଷ୍ଠ ହୋଇ ଅଭିଯୋଗକାରିଣୀ ତାଙ୍କୁ ଘୃଣା କରିବା ସହ ତାଙ୍କଠାରୁ ଅଲଗା ରହୁଥିଲେ । ତେବେ ଗତ ୩୦.୦୯.୨୦୨୬ ତାରିଖରେ ଅଭିଯୁକ୍ତ ହଠାତ୍ ପୀଡ଼ିତାଙ୍କ ଘରେ ପଶି ଝିଅର ଜନ୍ମଦିନ ପାଳନ କରିବାକୁ ଜିଦ୍ କରିଥିଲା । ପୀଡ଼ିତା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏହି ସମୟରେ ତାଙ୍କର ନାବାଳିକା ଝିଅ ପ୍ରତିବାଦ କରିବାରୁ ଅଭିଯୁକ୍ତ ନିଜ ଝିଅକୁ ମାଡ଼ ମାରି ଏକ ରୁମ୍ ଭିତରେ ଜୋରଜବରଦସ୍ତ ବନ୍ଦ କରିଦେଇଥିଲେ । ଏହାପରେ ସେ ନିଜ ପତ୍ନୀଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କ ସହ ଅସଦାଚରଣ କରିଥିଲେ ଏବଂ ପୋଲିସରେ ଦେଲେ କିଛି ବି ହେବନାହିଁ ବୋଲି ଧମକ ଦେଇଥିଲା । ଏନେଇ ପୀଡ଼ିତା ମହିଳା ଥାନାରେ ଏତଲା ଦେବା ପରେ ପୋଲିସ ସିଆରପିସି ୧୬୪/ ବିଏନଏସ୍ଏସ୍ ୧୮୩ ଅନୁଯାୟୀ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଇଥିଲେ ଏବଂ ଡାକ୍ତରୀ ମାଇନା କରିଥିଲେ । ଫେରାର୍ ଥିବା ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଥିଲା । ଆଜି ତା ୨୭.୦୧.୨୦୨୬ ଭୋର ପ୍ରାୟ ୬ ଟାରେ ଖଣ୍ଡଗିରି ଅଞ୍ଚଳରେ ଚଢ଼ାଉ କରି ପୋଲିସ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି । ସେ ନିଜ ଦୋଷ ସ୍ୱୀକାର କରିବା ପରେ ଆଜି ସକାଳେ ତାକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି ।

## ଚାମେଲୀଙ୍କ ବିରୋଧରେ ଅନାସ୍ଥାକୁ ଅସିଦ୍ଧ ଘୋଷଣା କଲେ କୋର୍ଟ: ରହିଲା ସରପଞ୍ଚ ପଦ

କଟକ(ନିପ୍ର): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି । ଚାମେଲୀଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍କୁ ରଦ୍ଦ କରିଦେଇଛନ୍ତି ମାନ୍ୟବର କୋର୍ଟ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଓ ଏ ସମ୍ପର୍କିତ ନିୟମାବଳୀ ଉଲ୍ଲଙ୍ଘନରେ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଜାରି କରାଯାଇଥିବା । ଅନାସ୍ଥା ପାଇଁ ବୈଠକ ବସିଥିବା ହାଇକୋର୍ଟରେ ଶୁଣାଣିବେଳେ ସ୍ୱଷ୍ଟ ହୋଇଥିଲା । ସରପଞ୍ଚ ପଦବୀରେ ଚାମେଲୀ ରହିବେ ବୋଲି କୋର୍ଟ ରାୟ ଦେଇଛନ୍ତି । ଗତ ଅଗଷ୍ଟ ୧୧ ତାରିଖରେ ମାମଲା ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ କୋର୍ଟ । ଚାମେଲୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବା ବେଳେ ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ଗତ ଅଗଷ୍ଟ ୧୦ ଏବଂ ୧୧ ତାରିଖ ଦୁଇ ଦିନ ଧରି ମାମଲାର ଶୁଣାଣି ହୋଇଥିଲା । ହାଇକୋର୍ଟ ମଧ୍ୟବର୍ତ୍ତୀ ଆଦେଶରେ ଅନାସ୍ଥା ପାଇଁ ଭୋଟ୍ ହେବ କିନ୍ତୁ ଅଦାଲତଙ୍କ ଅନୁମତି ବିନା ଫଳପ୍ରକାଶ ପାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଚାମେଲୀ ତାଙ୍କ ପିଟିସନ୍ରେ ଦର୍ଶାଇଥିଲେ ଯେ, ଆଇନ ଅନୁସାରେ ଅନାସ୍ଥା ବୈଠକ ପୂର୍ବରୁ ରିଜୋଲ୍ୟୁସନ, ରିକ୍ୟୁଜିସନ ଓ ନୋଟିସର ନକଲ ତାଙ୍କୁ ଯୋଗାଇ ଦିଆଯାଇ ନାହିଁ । ତେଣୁ ତାଙ୍କ ବିରୋଧରେ ଜାରି ଅନାସ୍ଥା ନୋଟିସ ଓ ପ୍ରକ୍ରିୟାକୁ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ । ତେଣୁ କୋର୍ଟ ବୁଧବାର ଚାମେଲୀଙ୍କ ଆବେଦନକୁ ଗ୍ରହଣ କରି ଏହି ରାୟ ପ୍ରକାଶ କରିଛନ୍ତି ।

# ଏସିଆନ୍ ପାରା ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ନୀରଜଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୮/୧୦: କ୍ରୀଡ଼ା ଜଗତରୁ ଆସିଛି ଦୁଃଖଦ ଖବର । ଏସିଆନ୍ ପାରା ଗେମ୍ସରେ ୩ଟି ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଯାଦବ ଆତ୍ମହତ୍ୟା କରିଛନ୍ତି । ଡୋପ୍ ଟେଷ୍ଟ ପରେ ବ୍ୟାନ୍ ହେବା ପରେ ଚାପରେ ଥିଲେ ନୀରଜ । ୪୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ନୀରଜ ତାଙ୍କ ଘରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଦିଲ୍ଲୀର ଏକ ହସ୍ପିଟାଲରେ ନୀରଜଙ୍କ ମୃତଦେହ ପୋଷ୍ଟମର୍ଟମ କରାଯାଇଛି । ସେ ଏପରି ଚରମ ନିଷ୍ପତ୍ତି କାହିଁକି ନେଲେ ତାହା ତଦନ୍ତ ପରେ ଜଣାପଡିବ । ନୀରଜଙ୍କ ବିୟୋଗରେ କ୍ରୀଡ଼ା ଜଗତ ସ୍ତବ୍ଧ ହୋଇଛି । ଜଣେ ଷ୍ଟାର୍ ଆଥଲେଟ୍‌ଙ୍କୁ ହରାଇଛି ଦେଶ । ଭାରତୀୟ ପାରା ଆଥଲେଟିକ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ଏସ୍ ସତ୍ୟନାରାୟଣ କହିଛନ୍ତି, ନୀରଜ ଆତ୍ମହତ୍ୟା କରିବା



ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୪୨ ବର୍ଷୀୟ ନୀରଜଙ୍କ ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ନୀରଜ ଯାଦବ ଚଳିତ ବର୍ଷ ଆଇଚି ନାଗୋୟାରେ ଅନୁଷ୍ଠିତ ଏସୀୟ ପାରା ଗେମ୍ସରେ ଭାଗ ନେଇନଥିଲେ କାରଣ ତାଙ୍କୁ ଡୋପିଂ ପାଇଁ ନିଷିଦ୍ଧ କରାଯାଇଥିଲା । କୁହାଯାଉଛି ଯେ ସେହି ନିଷେଧାଦେଶ ଯୋଗୁଁ ସେ ମଧ୍ୟ ଚିନ୍ତାରେ ଥିଲେ । ଏହି ମାନସିକ ଚିନ୍ତାରେ ହୁଏତ ସେ ଜୀବନ ହାରିବା ପରି ଚରମ ନିଷ୍ପତ୍ତି ନେଇ ଥାଇପାରନ୍ତି । ନୀରଜ ଯାଦବ ଏଫ୍ ୫୫ ବର୍ଗରେ ଖେଳନ୍ତି, ଯେଉଁଥିରେ ସଟ୍ ପୁଟ୍, ଡିସକସ୍ ଥ୍ରୋ ଏବଂ ଜାଭେଲିନ୍ ଥ୍ରୋ ଭଳି ସିଟିଂ ସ୍ପୋର୍ଟସ୍ ଇଭେଣ୍ଟ ଅନ୍ତର୍ଭୁକ୍ତ । ମୁଖ୍ୟ ପ୍ରଶିକ୍ଷକ ଏସ ସତ୍ୟନାରାୟଣ କହିଛନ୍ତି ଯେ, ଆତ୍ମହତ୍ୟା ପଛର କାରଣ ସେ ଜାଣି ନାହାଁନ୍ତି । କିନ୍ତୁ ଯଦି ଆପଣ ମୋତେ ପଚାରିବେ, ମୁଁ କହିବି ଯେ ଜଣେ ଖେଳାଳି ଧୈର୍ଯ୍ୟର ସହିତ ଉତ୍ଥାନ ପତନର ସାମ୍ନା କରିବା ଉଚିତ୍ । ଏହା ଦୁର୍ଭାଗ୍ୟଜନକ ଯେ ସେମାନେ ଏପରି କଠୋର ପଦକ୍ଷେପ ନେଇଛନ୍ତି ।

# ହବିଷ୍ୟାଳୀ କେନ୍ଦ୍ରରେ ରହିଲେ ମାଆମାନେ



ପୁରୀ, ୨୮/୧୦(ନିପ୍ର): ତିନୋଟି ଯାକ ହବିଷ୍ୟାଳୀ କେନ୍ଦ୍ର ଗତକାଲିଠାରୁ ଚଳଚଞ୍ଚଳ ହୋଇ ଉଠିଛି । ଅନଲାଇନ ମାଧ୍ୟମରେ ପଞ୍ଜିକରଣକରି ଯୋଗ୍ୟ ତାଲିକା ଭୁକ୍ତ ହୋଇଥିବା ମାଆମାନେ ୨୫ ତାରିଖରେ ବିଭିନ୍ନ ଜିଲ୍ଲାରୁ ଆସି ନିର୍ଦ୍ଧାରିତ ହବିଷ୍ୟାଳୀ କେନ୍ଦ୍ରମାନଙ୍କରେ ପଞ୍ଜୀକୃତ ହୋଇ, ହବିଷ୍ୟାଳୀ ପରିଚୟ ପତ୍ର ସଂଗ୍ରହ କରି ନିଜନିଜ ରୁମରେ ରହିଥିଲେ । ଗତକାଲି ସଂକଳ୍ପ କରି ବ୍ରତ ଆରମ୍ଭ କରିଥିବା ମାଆ ମାନେ ବୃନ୍ଦାବତୀ ପୂଜା ପରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ସଂଧ୍ୟାରେ ମହାପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଅପରପକ୍ଷରେ ଅଣ ପଞ୍ଜୀକୃତ ମାଆ ଯେଉଁମାନେ ପ୍ରଥମ ଦିନରୁ ଆସିଥିଲେ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସେମାନଙ୍କୁ ରଖାଯାଇଥିଲା, ସେମାନଙ୍କୁ କ୍ଷମତା ଅନୁସାରେ ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ରରେ ରଖାଯାଇଥିଲା । ଏହା ସହ ଚଳିତ ବର୍ଷ ପାଇଁ ହବିଷ୍ୟାଳୀ କେନ୍ଦ୍ରର ସଂପୂର୍ଣ୍ଣ ପଞ୍ଜିକରଣ ଅନଲାଇନ ଓ ଅଫଲାଇନରେ ପୂର୍ଣ୍ଣାଙ୍ଗ ହୋଇସାରିଛି ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି । ହବିଷ୍ୟାଳୀ ମାଆମାନେ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଏହି ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକରେ ରହିବେ ଓ ବ୍ରତ ପାଳନ କରିବେ । ସେମାନଙ୍କ ସୁରକ୍ଷା, ଶୃଙ୍ଖଳା ଓ ସୁବିଧା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

## ପତିତପାବନ ବାନାରେ ପଡ଼ିଲା ଶୂନ୍ୟ ଗଣ୍ଠି



ପୁରୀ, ୨୮/୧୦(ନିପ୍ର): ନୀଳଚକ୍ର ଉପରେ ପତିତପାବନ ବାନାରେ ପଡ଼ିଲା ଶୂନ୍ୟ ଗଣ୍ଠି । ଶ୍ରୀକ୍ଷେତ୍ରରୁ ଝଡି,ବାତ୍ୟା,ବର୍ଷା ପବନ ଗାଏବ । ବାତ୍ୟା ଅର୍ଣ୍ଣବ ପ୍ରଭାବରୁ ପତିତପାବନ ବାନାରେ ପଡ଼ିଲା ଶୂନ୍ୟ ଗଣ୍ଠି । ଆଜି ବର୍ଷା ଓ ପବନ ଲାଗି ରହିଥିବା ବେଳେ ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ଦେଖିବାକୁ ମିଳିଛି । ବିଶ୍ୱାସ ରହିଛି ଶୂନ୍ୟଗଣ୍ଠି ଘରେ ରଖିଲେ ସମସ୍ତ ପ୍ରକାରର ଅସୁବିଧାରୁ ମୁକ୍ତ ମିଳିଥାଏ । ବିପଦ ଆପଦ ଦୂର ହୋଇଥାଏ ବୋଲି ଚୂନରା ସେବକ କହିଛନ୍ତି । ଗତକାଲି ପ୍ରବଳ ପବନ ବହିଥିଲା । ଫଳରେ ପତିତପାବନ ବାନାରେ ଗଣ୍ଠି ପଡିଯାଇଥିଲା । ଗଣ୍ଠି ପଡିଯାଇଥିବା ପତିତପାବନ ବାନା ଉଡୁଛି । ଯାହାକି ଆଜି ସନ୍ଧ୍ୟା ସମୟରେ ଓହ୍ଲାଯାଇଛି । ଏହି ଶୂନ୍ୟ ଗଣ୍ଠିକୁ ଶୁଭ ସଂକେତ କୁହାଯାଏ । ଦେଶ ଓ ରାଜ୍ୟକୁ ଆସୁଥିବା ବିପଦକୁ ମହାପ୍ରଭୁ ଦୂର କରିବାର ଏହା ଏକ ସଙ୍କେତ ବୋଲି ବରିଷ୍ଠ ଦଇତାପତି ସେବାୟତ କରିଛନ୍ତି ।

## ଦମ୍ପତିଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଚେନ ଲୁଟ୍

**ପିପିଲି,୨୮/୧୦(ନିପ୍ର):** ସୋମବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି – ନିମାପଡା ରାସ୍ତାର ଦଳଭାଣପୁର ଛକରେ ଏକ ଦମ୍ପତିଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ଚେନ ଲୁଟ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । କେଶ ନଂ – ୩୧୯/୨୬ ରେ ମାମଲା ଆଗତ ପୂର୍ବକ ଥାନା ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଅଛି । ଅଭିଯୋଗ ମୁତାବକ ନିମାପଡା ଥାନା କନପୁର ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପତ୍ନୀ ପୁଷ୍ପା ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସୋମବାର ରାତିରେ ପୁଷ୍ପା ଓ କୃଷ୍ଣଚନ୍ଦ୍ର ୨ପୁଅ ଝିଅଙ୍କ ସହ ବଳଙ୍ଗା ବଜାରରେ ଥିବା ଏକ ଆୟୁର୍ବେଦ କ୍ଲିନିକ ଔଷଧ ଦୋକାନରୁ ଔଷଧ ନେଇ ଘରକୁ କାର ଯୋଗେ ଫେରୁଥିଲେ । ତେବେ ୪ ଜଣ ଯୁବକ ଏକ କାରରେ ହରିପୁର ବଜାରରୁ ପିଛା କରି ଦଳଭାଣପୁର ଛକ ଠାରେ ପୁଷ୍ପାଙ୍କ କାରକୁ ଅଟକାଇ ଥିଲେ । କୃଷ୍ଣ କାର ଅଟକାଇବା କ୍ଷଣି ଯୁବକମାନେ କୃଷ୍ଣଙ୍କୁ ଅଶ୍ଲୀଳ ଭାଷାରେ ଗାଳି ଗୁଳଜ କରି ତଳକୁ ଭିଡ଼ି ନେଇ ପ୍ରବଳ ମାଡ ମାରିଥିଲେ । ପୁଷ୍ପା ପ୍ରତିବାଦ କରିବାରୁ ଆକ୍ରମଣ କାରୀମାନେ ତାଙ୍କୁ ଭିଡା ଓଟରା କରି ତାଙ୍କ ବେକରେ ଥିବା ସୁନା ଚେନ ସହ ଗାଡିରେ ଥିବା ନଗଦ ୨୦ହଜାର ଟଙ୍କା ଲୁଟି ନେଇଯାଇଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା କର୍ମଶାଳା



ଭୁବନେଶ୍ୱର, ୨୮/୧୦(ପିଆଇବି): ସତର୍କତା ସଚେତନତା ସପ୍ତାହ–୨୦୨୬ ପାଳନ ଅବସରରେ ପୂର୍ବ ତଟ ରେଳପଥର ସତର୍କତା ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଥିବା ପୂର୍ବତଟ ରେଳପଥ ମୁଖ୍ୟାଳୟରେ କର୍ମଶାଳା ଓ ସେମିନାର ଆୟୋଜନ କରାଯାଇଥିଲା । ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କର୍ମଶାଳାରେ ପୂର୍ବ ତଟ ରେଳପଥର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ରାଜେଶ କୁମାର ଶେଖାୱତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ । ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ସାଧୁତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାର ପୂର୍ବଦିନ, ଅର୍ଥାତ୍ ୨୭ ଅକ୍ଟୋବର ୨୦୨୬ରେ, ଏକ ସେମିନାର ଆୟୋଜନ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଉଦ୍‌ବୋଧନ ଦେଇଥିଲେ । ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଆଚାର୍ଯ୍ୟ ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା, ସୁଶାସନକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ପ୍ରତିଫଳିତ କରେ ।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କଲେ ଆଇନ ମନ୍ତ୍ରୀ

**ପୁରୀ, ୨୮/୧୦(ନିପ୍ର):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଇ ପୁରୀ ଶ୍ରୀମନ୍ଦିରରେ ଓବିସିସି ପକ୍ଷରୁ ନିର୍ମାଣାଧୀନ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ଅଗ୍ରଗତି ସମୀକ୍ଷା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ମନ୍ତ୍ରୀ ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହ ଭିତ୍ତିଭୂମି ଓ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ । କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ଗୁଣବତ୍ତା ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେପରି ସୁଗମ, ସୁବ୍ୟବସ୍ଥିତ ଓ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ।

ବ୍ଲକ ପ୍ରଶାସନର ଚରମ ଅବହେଳା

## ଭତ୍ତା ବନ୍ଦ ଯୋଗୁଁ ଖାଦ୍ୟ ଓ ଔଷଧ ବିନା ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ଭାପୁର, ୨୮/୧୦(ନିପ୍ର):** ଭାପୁର ବ୍ଲକ ରାକମା ପଞ୍ଚାୟତ ଶାଳଝରିଆ ଗ୍ରାମରେ ସରକାରୀ ସହାୟତା ବନ୍ଦ ହେବା ଯୋଗୁଁ ଜଣେ ୮୫ ବର୍ଷୀୟା ବୃଦ୍ଧା ନିହଲି ବେହେରା ଚିକିତ୍ସା ଓ ଖାଦ୍ୟ ଅଭାବରୁ ରୋଗଶଯ୍ୟାରେ ଆଖି ବୁଜିବା ଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଦୀର୍ଘ ୨୦ ବର୍ଷ ଧରି ସଫଳତାର ସହ ପାଉଥିବା ବାର୍ଦ୍ଧକ୍ୟ ଭତ୍ତାକୁ ବ୍ଲକ ପ୍ରଶାସନ ଗତ ୫ ମାସ ହେଲା ହଠାତ୍ ବନ୍ଦ କରିଦେଇଥିଲା । ଗାଈ ଚରାଇ ଜୀବିକା ନିର୍ବାହ କରୁଥିବା ତାଙ୍କ ପୁଅ ପାଇଁ ମା'ଙ୍କ ଚିକିତ୍ସା ଓ ଖାଦ୍ୟ ଯୋଗାଇବା ଅସମ୍ଭବ ହୋଇପଡ଼ିଥିଲା । ଭତ୍ତା ପୁନର୍ବାର ଚାଲୁ କରିବା ପାଇଁ ପରିବାର ପକ୍ଷରୁ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା, ଯାହା ଫଳରେ ଗତ ଶୁକ୍ରବାର ଦିନ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଭାପୁର ବ୍ଲକ ପ୍ରଶାସନକୁ ସମ୍ପୂର୍ଣ୍ଣ ଦାୟୀ କରାଯାଇଥିବା ଏହି ଆବେଦନକ୍ରମେ କମିଶନଙ୍କ କାର୍ଯ୍ୟାଳୟରେ ମାମଲା ନଂ ୭୧୩/ଓଏଚ୍ଆରସି/୨୦୨୬ ପଞ୍ଜୀକୃତ ହୋଇଛି ।

## ତଳିଆ ଅଞ୍ଚଳର ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ଆସିକା,୨୮/୧୦(ନିପ୍ର): ବାତ୍ୟା ଅର୍ଣ୍ଣବ କୁ ନେଇ ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ ସଜାଗ ରହିଛି । ଏହି ପରିପେକ୍ଷୀରେ ଆସିକା ମୁନ୍ସିପାଲଟି ପକ୍ଷରୁ ତଳିଆ ଅଞ୍ଚଳ ଲୋକ ମାନଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ଆସିକା ସୁନାମ୍ବ ସାହି ବିଦ୍ୟାଳୟରେ ପ୍ରାୟ ୧୫୦ରୁ ଉର୍ଦ୍ଧ ଲୋକଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ରନ୍ଧା ଖାଦ୍ୟ ବାଣ୍ଟିଛନ୍ତି । ଏହି ସମୟରେ ଆସିକା ମୁନ୍ସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ମାନସୀ ରାଣୀ ସାହୁ, ଟୁକୁ ହୋତା, ସ୍ଥାନୀୟ ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ରହି ଲୋକ ମାନଙ୍କୁ ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ ।

## ବୈତରଣୀ ନଦୀଗର୍ଭକୁ ଭାସିଗଲା ଗଙ୍ଗାମାତା ମନ୍ଦିର



**ଆରଡି, ୨୮/୧୦(ନିପ୍ର):** ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଧାମରା ନିକଟରେ ଅଶାନ୍ତ ହୋଇପଡିଛି ସମୁଦ୍ର । ଏପରିକି ଧାମରା ମୁହାଣରୁ ବୈତରଣୀ ଓ ସାଳନ୍ଦୀ ନଦୀ ଦେଇ ମାଡ଼ି ଆସୁଛି ଉଚ୍ଚ ଜୁଆରଢେଉ । ଏହି ଜୁଆର ଢେଉ ମାଡ଼ରେ ଆରଡିପୀଠ ମୁଁଆଘାଟରେ ଜେଟି ସହ କୂଳକୁ ଲାଗି ଥିବା ମା ଗଙ୍ଗାମାତାଙ୍କ ମନ୍ଦିର ବୈତରଣୀ ନଦୀ ଗର୍ଭକୁ ସମ୍ପୂର୍ଣ୍ଣ ଭାବେ ଭାସିଯାଇଛି । ଗତ ମଙ୍ଗଳବାରଠାରୁ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ନଦୀ ଉଛୁଳିବା ସହ କୂଳ ଖାଉଥିବା ସ୍ଥାନୀୟ ଲୋକ କହିଛନ୍ତି । ବିଶେଷକରି ଭଦ୍ରକ ଜିଲାର ସାଧାରଣ ଲୋକଙ୍କ ସହ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସୁଥିବା ବହୁ ଶ୍ରଦ୍ଧାଳୁଭକ୍ତ ଏହି ବୈତରଣୀ ନଦୀର ମୁଁଆଘାଟ ପାରି ହୋଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଇଥାନ୍ତି । ସେହିପରି କେନ୍ଦ୍ରାପଡ଼ା ସହ ଜଗତସିଂହପୁର, ଯାଜପୁର, କଟକ ଜିଲାର ଅଧିକାଂଶ ଅଞ୍ଚଳରୁ ପ୍ରତିଦିନ ଶହଶହ ଭକ୍ତ ଏହି ବୈତରଣୀ ନଦୀଘାଟରେ ପାର ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥାନ୍ତି ।

## ପ୍ରକାଶ ପାଇଲା ମେଧା ବୃତ୍ତି ପରୀକ୍ଷା ଫଳାଫଳ

**କଟକ, ୨୮/୧୦(ନିପ୍ର):** ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷା-୨୦୨୬ର ଫଳାଫଳ ଆଜି ପ୍ରକାଶ ପାଇଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ସେପ୍ଟେମ୍ବର ୨୨ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଚଳିତବର୍ଷ ଏନଆରଟିଏସ ପରୀକ୍ଷା ପାଇଁ ମୋଟ ୫୬ ହଜାର ୯୫୭ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ । ସେଥିମଧ୍ୟରୁ ୫୫ ହଜାର ୨୦୨ ଜଣ ପରୀକ୍ଷାରେ ଉପସ୍ଥିତ ରହିଥିବାବେଳେ ୧ ହଜାର ୭୫୫ ଜଣ ଅନୁପସ୍ଥିତ ରହିଥିଲେ । ପରୀକ୍ଷାର ଫଳାଫଳ ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.in ରେ ଉପଲବ୍ଧ ହେଉଛି । ଛାତ୍ରଛାତ୍ରୀ ଏହି ୱେବସାଇଟ୍ ମାଧ୍ୟମରେ ନିଜର ଫଳାଫଳ ଜାଣିପାରିବେ ବୋଲି ବୋର୍ଡ଼ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଓମଫେଡ୍‌ର ନୂତନ ଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରଣତି ଛୋଟରାୟ



**ଭୁବନେଶ୍ୱର, ୨୮/୧୦(ନିପ୍ର):** ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଣତି ଛୋଟରାୟ ଓମ୍ଫେଡ୍‌ର ନୂତନ ପରିଚାଳନା ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟରତ ଥିଲେ । ଗତ ୨୭ ତାରିଖରେ ସେ ବିଜୟ ଅମୃତା କୁଲାଙ୍ଗେଙ୍କଠାରୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଓମ୍ଫେଡ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ନୂତନ ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଛୋଟରାୟଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ସ୍ୱାଗତ ସମାରୋହରେ ଓମ୍ଫେଡ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀମତୀ ଛୋଟରାୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଓମଫେଡକୁ ଆଗକୁ ନେବା ସହ ଦୁଗ୍ଧ ଚାଷୀମାନଙ୍କୁ ଆର୍ଥିକ ସଶକ୍ତ କରିବା ଏବଂ ରାଜ୍ୟର ଅର୍ଥନୈତିକ ବିକାଶ ଦିଗରେ ଓମ୍ଫେଡ୍ କିପରି ପ୍ରମୁଖ ଭୂମିକା ଗ୍ରହଣ କରିପାରିବ, ତାକୁ ଦୃଷ୍ଟିରେ ରଖି ସମସ୍ତେ ମିଳିମିଶି କାର୍ଯ୍ୟକରିବାକୁ ଶ୍ରୀମତୀ ଛୋଟରାୟ ପରାମର୍ଶ ଦେଇଛନ୍ତି ।

▶▶ ୨ ବର୍ଷ ଧରି ଅନୁପସ୍ଥିତ ଅଙ୍ଗନବାଡ଼ି ସହାୟିକା

## ୭ ଦିନରେ ହାଜର ହେବାକୁ ଚୂଡ଼ାନ୍ତ ନୋଟିସ୍

ତିଗିରିଆ, ୨୮/୧୦(ନିପ୍ର): ନରସିଂହପୁର ବ୍ଲକ ଅନ୍ତର୍ଗତ ଡିମିରିଆ-୨ ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ଗୀତାଞ୍ଜଳି ମହାଳିକ ଦୀର୍ଘ ଦୁଇ ବର୍ଷ ଧରି ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ତାଙ୍କ ଅନୁପସ୍ଥିତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ଦୁଇଥର ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍ ପଠାଯାଇଥିଲେ ମଧ୍ୟ ତାହା ଫେରି ଆସିଥିଲା । ଏଥିସହ ଗ୍ରାମରେ ବିଜ୍ଞପ୍ତି ଲଗାଯାଇ ତାଙ୍କ ସମ୍ପର୍କରେ ଖୋଜଖବର ନିଆଯାଇଥିଲେ ମଧ୍ୟ କୌଣସି ସୂଚନା ମିଳିନଥିଲା । ଏହି ପରିପ୍ରେକ୍ଷୀରେ, ଗତ ଡିସେମ୍ବର ୬, ୨୦୨୫ ତାରିଖରେ ଡିମିରିଆ ଗ୍ରାମର ସରପଞ୍ଚ, ୱାର୍ଡ ସଦସ୍ୟ, ଗ୍ରାମବାସୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ତାଙ୍କ ସ୍ଥାନରେ ନୂତନ ସହାୟିକା ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମତୀ ମହାଳିକଙ୍କୁ ଚୂଡ଼ାନ୍ତ ନୋଟିସ୍ ଜାରି କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ନରସିଂହପୁର ସିଡିପିଓ କାର୍ଯ୍ୟାଳୟରେ ହାଜର ହୋଇ ନିଜ ପକ୍ଷ ରଖିବାକୁ କୁହାଯାଇଛି । ଧାର୍ଯ୍ୟ ସମୟ ମଧ୍ୟରେ ସେ ହାଜର ନହେଲେ, ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇ ଖାଲି ପଦବୀ ପୂରଣ ନିମନ୍ତେ ନୂତନ ଅଙ୍ଗନବାଡ଼ି ସହାୟିକା ନିଯୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ।

## କୁଚିଣ୍ଡା ଉପଖଣ୍ଡକୁ ମରୁଡ଼ି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କୁଚିଣ୍ଡା, ୨୮/୧୦(ନିପ୍ର): ସମ୍ବଲପୁର ଜିଲ୍ଲା ଅଣଜଳସେଚିତ କୁଚିଣ୍ଡା ଉପଖଣ୍ଡରେ ଚଳିତ ବର୍ଷ ବର୍ଷାର ପ୍ରଭାବୀ ଅଭାବ ଯୋଗୁଁ ଭୟାବହ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ଦ୍ୱାରା ଅଧିକାଂଶ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି । ଏହି ସମସ୍ୟାର ତୁରନ୍ତ ସମାଧାନ ଏବଂ ସମଗ୍ର ଉପଖଣ୍ଡକୁ ମରୁଡ଼ି ଘୋଷଣା କରିବା ଦାବିରେ ସାଇ ବହୁମୁଖୀ ସମବାୟ ସମିତି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ପ୍ରଶାସନକୁ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସମିତିର ସଭାପତି ଅଶୋକ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜରୁରୀ ବୈଠକ ପରେ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ମହାକୁଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସଞ୍ଜୟ କୁମାର ମିଶ୍ରଙ୍କୁ ଏହି ଦାବିପତ୍ର ହସ୍ତାନ୍ତର କରାଯାଇଛି । ଚାଷୀ ପ୍ରତିନିଧିମାନେ ଦର୍ଶାଇଛନ୍ତି ଯେ ଖରିଫ ଋତୁର ପ୍ରଥମାର୍ଦ୍ଧରେ ଭଲ ବର୍ଷା ହୋଇଥିଲେ ହେଁ ଫସଲ ଅମଳ ସମୟରେ ବର୍ଷା ନହେବାରୁ ପ୍ରାୟ ୬୦ ପ୍ରତିଶତ ଧାନ ଫସଲ ଉଜୁଡ଼ି ଯିବା ଆଶଙ୍କା ଦେଖାଦେଇଛି । ଏହାଦ୍ୱାରା ଚାଷୀଙ୍କ ଜୀବନଜୀବିକା ବ୍ୟାହତ ହେବା ସହ କୃଷି ଋଣ ପରିଶୋଧ କରିବା ଏକ ବିରାଟ ବୋଝ ପାଲଟିଛି । ଦାବିପତ୍ରରେ ଉଲ୍ଲେଖ ଥିବା ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ସମସ୍ତ ପଞ୍ଚାୟତର ଗ୍ରାମଗୁଡ଼ିକରେ ତୁରନ୍ତ ସରକାରୀ ସ୍ତରରେ କ୍ଷୟକ୍ଷତି ଆକଳନ କରିବା, ଯୋଗ୍ୟ କୃଷକଙ୍କୁ ଶୀଘ୍ର ଫସଲ ବୀମା ଯୋଗାଇଦେବା, ରବି ଫସଲ ପାଇଁ ପର୍ଯ୍ୟାପ୍ତ ବିହନ, ସାର ଓ କୃଷି ଉପକରଣ ମାଗଣାରେ ପ୍ରଦାନ କରିବା ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ବିଶେଷ ସହାୟତା ରାଶି ପ୍ରଦାନ କରିବା ଅନ୍ତର୍ଭୁକ୍ତ ।

## ଯୁକ୍ତ ୩ ନାମଲେଖା ଫି ଫେରସ୍ତ

ଭୁବନେଶ୍ୱର, ୨୮।୧୦– ଯୁକ୍ତ ତିନି (+୩) ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଦାଖଲ କରାଯାଇଥିବା ନାମଲେଖା ଫି' ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଫେରସ୍ତ କରାଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ନିଜ ବ୍ୟାଙ୍କ ଆକାଉଂଟ ଯାଂଚ କରନ୍ତୁ: କମନ୍ ଆପ୍ଲିକେସନ୍ ଫର୍ମରେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ ଆକାଉଂଟରେ ଟଙ୍କା ଜମା ହୋଇଛି କି ନାହିଁ ଦୟାକରି ଯାଂଚ କରନ୍ତୁ । ଯଦି ଟଙ୍କା ଫେରସ୍ତ ପାଇନାହାନ୍ତି: ତ୍ରୁଟିପୂର୍ଣ୍ଣ ବ୍ୟାଙ୍କ ଖାତା ବିବରଣୀ କିମ୍ବା ଟ୍ରାଞ୍ଜାକସନ ଫେଲ୍ ଯୋଗୁଁ ଯଦି ଆପଣଙ୍କ ଖାତାରେ ଫେରସ୍ତ ଟଙ୍କା ଜମା ହୋଇନଥାଏ, ତେବେ ସଠିକ୍ ବିବରଣୀ ପ୍ରଦାନ କରିବା ଏବଂ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସାମସ୍ ଷ୍ଟୁଡେଂଟ ଲଗ୍ ଇନ୍ ରେ ଶୀଘ୍ର ଏକ ସ୍ୱତନ୍ତ୍ର ଲିଙ୍କ୍ ଉପଲବ୍ଧ ହେବ ।


**OFFICE OF THE NOTIFIED AREA COUNCIL: BHANJANAGAR**
Dist: Ganjam, Odisha,PIN-761126
E-Mail:bhanjanagarn.hud@nic.in, Ph .No. 06821-241107.

13001/2268/2627

Letter No: 2122 Dtd- 27/10/2026

**EXPRESSION OF INTEREST (EOI)**

Bhanjanagar Municipalit y invites EOI from experienced, competent and eligible Agencies/ Suppliers/Bidders for Supply **2 (two) tractors, 1 (one) JCB** for lifting and transportation of garbage from different locations of the newly added rural areas under Bhanjanagar Municipality to the designated processing site.

The Tender Schedules will be available at Sanitation Section of Municipality Bhanjanagr @ Rs 1000/- (Rupees One Thousand) only from **Dt- 28.10.2026, 11.00A.M. to 3.00P.M. of 11.11.2026** (With in Office Hour) and the tender schedule received with in stipulated time period will be **open on same day i.e.11.11.2026 at 4.00 P.M..** in presence of the respective quotationers and their authorized representatives.

The duly filled-in EOI/Tender Schedule along with the required documents shall be submitted within the stipulated time period. The received quotations/EOIs will be **opened on 11.11.2026 at 4.00 P.M.** in the presence of the participating bidders or their authorized representatives.

For any clarification regarding the EOI, interested agencies/bidders may contact the **Sanitation Section, Bhanjanagar Municipality** or communicate through Email: **bhanjanagarn.hud@gmail.com**.

The Authority reserves the right to **accept or reject any or all EOI/quotations and to cancel the process at any stage without assigning any reason thereof.**

Executive Officer
Bhanjanagar(M)

OIPR 13001/13144/1/26-27/0023



E. Mail – rwd.bonai@yahoo.com
25001/1367/2627

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BANAI

**TENDER CALL NOTICE**
**BID IDENTIFICATION NO. ONLINE-EEBNI-14 of 2026-27**

1. Name of the Work :- Building Maintainance Works
2. Total No. of works :- 11 (Eleven) Nos.
3. Estimated cost :- Rs . 2.12 to 3.39 Lakhs
4. Class of contractor :- " C " & "D"Class Only
5. Period of completion :- 01 (One) Month
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Technical + Financial Bid Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-14 of 2026-27 | 31.10.2026 from 11.00 AM | 09.11.2026 upto 05.00 PM | 08.11.2026 upto 5.00 PM | 10.11.2026 11.00 AM |

Further details can be seen from the website www.tendersorissa.gov.in & for more information please visit the office.

16.10.26
Superintending Engineer
RW Division, Banai

OIPR 25001/25200/1/26-27/0015


▶▶ ଷଷ୍ଠ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ବାରାଣସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ



**ଭୁବନେଶ୍ୱର/ପୁରୀ, ୨୮/୧୦(ନିପ୍ର):** ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତ ଆର୍ଥିକ ବର୍ଷର ଷଷ୍ଠ ବାରଣାସୀ-ଅଯୋଧ୍ୟା ଟ୍ରେନର ଶୁଭାରମ୍ଭ ହୋଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ ଠାରେ ବୁଧବାର ପୂର୍ବାହ୍ନ ସମୟରେ ଶୁଭାରମ୍ଭ ଏହି ଟ୍ରେନରେ ୭୭୫ ଜଣ ତୀର୍ଥଯାତ୍ରୀ ଓ ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ଯାତ୍ରା କରିଛନ୍ତି । ସେମାନେ ବାରାଣସୀ ଓ ଅଯୋଧ୍ୟାରେ ତୀର୍ଥାଟନ ଆସନ୍ତା ୨ ତାରିଖରେ ଓଡିଶା ଫେରିବେ । ଚଳିତ ଆର୍ଥିକ ବର୍ଷର ଷଷ୍ଠତମ ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠ ରାମଲାଲାଙ୍କ କ୍ଷେତ୍ରକୁ ଏହି ଯାତ୍ରା ସଫଳ ହେଉ । ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଧ୍ୟ ଲାଭ କରିପାରିବେ । ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବା ସହ ସେହି ସ୍ଥାନର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଥିବା ସେ କହିଛନ୍ତି । ଏହି ଷଷ୍ଠ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି ।


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ